ବର୍ଷ-୨୪, ସଂଖ୍ୟା-୨୪୭
ଭୁବନେଶ୍ୱର
୦୭ ଅକ୍ଟୋବର, ୨୦୨୪ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 247
Bhubaneswar
07 October, 2024, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



## ଯୁଦ୍ଧକୁ ପୂରିବ ବର୍ଷେ | ଆଟାକିଂ ମୋଡ଼ରେ ଇସ୍ରାଏଲ୍

ଜେରୁଜେଲମ,୬।୧୦(ଏଜେନ୍ସି): ଅକ୍ଟୋବର ୭ରେ ଇସ୍ରାଏଲ୍ ଉପରେ ହମାସ ଆକ୍ରମଣକୁ ବର୍ଷେ ପୂରଣ ହେବାକୁ ଯାଉଛି। ମୁସଲିମ ଦେଶଙ୍କ ବିରୋଧରେ ଆକ୍ରମଣକୁ ଜୋରଦାର କରିଛି ଇସ୍ରାଏଲ। ଅନ୍ୟପକ୍ଷରେ ଇରାନର ପ୍ରକ୍ସି ସଂଗଠନମାନେ ଇସ୍ରାଏଲ ଉପରେ ଏକ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛନ୍ତି ବୋଲି ଆମେରିକାର ଗୁପ୍ତଚର ଏଜେନ୍ସି ଏନେଇ ଏଫବିଆଇ ଏକ ସତର୍କ ସୂଚନା ଜାରି କରିଛି।

ଲେବନନର ବେରୁଟରେ ଥିବା ହିଜବୁଲ୍ଲା ସଙ୍ଗଠନର ଆଡ୍ଡା ଉପରେ ଆକ୍ରମଣ କରିଛି ଇସ୍ରାଏଲ ସେନା ଆଇଡିଏଫ। ୨ ହଜାରରୁ ଅଧିକ ହଜବୁଲ୍ଲା ଠିକଣା ଉପରେ ଇସ୍ରାଏ। ଆକ୍ରମଣରେ ୨୫୦ରୁ ଅଅଧିକ ଲୋକଙ୍କ ମୃତ୍ୟୁ ହୋଇଛି। ସିରିଆ-ଲେବାନନ୍ ସୀମାରେ ଇସ୍ରାଏଲ୍‌ର ଆକ୍ରମଣ ଯୋଗୁ ତୃତୀୟ ବିଶ୍ୱ ଯୁଦ୍ଧର ଆଶଙ୍କା ଦେଖା ଦେଇଛି। ହିଜବୁଲ୍ଲା ସଙ୍ଗଠନକୁ ପୁରା ଧ୍ୱଂସ କରିଦେବାକି ଯୋଜନା କରିଛି ଇସ୍ରାଏଲ। ସେଥିପାଇଁ ହିଜବୁଲ୍ଲାର ଅସ୍ତ୍ରଶସ୍ତ୍ର ଯୋଗାଣ ଲାଇନକୁ କାଟିବା ପାଇଁ ଇସ୍ରାଏଲ ପକ୍ଷରୁ ସିରି-ଲେବାନନ୍ ସୀମାରେ ଏକ ବଡ଼ ବିମାନ ଆକ୍ରମଣ କରିଛି।



ସିରିଅେ ନିକଟରେ ଥିବା ଲେବାନନ୍ ସୀମାରେ ବୋମାମାଡ଼ କରି ଆଇଡିଏଫ୍ ଦୁଇ ଦେଶ ମଧ୍ୟରେ ଯୋଗାଯୋଗ ବନ୍ଦ କରିଦେଇଛି। ଏଥିସହ ଇସ୍ରାଏଲ ଆକ୍ରମଣରେ ଲେବାନନ୍‌କୁ ସିରିଆ। ସହିତ ସଂଯୋଗ କରୁଥିବା ୨ କିଲୋମିଟର ଲମ୍ବର ଟନେଲ ନଷ୍ଟ ହୋଇଯାଇଛି। ଏହି ଟନେଲ ମାଧ୍ୟମରେ ହିଜବୁଲ୍ଲାକୁ ଇରାନରୁ ଅସ୍ତ୍ରଶସ୍ତ୍ର ପଠାଯାଉଥିଲା। କୁହାଯାଉଛି ହିଜବୁଲ୍ଲା ଏବେ ନିଜର ଅସ୍ତିତ୍ୱ ପାଇଁ ସଂଗ୍ରାମ କରୁଛି। ଏହାର ସାମରିକ ଶକ୍ତି ପ୍ରାୟ ନଷ୍ଟ ହୋଇଯାଇଛି ସେପଟେ ଇରାନର ତେଲ ଡିପୋ ଉପରେ ଇସାଏଲ ଆକ୍ରମଣ କରିବାକୁ ଯୋଜନା କରୁଥିବା ବେଳେ ଇସ୍ରାଏଲକୁ ଚେତାବନୀ ଦେଇଛି ଇରାନ।

ଇସ୍ରାଏଲର ସହର ସହିତ ଗୋଲାନ୍ ହାଇଟ୍ସ ଉପରେ ମଧ୍ୟ ଅକ୍ରେମଣ କରାଯାଇପାରେ। ବର୍ତ୍ତମାନ ଏହି ଆକ୍ରମଣ ପାଇଁ କେବଳ ଇରାନର ସର୍ବୋଚ୍ଚ ନେତା ଆୟୋତୋଲ୍ଲା ଅଲ୍ଲି ଖାମେନିଙ୍କ ଆଦେଶକୁ ଅପେକ୍ଷା କରାଯାଇଛି। ଯାହା ପରେ ଇରାନର ପ୍ରକ୍ସି ଯୋଦ୍ଧାମାନେ ଗତ ବର୍ଷ ଅକ୍ଟୋବର ୭ ପରି ଆକ୍ରମଣ କରିବେ ବୋଲିଆଶଙ୍କା ପ୍ରକାଶ ପାଇଛି।ତେବେ, ତିନିସ୍ତରୀୟ ପ୍ରତିରକ୍ଷା ବ୍ୟବସ୍ଥା ସ୍ଥାପନ କରି ଆକ୍ରମଣକୁ ରୋକିବା ପାଇଁ ଇସ୍ରାଏଲ ଯୋଜନା କରିଛି। ଏହା ସହିତ ସୀମାରେ ଅତିରିକ୍ତ ନିୟୋଜନ ମଧ୍ୟ କରାଯାଇଛି। ଶୁକ୍ରବାର ଦିନ, ଖାମେନି ଜିହାଦି ଭାଷଣ ଦେଇଥିବାରୁ ଇରାନର ପ୍ରକ୍ସି ସଦସ୍ୟଙ୍କ ଉତ୍ସାହ ବଢ଼ିବାରେ ଲାଗିଛି।ଯେହେତୁ ଖାମେନି ଇସ୍ରାଏଲ ବିରୁଦ୍ଧରେ କହୁଥିଲେ, ଇରାନର ପ୍ରକ୍ସି ସଂଗଠନମାନେ ଇସ୍ରାଏଲର ବିନାଶ ବିଷୟରେ ଯୋଜନା କରିବା ଆରମ୍ଭ କରିଛନ୍ତି। ଏହାର ପରିଣାମ ସ୍ୱରୂପ ଇରାନର ପ୍ରକ୍ସି ସଂଗଠନର ହଜାର ହଜାର ଯୋଦ୍ଧା ଇସ୍ରାଏଲ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ଅଛନ୍ତି ସେମାନେ ଲେବାନନ୍ ଯାଇ ହିଜବୁଲ୍ଲାକୁ ସାହାଯ୍ୟ କରିବାକୁ ଚାହୁଁଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତ

ଭୁବନେଶ୍ୱର,୬।୧୦(ମହାଭାରତ): ଛତିଶଗଡ଼ରେ ସୁରକ୍ଷାକର୍ମୀଙ୍କ ବଡ଼ଧରଣର ନକ୍ସଲ ବିରୋଧୀ ଅପରେସନ୍ ପରେ କେନ୍ଦ୍ର ସରକାର ସତର୍କ ହୋଇଯାଇଛନ୍ତି। ଏ ନେଇ ୮ ନକ୍ସଲପ୍ରବଣ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ନୂଆଦିଲ୍ଲୀରୁ ଡକରା ଆସିଛି। ଏଥିରେ ଅଂଶଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନି ଦିନିଆ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଦିଲ୍ଲୀରେ ମାଓ ମୁକାବିଲାକୁ ନେଇ ଗୃହମନ୍ତ୍ରୀ ଅମିତ ଶାହା ଅଧ୍ୟକ୍ଷତାରେ ବସିବାକୁ ଥିବା ବୈଠକରେ ଦେବେ ଯୋଗ ଦେବେ ଏହା ସହ ମୁଖ୍ୟମନ୍ତ୍ରୀଙ୍କର ଅନେକ କେନ୍ଦ୍ର ମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି।



ଆସନ୍ତାକାଲି ୮ ନକ୍ସଲ ପ୍ରଭାବିତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ କରିବେ ସ୍ୱରାଷ୍ଟ୍ର ଅମିତ ଶାହ ବୈଠକରେ ବିଭିନ୍ନ ରାଜ୍ୟରେ ଚାଲିଥିବା ନକ୍ସଲ ଦମନ ଅଭିଯାନ ଓ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା ହେବ। ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଏହି ବୈଠକ ବସିବ। ବୈଠକରେ ଆନ୍ଧ୍ରପ୍ରଦେଶ, ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ତେଲଙ୍ଗାନା, ଓଡ଼ିଶା, ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗଦେବେ। ଏହି ବୈଠକରେ ଏଲଡବ୍ଲୁଇ ପ୍ରଭାବିତ ରାଜ୍ୟଗୁଡ଼ିକୁ ବିକାଶ ସହାୟତା ଯୋଗାଇଦେବା ସହ ଜଡ଼ିତ ୫ ଜଣ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଯୋଗଦେବେ ଜାତୀୟ ସୁରକ୍ଷାର ଉପ ପରାମର୍ଶଦାତା ଏବଂ କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍)ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିବେ।

## ଜଳିଗଲେ ଦୁଇ ଡ୍ରାଇଭର

କୁଚିଣ୍ଡା, ୬।୧୦ମହାଭାରତ): କୁଚିଣ୍ଡାର ଜାତୀୟ ରାଜପଥ-୫୩ ରେ ଜମନକିରା ପୋଲିସ ଅନ୍ତର୍ଗତ କାଦଲିପାଲା ଅଞ୍ଚଳ ନିକଟରେ ଏକ ଟ୍ରକ ସହ କଣ୍ଟେନର ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଡ୍ରାଇଭର ଜୀବନ୍ତ ଦଗ୍ଧ ହୋଇଯାଇଥିବା ସୂଚନା ମିଳିଛି।



ଜଣେ ମୃତକଙ୍କ ନାମ ରେହମାନ ଖାନ ବୋଲି ଜଣାପଡିଛି। ଖଲାସୀ ଗୁରୁତର ଆହତ ହୋଇଛି। ତାଙ୍କୁ ଉଦ୍ଧାର କରାଯାଇ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଟ୍ରକ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

ଆଜି ସନ୍ଧ୍ୟା ପ୍ରାୟ ସାଢ଼େ ୭ଟା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାପରେ ରାସ୍ତାରେ ଟ୍ରକ୍ ଓ କଣ୍ଟେନର ଜଳୁଥିବାରୁ ଗାଡ଼ି ଚଳାଚଳ ଠପ୍ ହୋଇଯାଇଥିଲା। ଦୁର୍ଘଟଣା ଏତେ ଏତେ ତୀବ୍ର ଥିଲା ଯେ, ଉଭୟ ଗାଡିରେ ନିଆଁ ଲାଗିଯାଇଥିଲା କୁହାଯାଉଛି ଯେ, ଉଭୟ ଗାଡିର ଡ୍ରାଇଭର ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିଲେ। ଜାତୀୟ ରାଜପଥର ଦୁଇ ପାର୍ଶ୍ୱରେ ଶହଶହ ଗାଡ଼ି ଦୀର୍ଘ ସମୟ ପାଇଁ ଅଟକି ରହିଥିଲା ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ନିଆଁ ଲିଭିବା ପରେ ଟ୍ରକ୍ ଚାଳକଙ୍କ ମୃତଦେହ ଉଦ୍ଧାର କରିଥିଲେ ଅଗ୍ନିଶମ କର୍ମଚାରୀ। ଏବେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

## ପିଜିଟି ଲିଖିତ ପରୀକ୍ଷା ବାତିଲ୍

ଭୁବନେଶ୍ୱର,୬।୧୦: ପୋଷ୍ଟ ଗ୍ରାଜୁଏଟ ଟିଚର୍ସ (ପିଜିଟି) ନିଯୁକ୍ତି ନେଇ ଆଜି ୩ଟି ଅପ୍‌ସନାଲ ସବ୍‌ଜେକ୍ଟ- ପଦାର୍ଥ ବିଜ୍ଞାନ, ଗଣିତ ଓ ଓଡ଼ିଆ (ପେପର-୧ ଓ ପେପର -୨) ପାଇଁ ହେବାକୁ ଥିବା ଲିଖିତ ପରୀକ୍ଷାକୁ ବାତିଲ କରି ଦିଆଯାଇଛି ଏନେଇ ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସସି ) ପକ୍ଷରୁ ସୂଚନା ଦିଆଯାଇଛି। ଅନିବାର୍ଯ୍ୟ କାରଣ ଦର୍ଶାଇ ଏହି ପରୀକ୍ଷା ବାତିଲ୍ କରିଛି ଓପିଏସସି। ତେବେ ଅନ୍ୟ ଅପ୍‌ସନାଲ ସବ୍‌ଜେକ୍ଟର ଲିଖିତ ପରୀକ୍ଷା ଧାର୍ଯ୍ୟ ସୂଚୀ ଅନୁସାରେ କରାଯିବ। ପଦାର୍ଥ ବିଜ୍ଞାନ, ଗଣିତ ଓ ଓଡ଼ିଆ ଅପ୍‌ସନାଲ ସବ୍‌ଜେକ୍ଟ (ପେପର -୧ ଓ ପେପର -୨) ପାଇଁ ଲିଖିତ ପରୀକ୍ଷା ବାତିଲ ହୋଇଥିବା ବେଳେ ନୂଆ। ତାରିଖ ନେଇ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଓପିଏସସି ତରଫରୁ କୁହାଯାଇଛି। ସେଥିପାଇଁ ଓପିଏସସିର ୱେବସାଇଟକୁ ନିୟମିତ ଭାବେ ଦେଖିବା ପାଇଁ ପ୍ରାର୍ଥୀମାନଙ୍କୁ କମିଶନଙ୍କ ତରଫରୁ ପରାମର୍ଶ ଦିଆଯାଇଛି।

## ଆଜି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଘରୋଇ ବସ ବନ୍ଦ

ଭୁବନେଶ୍ୱର,୬।୧୦(ମହାଭାରତ): ଲକ୍ଷ୍ମୀ ବସ୍ ସେବାକୁ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ବିରୋଧ କରାଯାଇ ଆସନ୍ତାକାଲି ୨୪ ଘଣ୍ଟିଆ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଘରୋଇ ବସ୍ ସେବା ବନ୍ଦ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଘରୋଇ ବସ୍ ସେବା ବନ୍ଦ ହେଲେ ଯାତ୍ରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେବେ। ଏହା ପୂର୍ବରୁ ରାଜ୍ୟ ସରକାର ଘରୋଇ ବସ୍ ମାଲିକ ସଂଘକୁ ଆଲୋଚନା ପାଇଁ ଡାକିଛନ୍ତି।

ଏ ସଂପର୍କରେ ସଡ଼କ ଓ ପରିବହନ ମନ୍ତ୍ରୀ ବିଭୂତି ଜେନା ଦକ୍ଷିଣାଞ୍ଚଳ ଓ ପଶ୍ଚିମାଞ୍ଚଳ ଘରୋଇ ବସ୍ ସଂଘ ମାଲିକମାନଙ୍କୁ ଆଲୋଚନା ପାଇଁ ଡାକିଛନ୍ତି। ଆସନ୍ତାକାଲି ଅଲୋଚନା ହେବ ଓ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରାଯିବ। ତେଣୁ ବସ୍ ଚଳାଚଳ ବନ୍ଦ ନ କରି ଆଲୋଚନା ପାଇଁ ଆସନ୍ତୁ ବୋଲି ଅନୁରୋଧ କରିଛନ୍ତି ମନ୍ତ୍ରୀ ଶ୍ରୀ ଜେନା। ପଞ୍ଚାୟତରୁ ବ୍ଲକକୁ ଲୋକ ହେଉନଥିବା ଯୋଗୁଁ ବସ୍ ଖାଲି ପଡୁଛି। ବସ୍ ଚାଲିବ ଓ କେବଳ ରୂପରେଖ ପରିବର୍ତ୍ତନ ହେବ ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।



ଲକ୍ଷ୍ମୀ ବସ୍ ସେବାକୁ ଘରୋଇ ବସ୍ ମାଲିକ ସଂଘ ପ୍ରଥମରୁ ବିରୋଧ କରି ଆସୁଛି। ବର୍ତ୍ତମାନ ଲକ୍ଷ୍ମୀ ବସ୍ ଟାଇପ-୨ ସେବା ଯୋଗାଇବା ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏହାକୁ ଘରୋଇ ବସ୍ ମାଲିକ ସଂଘ ଜୋର୍‌ଦାର ବିରୋଧ କରିଛି। ଏନେଇ ଜୟପୁର ଘରୋଇ ବସ୍ ମାଲିକ ସଂଘ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା ଲକ୍ଷ୍ମୀ ବସ୍ ଚଳାଚଳକୁ ବିରୋଧ କରି ଆସନ୍ତା ସୋମବାର ସନ୍ଧ୍ୟା ୬ଟାରୁ ମଙ୍ଗଳବାର ସନ୍ଧ୍ୟା ୬ ଯାଏଁ ବନ୍ଦ ରହିବ ବୋଲି ଜୟପୁର ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ନରେନ୍ଦ୍ର ମହାନ୍ତି କହିଛନ୍ତି।

ବିଗତ ଦିନରେ ଲକ୍ଷ୍ମୀ ବସ୍ ସେବା ଆରମ୍ଭ ହେବା ପରେ ଘରୋଇ ବସ୍ ମାଲିକମାନେ କ୍ଷତି ସହିବାରୁ ଆନ୍ଦୋଳନକୁ ଓହ୍ଲାଇ ଥିଲେ ପରେ ତତ୍କାଳୀନ ବିଜେଡି ସରକାର ରାଜ୍ୟ ସଂଘ ସହ ଆଲୋଚନା କରିଥିଲେ। ଟାଇପ-୧ ଲକ୍ଷ୍ମୀ ବସ୍ ଚଲାଇବାକୁ ରାଜି ହୋଇଥିଲେ। ସେହି ସମୟରେ ବିରୋଧୀ ଦଳରେ ଥିବା ଆଜିର ବିଜେପି ସରକାର ରାଜ୍ୟ ଘରୋଇ ବସ୍ ମାଲିକ ସଂଘକୁ ସମର୍ଥନ କରିଥିଲେ। ବର୍ତ୍ତମାନ ବିଜେପି ଶାସନକୁ ଆସିବା ପରେ ଟାଇପ-୨ ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିବାକୁ ଯାଉଛନ୍ତି। ଏହାକୁ ସଂଘ ତରଫରୁ ବିରୋଧ କରାଯାଉଛି। ଟାଇପ-୧ ପଞ୍ଚାୟତରୁ ବ୍ଲକ୍, ଟାଇପ-୨ରେ ବ୍ଲକରୁ ଜିଲା ସଦରମହକୁମା ଯାଏଁ ଲକ୍ଷ୍ମୀ ବସ୍ ଚାଲିବ ବୋଲି କୁହାଯାଇଥିଲା।

ସଂଘ ପକ୍ଷରୁ ବିରୋଧ କରାଯିବାରୁ ଟାଇପ-୨ରେ ସେବାକୁ ସରକାର ସ୍ଥଗିତ ରଖିଥିଲେ ବର୍ତ୍ତମାନ ଟାଇପ-୨ରେ ଲକ୍ଷ୍ମୀ ବସ୍ ଚଲାଇବାକୁ ଏକ ସଂସ୍ଥା ଆବେଦନ କରି ସାରିଛି। ଏହାକୁ ବିରୋଧ କରି ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାର ଘରୋଇ ବସ୍ ମାଲିକ ସଂଘ ତରଫରୁ ବିରୋଧ କରି ବନ୍ଦ ଡାକରା ଦିଆଯାଉଥିବା ଶ୍ରୀ ମହାନ୍ତି କହିଛନ୍ତି ବେସରକାରୀ ବସ୍ ମାଲିକମାନେ ଦୁର୍ଗମ ଅଞ୍ଚଳକୁ କ୍ଷତି ସହି ମଧ୍ୟ ଗାଡି ଚଳାଚଳ କରୁଛନ୍ତି ସେମାନଙ୍କୁ ସରକାରୀସ୍ତରରେ ପ୍ରୋତ୍ସାହନ ଦେବା ବଦଳରେ ବୋଝ ଦିଆଯାଉଛି। ବେସରକାରୀ ସଂସ୍ଥାକୁ ଯେମିତି ରିହାତି ଦେଇ ଲକ୍ଷ୍ମୀ ଟାଇପ-୨ ଚଲାଇବାକୁ ସୁଯୋଗ ଦେଇଛନ୍ତି।

ସେହିପରି ସୁଯୋଗ ଘରୋଇ ବସ୍ ମାଲିକମାନଙ୍କୁ ଦେଲେ ବିରୋଧ କରାଯିବ ନାହିଁ ବୋଲି ସଂଘ ତରଫରୁ କୁହାଯାଇଛି। ଦଶହରା ସମୟରେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରେ ଘରୋଇ ବସ ସେବା ୨୪ ଘଣ୍ଟା ବନ୍ଦ ରହିଲେ; ନିଶ୍ଚିତ ଭାବେ ସାଧାରଣ ଜନତାଙ୍କ ଉପରେ ଏହାର ପ୍ରଭାବ ପଡ଼ିବ।

## ର୍‍ୟାଗିଙ୍ଗ କରିବା ମହଙ୍ଗା ପଡ଼ିଲା

ବ୍ରହ୍ମପୁର,୬।୧୦(ମହାଭାରତ): ବ୍ରହ୍ମପୁରରେ ହୋଇଥିବା ରାଗିଂ ଘଟଣାର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ୧୭ ଜଣ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି ୟୁଜିସିର ଆଣ୍ଟିରାଗିଂ ଘଟଣାରେ ସଂପୃକ୍ତ ଥିବା ୪ଜଣ ଛାତ୍ରଙ୍କୁ ସପ୍ତାହେ ମଧ୍ୟରେ ହଷ୍ଟେଲ୍ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସଂପୃକ୍ତ ଥିବା ଅନ୍ୟ ୧୩ଜଣ ଛାତ୍ରଙ୍କୁ ହଜାର ଟଙ୍କ ସହିତ ଅଣ୍ଡରଟେକିଂ ଦାଖଲ କରିବାକୁ କୁହାଯାଇଛି।

ସୂଚନା ଅନୁସାରେ ଗତ ମାସ ୨୧ ତାରିଖ ରାତିରେ ନୂତନ ଛାତ୍ରାବାସରେ ରହୁଥିବା ପ୍ରଥମ ବର୍ଷ ଛାତ୍ରଙ୍କୁ ଅନ୍ୟ ହଷ୍ଟେଲର ଦ୍ୱିତୀୟ ବର୍ଷ ଛାତ୍ରମାନେ ମାନସିକ ନିର୍ଯାତନା ସହ ରାଗିଂ କରିଥିବା ନେଇ ୟୁଜିସିର ଆଣ୍ଟିରାଗିଂ ସେଲରେ ଅଭିଯୋଗ ହୋଇଥିଲା। ୟୁଜିସି ପକ୍ଷରୁ ୨୨ତାରିଖ ଦିନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲା। ଘଟଣାର ତଦନ୍ତ କରିଛି ବିଶ୍ୱବିଦ୍ୟାଳୟର ଆଣ୍ଟିଂ ରାଗିଂ କମିଟିର ୧୨ଜଣିଆ ଟିମ୍ ରିପୋର୍ଟକୁ ଆଧାର କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନାଗାବଳୀ, ଋଷିକୁଲ୍ୟା ଓ ବଂଶଧାରା ହଷ୍ଟେଲରେ ରହୁଥିବା ୪ ଜଣ ଛାତ୍ରଙ୍କୁ ହଷ୍ଟେଲ୍ ଛାଡ଼ିବାକୁ କୁହାଯାଇଛି।

ତଦନ୍ତକାରୀ ଦଳ ସିସି କ୍ୟାମେରା ଫୁଟେଜ୍‌କୁ ଆଧାର କରି ରାଗିଂ କରିଥିବା ଛାତ୍ରଙ୍କୁ ଚିହ୍ନଟ କରି ପଚରାଉଚରା କରିଥିଲେ। ଏହି ଘଟଣାରେ ତଦନ୍ତ ରିପୋର୍ଟ ଗତକାଲି କୁଳପତିଙ୍କୁ ପ୍ରଦାନ କରିଥିଲେ।

## ବାୟୁ ସେନାର ଏୟାର ଶୋ ଦେଖିବାକୁ ପ୍ରବଳ ଭିଡ଼

### ଚାଲିଗଲା ୫ ବ୍ୟକ୍ତିଙ୍କ ଜୀବନ

ଚେନ୍ନାଇ,୬।୧୦: ଏୟାର ଶୋ ଦେଖିବାକୁ ଆଜି ଚେନ୍ନାଇର ମରୀନା ବିଚ୍‌କୁ ଯାଇଥିବା ୫ ଜଣ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଜଣେ ହିଟ୍ ଷ୍ଟ୍ରୋକ୍‌ରେ ପ୍ରାଣ ହରାଇଥିବା ଡାକ୍ତରମାନେ କହିଛନ୍ତି।ସେହିପରି ଖରାରେ ବହୁ ସମୟ ଧରି ଛିଡ଼ା ହେବା ଯୋଗୁ ଡିହାଇଡ୍ରେସନ ହୋଇ ଆହୁରି ୨୩୦ରୁ ଅଧିକ ଲୋକ ଅସୁସ୍ଥ ହୋଇପଡ଼ିଛନ୍ତି ସେମାନଙ୍କୁ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।ମୃତକମାନଙ୍କୁ ଚିହ୍ନ କରାଯାଇଛି ସେମାନେ ହେଉଛନ୍ତି ଶ୍ରୀନିବାସ (୪୮), କାର୍ତ୍ତିକେୟନ (୩୪) ଓ ଜନ୍ (୫୬)।



୯୨ତମ ଭାରତୀୟ ବାୟୁସେନା ଦିବସ ପାଳନ ଅବସରରେ ଏହି ଏୟାର ଶୋର ଆୟୋଜନ କରାଯାଇଥିଲା ଏୟାର ଶୋ ସକାଳ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା ୧୬ ଲକ୍ଷ ଲୋକଙ୍କ ଏକତ୍ର କରି ଲିମକା ବୁକ୍ ଅଫ୍ ୱର୍ଲ୍ଡ ରେକର୍ଡସରେ ସାମିଲ ହେବା ଏହି ଏୟାର ଶୋର ଲକ୍ଷ ଥିଲା ।

ସକାଳ ୧୧ଟା ପୂର୍ବରୁ ଲୋକେ ମରୀନା ବିଚ୍‌ରେ ଜମା ହୋଇଥିଲେ ଏମିତିକି ଭଲ ଜାଗା ଦେଖି ଛିଡ଼ା ହେବା ପାଇଁ ଅନେକ ସକାଳ ୮ଟାରୁ ଆସି ସେଠାରେ ପହଞ୍ଚି ଯାଇଥିଲେ। ।ତେବେ ଜୋର ଖରା ହେଉଥିବାରୁ ଲୋକେ ଅସ୍ତବ୍ୟସ୍ତ ହୋଇପଡ଼ିଥିଲେ। ବହୁ ଲୋକ ଛତା ଧରି ଛିଡ଼ା ହୋଇଥିବା ଦେଖିବାକୁ ମିଳିଥିଲା। ଖରା ଯୋଗୁ ଏୟାର ଶୋ ଆରମ୍ଭ ହେବା ପୂର୍ବରୁ ହିଁ କିଛି ଲୋକ ଅଚେତ ହୋଇଯାଇଥିଲେ।ପ୍ରବଳ ଜନ ସମାଗମକୁ ଦୃଷ୍ଟିରେ ରଖି ମରୀନା ବିଚ୍ ପାଖାପାଖି ଥିବା ଉଠା ଦୋକାନଗୁଡ଼ିକୁ ଉଠାଇ ଦିଆଯାଇଥିଲା ।ଫଳରେ ସେଠାକୁ ଏୟାର ଶୋ ଦେଖିବାକୁ ଆସିଥିବା ଲୋକେ ପାଣି ଟିକେ ପିଇବାକୁ ପାଇ ନଥିଲେ ଓ କଲବଲ ହୋଇଥିଲେ ଏହା ଦେଖି ଆଖପାଖରେ ରହୁଥିବା ଲୋକେ ପାଣି ଆଣି ଆବଶ୍ୟକ କରୁଥିବା ଲୋକଙ୍କୁ ଦେଇଥିଲେ। ଏୟାର ଶୋ ଶେଷ ହେବା ପରେ ଲୋକେ ଏକାବେଳେ ସେଠାରୁ ଚାଲିଯିବାକୁ ବାହାରିଲେ ଫଳରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା ଲୋକଙ୍କୁ ଅନେକ ସମୟ ଧରି ରାସ୍ତାରେ ଅପେକ୍ଷା କରିବାକୁ ପଡ଼ିଥିଲା।

## ପରିବାରର ୭ ଜଳିଗଲେ

ନୂଆଦିଲ୍ଲୀ,୬।୧୦(ମହାଭାରତ): ଭୟଙ୍କର ଅଗ୍ନିକାଣ୍ଡ ଘରେ ନିଆଁ ଲାଗି ଜଳିଗଲେ ଗୋଟିଏ ପରିବାରର ୭ ଜଣ ଏଭଳି କିଛି ଘଟଣା ଘଟିଛି ମୁମ୍ବାଇର ଚେମ୍ବୁର ଅଞ୍ଚଳରେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳି ଯାଇଛି।

ଆଜି ସକାଳୁ ମୁମ୍ବାଇ ଚେମ୍ବୁର ଅଞ୍ଚଳର ସିଦ୍ଧାର୍ଥ କଲୋନୀରେ ଥିବା ଏକ ଘରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା। ଭୋର୍ ସାଢ଼େ ୪ଟା ବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଗୋଟିଏ ପରିବାରର ୭ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଦୁଇ ଜଣ ଛୋଟ ଛୁଆ। ମଧ୍ୟ ଅଛନ୍ତି। ଏହି ଦୁର୍ଘଟଣା ଜି + ୨ ର ଏକ ଘରେ ଘଟିଥିଲା। ଏହି ଘର ତଳେ ଏକ କରାଣି ଦୋକାନ ଥିଲା ଏବଂ ଦୋକାନ ଉପରେ ୨ ମହଲା ବିଶିଷ୍ଟ ଏକ ଛୋଟ ଘର ତିଆରି ହୋଇଥିଲା। ଦୋକାନରେ ସର୍ଟ ସର୍କିଟ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଉଛି। ପରେ ନିଆଁ ପୂରା ଘରେ ବ୍ୟାପି ଯାଇଥିଲା ନିଆଁ ଲାଗିବା ସମୟରେ ପୂରା ପରିବାର ଗୋଟିଏ ରୁମ୍‌ରେ ଶୋଇଥିଲେ। ଏମାନେ ସମସ୍ତେ ଜୀବନ୍ତ ଦଗ୍ଧ ହୋଇ ଯାଇଛନ୍ତି।

## ୭ ଶିଶୁଙ୍କ ସଲିଳସମାଧି

ସାସାରାମ,୬।୧୦(ଏଜେନ୍ସି): ଆଜି ବିହାରର ସାସାରାମର ତୁମ୍ବା ଗ୍ରାମ ନିକଟ ସୋନ ନଦୀରେ ଗାଧୋଇବାକୁ ଯାଇଥିବା ବେଳେ ତିନି ଝିଅଙ୍କ ସମେତ ୭ ଜଣ ପିଲା ବୁଡ଼ି ଯାଇଛନ୍ତି । ପାଞ୍ଚଜଣ ଶିଶୁଙ୍କ ମୃତଦେହ ଉଦ୍ଧାର କରାଯାଇଛି ।ଦୁଇ ପିଲାଙ୍କ ସନ୍ଧାନ ଜାରି ରହିଛି। ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ବରିଷ୍ଠ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଛନ୍ତି।

ଉଦ୍ଧାର ହୋଇଥିବା ପାଞ୍ଚ ପିଲାଙ୍କ ମଧ୍ୟରୁ ତିନିଜଣଙ୍କର



ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ଦୁଇ ପିଲାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ସାହାଯ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ଯେଉଁଠାରେ ଡାକ୍ତରମାନେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ବୁଡ଼ି ଯାଇଥିବା ପିଲାମାନଙ୍କ ମଧ୍ୟରେ ୧୦ ବର୍ଷୀୟ କେଦାର ଗୌଡ଼, ୧୨ ବର୍ଷୀୟ ବିବେକ କୁମାର, ୧୦ ବର୍ଷୀୟ ଟୁନୁ ଗୌଡ଼, ୧୩ ବର୍ଷୀୟ ନାବ୍ୟା କୁମାରୀ, ୧୨ ବର୍ଷୀୟ ନିଧି କୁମାରୀ ପ୍ରମୁଖ ରହିଛନ୍ତି।

ସେହିପରି ୮ ବର୍ଷୀୟ ଗୁଞ୍ଜୁନ କୁମାରୀ ଓ ଅନ୍ୟ ଜଣେ ଏବେ ବି ନିଖୋଜ ଅଛନ୍ତି। ମିଳିଥିବା ସୂଚନା ମୁତାବକ ପିଲାମାନେ ଆଜି ଅପରାହ୍ନରେ ସୋନ ନଦୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ଜଣଙ୍କର ପାଦ ଖସିଗଲା ଏବଂ ତାଙ୍କୁ ବଞ୍ଚାଇବା ପାଇଁ ସମସ୍ତେ ଧୀରେ ଧୀରେ ନଦୀର ଗଭୀର ଜଳକୁ ଚାଲିଯାଇଥିଲେ।ଏହା ଦେଖିବା ପରେ ସ୍ଥାନୀୟ ବାସିନ୍ଦା ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ତେବେ ୫ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା ଓ ଆଉ ଦୁଇ ଜଣଙ୍କୁ ଏବେ ବି ଖୋଜା ଚାଲିଛି।

## ୯ରେ ପୁଣି ଆସିବ ସୁଭଦ୍ରା ଟଙ୍କା

ଭୁବନେଶ୍ୱର,୬।୧୦(ମହାଭାରତ): ସୁଭଦ୍ରା ହିତାଧିକାରୀଙ୍କ ପାଇଁ ରାଜ୍ୟ ସରକାର ପୁଣି ଖୁସି ଖବର ଆଣିଛନ୍ତି। ଆସନ୍ତା ୯ ତାରିଖ ଦିନ ଏହି ଯୋଜନା ସହିତ ଜଡ଼ିତ ହିତାଧିକାରୀମାନେ ଟଙ୍କା ପାଇବେ। ୨୦୨୪ ଅକ୍ଟୋବର ୯ ତାରିଖ ପୂର୍ବରୁ ରାଜ୍ୟ ସରକାର ପୂର୍ବ ଭଳି ପରୀକ୍ଷାମୂଳକ ଭାବେ ୧ ଟଙ୍କା ପଠାଇବେ। ତାପରେ ପ୍ରଥମ କିସ୍ତିର ବାକି ୪,୯୯୯ ଟଙ୍କା ପଠାଇବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବାରିପଦାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଟଙ୍କା ଜାରି କରିବେ। ଶ୍ରୀମତୀ ପରିଡ଼ା ମୟୂରଭଞ୍ଜରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀମାନଙ୍କୁ ଟଙ୍କା ପଠାଇବେ।

ଆସନ୍ତା ୯ ତାରିଖ ପୂର୍ବରୁ ରାଜ୍ୟ ସରକାର ପୂର୍ବ ଭଳି ପରୀକ୍ଷାମୂଳକ ଭାବେ ସୁଭଦ୍ରା ହିତାଧିକାରୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧ ଟଙ୍କା ପଠାଇବେ ତାପରେ ପ୍ରଥମ କିସ୍ତିର ବାକି ୪,୯୯୯ ଟଙ୍କା ପଠାଇବେ। ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ରାଜ୍ୟ ସରକାର ସୁଭଦ୍ରା ଯୋଜନାର ହିତାଧିକାରୀମାନଙ୍କୁ ସର୍ବ ପ୍ରଥମେ ୧ ଟଙ୍କା ପଠାଇବେ ପରେ ବାକି ଟଙ୍କା ଖାତାକୁ ଆସିବ।ଏହି ପର୍ଯ୍ୟାୟରେ ୪୦ ହଜାର ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଆସିବ। ତେବେ ଯେଉଁମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଏହି ପର୍ଯ୍ୟାୟରେ ଟଙ୍କା ଆସିବ ନାହିଁ, ସେମାନେ ଆଗାମୀ ଦିନରେ ପାଇବେ।

ସୂଚନାଯୋଗ୍ୟ, ସୁଭଦ୍ର ଯୋଜନାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନ ଅବସରରେ ଗତମାସ ୧୭ ତାରିଖ ଦିନ ୨୫ ଲକ୍ଷ ୧୧ ହଜାର ହିତାଧିକାରୀଙ୍କୁ ପ୍ରଥମ କିସ୍ତିର ଟଙ୍କା ମିଳିଥିଲା ବୋଲି ରାଜ୍ୟ ସରକାର କହିଥିଲେ। ରାଜ୍ୟ ସରକାର ଆହୁରି ମଧ୍ୟ କହିଥିଲେ ଯେ, ଯେଉଁମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ଯାଇନାହିଁ, ବ୍ୟସ୍ତ ହୁଅନ୍ତୁ ନାହିଁ ଶେଷ ହିତାଧିକାରୀଙ୍କ ପର୍ଯ୍ୟନ୍ତ ଟଙ୍କା ପହଞ୍ଚିବ। ଏଥି ପାଇଁ ୨୦୨୫ ମାର୍ଚ୍ଚ ୮ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କିସ୍ତିରେ ଟଙ୍କା ଯିବ।



# ଜୀବନଚର୍ଯ୍ୟା





## ମୁଗଡାଲି କଟ୍‌ଲେଟ୍

ଆବଶ୍ୟକ ସାମଗ୍ରୀ: ମୁଗ ଡାଲି,ସିଝା ଆଳୁ, ବ୍ରେଡ କ୍ରମ୍, କଟା ଧନିଆପତ୍ର, ଧନିଆ ଗୁଣ୍ଡ, ଲଙ୍କା ଗୁଣ୍ଡ,ଗରମ ମସଲା, ହେଙ୍ଗୁ, କଟା ଅଦା କଞ୍ଚାଲଙ୍କା, ସ୍ୱାଦ ଅନୁସାରେ ଲୁଣ ଓ ତେଲ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଗୋଟିଏ ପାତ୍ରରେ ସିଝା ଆଳୁ, ମୁଗ ଡାଲି, ଲଙ୍କା ଗୁଣ୍ଡ, ଲୁଣ ଗରମ ମସଲା,କଟା ଅଦା, ଧନିଆ ପତ୍ର ,ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କା ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ଏହି ମିଶ୍ରଣକୁ ଗୋଲ ଗୋଲ କରି ବ୍ରେଡ କ୍ରମ୍ସରେ ଏପଟ ସେପଟ କରି ରଖନ୍ତୁ । ଏବେ ଏକ କଡେଇରେ ତେଲ ଗରମ କରନ୍ତୁ । ତେଲ ଗରମ ହୋଇଗଲା ପରେ ମିଶ୍ରଣରୁ ପ୍ରସ୍ତୁତ କଟଲେଟ ଗୁଡିକୁ ଛାଣନ୍ତୁ । ଦୁଇପଟ ଲାଲ୍ ହୋଇଗଲେ ଏହାକୁ ପ୍ଲେଟକୁ କାଢିଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା 'ମୁଗଡାଲି କଟଲେଟ୍' । ଏହାକୁ ପୋଦିନା ଚଟଣୀ କିମ୍ବା ସସ୍ ସହିତ ପରଷନ୍ତୁ ।



**ଖବର**

## ସେପ୍ଟେମ୍ବର ୧୩ରେ ବଡ଼ ପରଦାରେ ମୁକ୍ତିଲାଭ କରିବ 'ଆଭା'



ବଡ଼ ପରଦାରେ ଆସନ୍ତା ୧୩ ତାରିଖରେ ମୁକ୍ତିଲାଭ କରିବ ଚଳଚ୍ଚିତ୍ର 'ଆଭା' । ଏକ ତାରକା ହୋଟେଲରେ ସାମ୍ବାଦିକ ସମ୍ମିଳନୀ କରି ତାରିଖ ଘୋଷଣା କରାଯାଇଥିବା ବେଳେ ଆଭା ଚଳଚ୍ଚିତ୍ରର ପୋଷ୍ଟର ଉନ୍ମୋଚିତ ହୋଇଯାଇଛି । ଜଣେ ଭିନ୍ନକ୍ଷମ ନାରୀର କାହାଣୀକୁ ନେଇ ନିର୍ମାଣ ହୋଇଛି ଆଭା ଚଳଚ୍ଚିତ୍ର। ଏହି କାର୍ଯ୍ୟକ୍ରମରେ ଆଭାର ପ୍ରଯୋଜକ ପ୍ରବୀର ମହାପାତ୍ର ଏହାର ମୁକ୍ତିଲାଭ ତାରିଖ ଘୋଷଣା କରିବା ସହ ଚଳଚ୍ଚିତ୍ରର ମୂଳ ଲକ୍ଷ୍ୟ ସମାଜକୁ କିଛି ବାର୍ତ୍ତା ଦେବା । ଆମେ ଆମର କାମ କରିଛୁ, ଏବେ ଦର୍ଶକଙ୍କ ଦାୟିତ୍ୱ ଚଳଚ୍ଚିତ୍ରଟି ପ୍ରେକ୍ଷାଳୟରେ ଉପଭୋଗ କରି ଭଲ ମନ୍ଦ ମତାମତ ଦେବେ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଯୋଜକ ପ୍ରବୀର ମହାପାତ୍ର, ଅଭିନେତା ବିଶାଲ, ଅଭିନେତ୍ରୀ ମାମାଲି, ସହ ନିର୍ଦ୍ଦେଶକ ଦୁର୍ଗା ପ୍ରସାଦ, ଆଭା ଚଳଚ୍ଚିତ୍ରରେ ଆଭା ଚଳଚ୍ଚିତ୍ରରେ ଅଭିନୟ କରିଥିବା ସୋନା ମଲ୍ଲିକଙ୍କ ସମେତ ଚଳଚ୍ଚିତ୍ରର କ୍ରିଏଟିଭ ହେଡ୍ ମାର୍କେଟିଙ୍ଗ୍ ଓ ପିଆର୍ ପ୍ରଣୟ ଜେଠୀ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ସୋନା ଯୋଗ ଦେଇ କହିଥିଲେ କି, ଏହି ଚଳଚ୍ଚିତ୍ର ନିଭାଇବା ମୋ ପାଇଁ ବହୁତ କଷ୍ଟ ଥିଲା । ଏଭଳି ଏକ କାହାଣୀକୁ ଆଣିଥିବାରୁ ମୁଁ ପ୍ରଥମେ ପ୍ରଯୋଜକଙ୍କୁ ଧନ୍ୟବାଦ ଦେବି । ଏହା ମୋ ପାଇଁ ନୂଆ । ଏଥିରେ ବହୁତ ଅଭିଜ୍ଞ ଲୋକ ଅଛନ୍ତି ।ସେମାନଙ୍କ ସହ କାମ କରିବା ମୋ ପାଇଁ ସ୍ୱପ୍ନ । ଫିଲ୍ମ ଚଳିବା ନିହାତି ଆବଶ୍ୟକ । ମୋତେ ନେଇ ଏଭଳି ଏକ କାହାଣୀରେ ସୁଯୋଗ ଦେଇଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ଏହା ନିଶ୍ଚିତ ଭାବେ ଦର୍ଶକଙ୍କ ମନକୁ ଛୁଇଁବ । ସେହିଭଳି ଏହି ଅବସରରେ ଆଭାର ପୋଷ୍ଟର ରିଲିଜ ହୋଇଛି । ପ୍ରଯୋଜନା ସଂସ୍ଥା ପକ୍ଷରୁ ଏହା ଆଗାମୀ ଦିନରେ ଦର୍ଶକଙ୍କ ହୃଦୟକୁ ଛୁଇଁବ ବୋଲି କୁହାଯାଇଛି । ଚଳଚ୍ଚିତ୍ର ପ୍ରେମୀଙ୍କ ପାଇଁ ଓମ୍ ବାବା ପ୍ରଡକସନ୍ସ ଏକ ନୂଆ ସ୍ୱାଦର ସିନେମା । ଆଭା ଚଳଚ୍ଚିତ୍ରର ମୁଖ୍ୟ ନାୟିକା ଭାବେ ନବାଗତା ଅଭିନେତ୍ରୀ ସୋନା ମଲ୍ଲିକ ଅଭିନୟ କରିଛନ୍ତି । ତାଙ୍କ ସହିତ ଅଭିଜ୍ଞ ଅଭିନେତ୍ରୀ ଅନୁ ଚୌଧୁରୀ, କେଦାର ମିଶ୍ର , ଶତୋ ଆଚାର୍ଯ୍ୟଙ୍କ ସମେତ ଆହୁରି ଅନେକ ତାରକା ଅଭିନୟ କରିଛନ୍ତି । ଆଭା ଏକ ନିପଟ ମଫସଲ ଗାଁର ଗରିବ ପରିବାରର ଜଣେ ଶାରୀରିକ ଭିନ୍ନକ୍ଷମ ଝିଅ । ଭିନ୍ନକ୍ଷମ ହେଲେ କେମିତି ଜୀବନ ଶୈଳୀ ରେ ବଞ୍ଚିବାକୁ ହେବ ଯାହା ସମାଜକୁ ଏକ ପ୍ରକାର ଶିକ୍ଷା ମିଳିବ ତାରି ଉପରେ ଆଧାରିତ ଚଳଚ୍ଚିତ୍ର ଆଭା । ଖୁବ ସୁନ୍ଦର ଅଭିନୟ କରିଛନ୍ତି ଆଭା ଓରଫ ସୋନା ମଲ୍ଲିକ । ଏହି ଚଳଚ୍ଚିତ୍ରଟି ପଶ୍ଚିମବଙ୍ଗର ମେଦିନିପୁରର ଏକ ଆଦିବାସୀ ଗ୍ରାମର ଜଙ୍ଗଲ ଘେରି ରହିଥିବା ଏକ ଗ୍ରାମୀଣ ପରିବେଶରେ ସୁଟିଂ କରାଯାଇଛି । ୪୨ ଡିଗ୍ରୀ ତାପମାତ୍ରାରେ, ସମସ୍ତ ଟେକ୍ନିସିଆନ୍ସ ନୂତନ ଧରଣର ଚଳଚ୍ଚିତ୍ର ଟିଏ ନିର୍ମାଣ କରିବା ପାଇଁ ଚେଷ୍ଟା କରିଛନ୍ତି । ସଂଳାପ ରଚନା କରିଛନ୍ତି ବିଶିଷ୍ଟ ଗୀତିକାର ମୋହିତ ଚକ୍ରବର୍ତ୍ତୀ । ଚଳଚ୍ଚିତ୍ରର ଫଟୋଗ୍ରାଫି ନିର୍ଦ୍ଦେଶକ ଚି[illegible]ରଞ୍ଜନ ବିଶ୍ୱାଳ, ନିର୍ଦ୍ଦେଶକ ପ୍ରଲବ ରୟ, କାର୍ଯ୍ୟକାରୀ ପ୍ରଯୋଜକ ସତ୍ୟ ପ୍ରକାଶ ସାହୁ ଏହି ଚଳଚ୍ଚିତ୍ରକୁ ନେଇ ବହୁତ ଆଶାବାଦୀ । ଅଭିଜିତ ମଜୁମଦାରଙ୍କ ସଂଗୀତ ନିର୍ଦ୍ଦେଶିତ ଚମତ୍କାର ଗୀତ ସହିତ ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ଏକ ନୂତନ ସ୍ୱାଦର ରସର ଚିନ୍ତା କରିବାକୁ ଶିଖାଇବ । ସ୍କ୍ରିପ୍ଟ, ସ୍କ୍ରିନ୍ ପ୍ଲେ ଏବଂ ଡିରେକସନ ପ୍ରଲବ ରୟ ଏହି ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକ ଅନେକ ନୂଆ ସ୍ୱାଦ ପାଇବେ ବୋଲି ନିର୍ଦ୍ଦେଶକ କହିଛନ୍ତିୟ ଏହି ଚଳଚ୍ଚିତ୍ର ନାରୀ କେନ୍ଦ୍ରିକ ହୋଇଥିବାରୁ ସମାଜରେ ସୁପ୍ରଭାବ ପକେଇବ।

## ନିତ୍ୟସ୍ମରଣ ପାଇଁ ଶ୍ରୀଗଣେଶଙ୍କ ୧୪ଟି ନାମ



ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ଉପାସନା ସର୍ବଦା ଶୁଭଫଳଦାୟୀ ହୋଇଥାଏ । ଭଗବାନ ଗଜାନନଙ୍କ ପୂଜା ସମସ୍ତ ବିଘ୍ନ ହରଣ କରିବା ସହ ମଣିଷ ଜୀବନକୁ ମଙ୍ଗଳମୟ କରି ଦେଇଥାଏ । ଅନ୍ୟପଟେ ଶ୍ରୀଗଣେଶଙ୍କର ନିୟମିତ ଉପାସନା ଦ୍ୱାରା ଭକ୍ତର ସମସ୍ତ ରିଷ୍ଟ ଖଣ୍ଡନ ହୁଏ । ତେବେ ପ୍ରଭୁ ଗଜାନନଙ୍କ ୧୪ ନାମ ନିତ୍ୟ ସ୍ମରଣ କଲେ ଭକ୍ତ ଅଶେଷ ସିଦ୍ଧି ପ୍ରାପ୍ତି କରିଥାଏ ବୋଲି ଶାସ୍ତ୍ରରେ ବର୍ଣ୍ଣନା ରହିଛି । ଗଜାନନଙ୍କ ଏହି ୧୪ଟି ନାମ ହେଉଛି- ବିନାୟକ, ଗଜାନନ, ଗଣେଶ, ଲମ୍ବୋଦର, ଏକଦନ୍ତ, ବକ୍ରତୁଣ୍ଡ, ବିଘ୍ନରାଜ, ଭାଲଚନ୍ଦ୍ର, ଗଣାଧୀଷ, ବିକଟ, ହେରମ୍ବ, କୃଷ୍ଣପିଙ୍ଗାକ୍ଷ, ଆଖୁରଦ୍ଧ, ଗୌରୀପୁତ୍ର । ଯେଉଁବ୍ୟକ୍ତି ପ୍ରତିଦିନ ଏହି ନାମଗୁଡ଼ିକୁ ଉଚ୍ଚାରଣ କରି ଶ୍ରୀଗଣେଶଙ୍କ ପୂଜା କରିଥାଏ, ତା' ଜୀବନରେ ସମସ୍ତ ଦୁଃଖ କଷ୍ଟ ଦୂର ହେବା ସହ ସେ ସୁଖସମୃଦ୍ଧି ଲାଭ କରିଥାଏ ।

## ଲେମ୍ବୁ ଜୁସ୍ ପିଇଲେ ବଢ଼ିବ ରୋଗ ପ୍ରତିରୋଧକ ଶକ୍ତି

ଲେମ୍ବୁରେ ବହୁ ଔଷଧୀୟ ଗୁଣ ରହିଛି । ମଣିଷ ଶରୀରରେ ଜଳୀୟ ଅଂଶ ବୃଦ୍ଧିରେ ଲେମ୍ବୁ ପାଣି ଗୁରୁତ୍ୱପୂର୍ଣ୍ଣ ଭୂମିକା ବହନ କରେ। ଆମେ କେଉଁ କାଳରୁ ଏହି ଉପାୟକୁ ପ୍ରୟୋଗ କରି ଆସୁଛୁ। ଘରେ ଘରେ ପରିଚିତ ଏହି ଲେମ୍ବୁ ପାଣି ଏବେ କରୋନା ବିରୋଧୀ ଲଢେଇରେ ଗେମ ଚେଞ୍ଜର ସାବ୍ୟସ୍ତ ହେଉଛି। ବିଶେଷଜ୍ଞଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ। ଯାହା ମହାମାରୀ କରୋନାକୁ ମାତ୍ ଦେବାରେ ସକ୍ଷମ ହୋଇଥାଏ। ସମଗ୍ର ବିଶ୍ୱ କରୋନା ମାୟା ଜାଲରେ



ଛନ୍ଦି ହୋଇ ପଡ଼ିଥିବା ବେଳେ ଲେମ୍ବୁ ପାଣିର ଉପକାରୀତା ସମ୍ପର୍କରେ ନୋଏଡା ସ୍ଥିତ ଫୋରଟ୍ସି ହସ୍ପିଟାଲର ମୁଖ୍ୟ ଡାକ୍ତର ନମୀତା ନାଦାର ଏହି ସୂଚନା ଦେଇଛନ୍ତି। ତାଙ୍କ ମତରେ ପ୍ରତିଦିନ ସକାଳେ ଉଷୁମ୍ ପାଣିରେ ଲେମ୍ବୁ ଓ ଲୁଣ ମିଶାଇ ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇଥାଏ। ଯାହା ଯେକୌଣସି ବିଦେଶୀ ଭୂତାଣୁ ବିରୋଧରେ ଲଢ଼େଇ କରିବାକୁ ସକ୍ଷମ।

କେମିତି ପ୍ରସ୍ତୁତ କରିବେ ଲେମ୍ବୁ ସର୍ବତ:ପ୍ରଥମେ ଗୋଟିଏ ଗ୍ଲାସ ଉଷୁମ ପାଣିରେ ଏକରୁ ଦୁଇ ଚାମଚ ଲେମ୍ବୁ ରସ ମିଶାଇବେ। ପରେ ସେଥିରେ ଗୋଟିଏ ଚାମଚର ଏକ ଚତୁର୍ଥାଂଶ ସମୁଦ୍ର ଲୁଣ ମିଶାଇବେ। ଦିନକୁ ଦୁଇ ଥର ଏହି ପାଣି ପିଇଲେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି ପାଇବ। ଲେମ୍ବୁ ପାଣି ଶରୀରକୁ ଭିଟାମିନ୍ ସି ଯୋଗାଇଥାଏ। ଡାକ୍ତର ନମୀତା ନାଦାରଙ୍କ କହିବା ଅନୁସାରେ ଲେମ୍ବୁ ପାଣି ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିଥାଏ। ଏହା ଥଣ୍ଡା ଓ ବିଭିନ୍ନ ଭାଇରାଲ୍ ଜ୍ୱର ବିରୋଧରେ ଲଢ଼େଇ କରିଥାଏ। ଲେମ୍ବୁରେ ଭିଟାମିନ୍-ସି ଓ ଆଣ୍ଟିଅକ୍ସିଡେଣ୍ଟ ରହିଛି, ଯାହା ଶରୀର ପାଇଁ ବହୁ ଉପକାରୀ। ଯଦି ନିୟମିତ ଭାବରେ ଲେମ୍ବୁ ଖାଉଥିବା ଓ ଲେମ୍ବୁ ପାଣି ପିଉଥିବେ, ତା'ହେଲେ ଜଣେ ବ୍ୟକ୍ତିର ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ହୃଦରୋଗ ସମସ୍ୟାକୁ ବି ହ୍ରାସ କରିଥାଏ। କିଡନୀ ଷ୍ଟୋନ୍ ବିରୋଧୀ ଲଢ଼େଇରେ ଲେମ୍ବୁ ପାଣି ସଞ୍ଜିବନୀ ସାବ୍ୟସ୍ତ ହୋଇଥାଏ। ଆପଣ ଏହି ଲେମ୍ବୁ ପାଣିକୁ ସକାଳେ ପିଇ ପାରିବେ। ସେହିପରି ଏହାକୁ ଗ୍ରୀନ ଟି' ଆକାରରେ ଦିନରେ ଯେତେବେଳେ ଇଚ୍ଛା। ସେତେବେଳେ ମଧ୍ୟ ପିଇ ପାରିବେ ବୋଲି ଡାକ୍ତର କହିଛନ୍ତି।

## ନବରାତ୍ରୀ: ଆସୁରିକ ପ୍ରବୃତ୍ତି ନିୟନ୍ତ୍ରଣର ପର୍ବ



ବୈଦିକ ଋଷିମାନେ ପ୍ରକୃତିକୁ ମାତୃ-ଶକ୍ତିର ସଞ୍ଜ୍ଞା ଦେଇଥିଲେ ଏବଂ ପ୍ରକୃତି ଓ ପୁରୁଷ ରୂପରେ ସୃଜନ ଶକ୍ତିକୁ ପୂଜନୀୟ କରିଥିଲେ । ପୁରୁଷ ସ୍ୱରୂପ ଶିବ ଅଟନ୍ତି ଏବଂ ପ୍ରକୃତି ସ୍ୱରୂପ ଶକ୍ତି । ଶିବ ଏବଂ ଶକ୍ତି ସମ୍ମିଳିତ ହେଲେ ଜୀବନର ସୃଷ୍ଟି ହୋଇଥାଏ। ନବରାତ୍ରିରେ ମା' ଦୁର୍ଗାଙ୍କ ଆରାଧନା କରାଯାଇଥାଏ। ମା' ଦୁର୍ଗାଙ୍କ ୯ଟି ସ୍ୱରୂପ ହେଲେ : ପ୍ରଥମ ଶୈଳପୁତ୍ରୀ, ଦ୍ୱିତୀୟ ବ୍ରହ୍ମଚାରିଣୀ, ତୃତୀୟ ଚନ୍ଦ୍ରଘଣ୍ଟା, ଚତୁର୍ଥ କୁଷ୍ମାଣ୍ଡା, ପଞ୍ଚମ ସ୍କନ୍ଧମାତା, ଷଷ୍ଠ କାତ୍ୟାୟନୀ, ସପ୍ତମ କାଳରାତ୍ରୀ, ଅଷ୍ଟମ ମହାଗୌରୀ ଏବଂ ନବମ ସିଦ୍ଧିଦାତ୍ରୀ । ଶିବଙ୍କ ବ୍ୟତୀତ କେବଳ ଦୁର୍ଗା ଏପରି ଜଣେ ଦେବୀ, ଯିଏ ତ୍ରିନେତ୍ର ଧାରିଣୀ ଅଟନ୍ତି । ତାଙ୍କର ବାମ ନେତ୍ର ଚନ୍ଦ୍ରମାର ପ୍ରତୀକ। ଯାହା ଆମ ଭିତରେ ଥିବା ଲାଳସା, ମୋହ ଏବଂ କାମନାକୁ ବ୍ୟକ୍ତ କରିଥାଏ। ତାଙ୍କର ଡାହାଣ ନେତ୍ର ସୂର୍ଯ୍ୟଙ୍କ ପ୍ରତୀକ, ଯାହା ଆମ ଭିତରେ ଥିବା ତେଜ, କର୍ମ କ୍ଷମତା ଏବଂ ଶକ୍ତିର ସୂଚକ ଅଟେ। ତାଙ୍କର ମଧ୍ୟଭାଗରେ ଥିବା ତୃତୀୟ ନେତ୍ର ଅଗ୍ନିର ପ୍ରତୀକ ଅଟେ, ଯାହା ଜ୍ଞାନ, ବିବେକ ଏବଂ ବୁଦ୍ଧିର ସୂଚକ ଅଟେ।

ପୁରାଣରେ ବର୍ଣ୍ଣନା ରହିଛି, ଅସୁରଙ୍କ ରାଜା ମହିଷାସୁରକୁ ଏହି ବରଦାନ ପ୍ରାପ୍ତ ହୋଇଥିଲା ଯେ କୌଣସି ଦାନବ, ଦେବ କିମ୍ବା ଅସୁର ତା'କୁ ପରାଜିତ କରିପାରିବେ ନାହିଁ । ଏହି ବରଦାନ ଦେବା ସମୟରେ ସୃଷ୍ଟିର ରଚୟିତା ବ୍ରହ୍ମା ତାଙ୍କୁ ପଚାରିଥିଲେ ଯେ କ'ଣ କେହି ମାନବ, ଦେବ କିମ୍ବା ଅସୁରଙ୍କ ଏହି ସୂଚୀରେ ସ୍ତ୍ରୀକୁ ମଧ୍ୟ ସାମିଲ୍ କରାଯିବ ? ଏହାଶୁଣି ମହିଷାସୁର ଅହଂକାରବଶତଃ କହିଲା, ମୋତେ କେହି ସ୍ତ୍ରୀ କିଭଳି ପରାଜିତ କରିପାରିବ । ସ୍ତ୍ରୀକୁ ପରାସ୍ତ କରିବା ଅତି ସହଜ କଥା। ଏହା ମନେ କରି ସେ ବ୍ରହ୍ମାଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଲା। 'ଦୁର୍ଗା'ର ଶାବ୍ଦିକ ଅର୍ଥ 'ଦୁର୍ଗ' ହୋଇପାରେ, ଅର୍ଥାତ୍ ଏପରି ଏକ ସୁରକ୍ଷିତ ସ୍ଥାନ, ଯାହାକୁ ଯେତେ ପ୍ରୟାସ କଲେ ସୁଦ୍ଧା ନିୟନ୍ତ୍ରଣକୁ ଆଣିବା କଷ୍ଟକର ହୋଇଥାଏ। ଏହି ସୁରକ୍ଷିତ ସ୍ଥାନ ଘରେ ଥିବା ସ୍ତ୍ରୀ ଆମ ପାଇଁ ନିର୍ମାଣ କରିଥାଏ । ଦୁର୍ଗା ଏହି ବିଶାଳ ସୃଷ୍ଟିର ଜନନୀ ଅଟନ୍ତି ଏବଂ ସମସ୍ତ ଜୀବଙ୍କ ପାଳନ ପୋଷଣ କରିଥାନ୍ତି, ଘରର ଦେବୀ ଏହି ଭୂମିକା ନିଜ ପରିବାର ଏବଂ ସନ୍ତାନମାନଙ୍କ ପାଇଁ ନିର୍ବାହ କରିଥାଏ । ଏହି କାହାଣୀରେ ଆମେ ଦୁର୍ଗାଙ୍କୁ ଜ୍ଞାନ, ବୁଦ୍ଧି ଏବଂ ବିବେକ ରୂପରେ ଦେଖିପାରିବା । ଯିଏକି ସାମାଜିକ, ଧାର୍ମିକ ଏବଂ ସାଂସ୍କୃତିକ ବନ୍ଧନରୁ ଊର୍ଦ୍ଧ୍ୱରେ ଅଛନ୍ତି । ସେ ସାମୁହିକ ଶକ୍ତିର ପ୍ରତୀକ ଅଟନ୍ତି । ମହିଷାସୁର ଅଜ୍ଞାନ, ଅହଂକାର ଏବଂ ଆମ ଲାଳସାର ପ୍ରତିନିଧିତ୍ୱ କରିଥାଏ । ସେ ମାୟାବୀ ଏବଂ ଲଗାତାର ରୂପ ବଦଳାଇଥାଏ, ଠିକ୍ ଆମର ଅନିୟମିତ ବ୍ୟବହାର ଏବଂ ଆମର ବିନାଶକାରୀ ଭାବନା ଭଳି ।

ଯେପରି ଆମ ବୁଦ୍ଧି ଲଗାତାର ଗୋଟିଏ ଭୋଗ ଲାଳସାରୁ ଆଉ ଗୋଟିଏ ଭୋଗ ଲାଳସା ଆଡ଼କୁ ଆହୁରି ଅଧିକ ଆକର୍ଷିତ ହୋଇଥାଏ ଏବଂ ତା' ପଛରେ ଦୌଡ଼ିଥାଏ । ଅସୁରର ଅତ୍ୟଧିକ କ୍ରୋଧ ଆମର ସେହି ପ୍ରବୃତ୍ତି ସହିତ ତୁଳନୀୟ, ଯାହା ଆମକୁ ଆମକୁ କିଛି ଚିନ୍ତା ନକରି ନିଜ ଲାଳସାର ମାର୍ଗରେ ଆସୁଥିବା ସମସ୍ତ ବାଧକକୁ ଧ୍ୱସ୍ତ କରିବା ଲାଗି ପ୍ରୋତ୍ସାହିତ କରିଥାଏ । ଏହା ଆଜିର ସମାଜରେ ପରିବ୍ୟାପ୍ତ କଳୁଷକୁ ମଧ୍ୟ ପ୍ରଦର୍ଶିତ କରିଥାଏ। ଦେବୀ ପ୍ରକୃତି ଅଟନ୍ତି ଏବଂ ଶିବ ପୁରୁଷ ଅଟନ୍ତି, ଏହା ସନାତନ ଧର୍ମର ଆଧାରଭୂତ ଧାରଣା ଅଟେ । ଦୁହିଁଙ୍କ ସମାନ ଭାଗିଦାରୀରେ ଆମର ଏହି ସୃଷ୍ଟି ରଚନା ଏବଂ ଲାଳନପାଳନ ହୋଇଥାଏ । କିନ୍ତୁ ପୁରୁଷର ଅହଂକାର ପଶୁପତିନାଥଙ୍କୁ ପଶୁ କରି ରଖିଥାଏ। ନବରାତ୍ରର ୯ ଦିନରେ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ଦେବୀଙ୍କୁ ପୂଜା କରାଯାଇଥାଏ । ଦେବୀଙ୍କ ପୂଜା ଏବଂ ଆରାଧନା ପଦ୍ଧତି ଶିବଙ୍କ ଆରାଧନା ଏବଂ ପୂଜା ଠାରୁ ଟିକିଏ ଭିନ୍ନ ଅଟେ । ଏହି ପ୍ରଭେଦ ନବରାତ୍ରରେ ଦେବୀ-ପୂଜାକୁ ସ୍ମରଣ ରଖିବାର ଆବଶ୍ୟକତା ରହିଛି ।

ନବରାତ୍ରୀରେ ନିମ୍ନୋକ୍ତ କେତୋଟି ମାର୍ଗରେ ଆମେ ମା' ଦୁର୍ଗାଙ୍କୁ ସ୍ମରଣ କରିପାରିବା- ଯେପରିକି ଦୁର୍ଗାଶପ୍ତଶତି ପାଠ, ଜାଗରଣ, ଭଜନ, ହୋମ ଆଦି ମଧ୍ୟ କରିବା ଉଚିତ୍ । ନଅ ଦିନ ପର୍ଯ୍ୟନ୍ତ ଭୂମିରେ ଶୋଇବା, ବ୍ରହ୍ମଚର୍ଯ୍ୟ ପାଳନ କରିବା, କୁମାରୀ ପୂଜା କରିବା, ଦୁର୍ଗାଙ୍କ ପୂଜାରେ ଲାଲ ରଙ୍ଗର ଫୁଲର ଉପଯୋଗ କରିବା। କନିଅର, ଚମେଲି, ପଳାଶ, ଅଶୋକ, କେସର ଏବଂ କଦମ୍ବ ଫୁଲରେ ମଧ୍ୟ ଦେବୀଙ୍କୁ ପୂଜା କରାଯାଇପାରିବ । ପୂଜାରେ ଦୂବ ଉପଯୋଗ କରିବା, ତୁଳସୀ ଏବଂ ଅଁଳାର ପ୍ରୟୋଗ କରିବା ଉଚିତ୍ ନୁହେଁ । ମନ୍ଦାର ଏବଂ ଅରଖ ଫୁଲ ମଧ୍ୟ ଉପଯୋଗ କରିବା ଅନୁଚିତ୍ ।

## ଚଣ୍ଡୀମାତାଙ୍କୁ ପୂଜା

ଦୁର୍ଗତୀନାଶିନୀ ମା' ଦୁର୍ଗାଙ୍କ କ୍ରୋଧମୟ ସ୍ୱରୂପ ହେଉଛନ୍ତି ମହାଶକ୍ତି ଚଣ୍ଡୀ । 'ଚଣ୍ଡ' ବା 'ଚଡ଼ି' ଧାତୁ ସହିତ 'ଇପ୍' ବା 'ଙୀଷ୍' ପ୍ରତ୍ୟୟ ଯୋଗ ହୋଇ 'ଚଣ୍ଡୀ' ଶବ୍ଦର ସୃଷ୍ଟି ହୋଇଛି



। ସାଧାରଣରେ ଏହି ଶବ୍ଦର ଅର୍ଥ ହେଉଛି କୋପମୟୀ, କ୍ରୁଦ୍ଧା । ବ୍ରହ୍ମସ୍ୱରୂପିଣୀ ମାତା ଦୁର୍ଗା ଶୁମ୍ଭ ଅସୁର ଏବଂ ଚଣ୍ଡ ଓ ମୁଣ୍ଡକୁ ବଧ କରିବା ଲାଗି କୋପମୟୀ ସ୍ୱରୂପ ଧାରଣ କରିଥିଲେ । ସେଥିପାଇଁ ସେ ଚଣ୍ଡୀ ନାମରେ ପରିଚିତ ହେଲେ । ଚଣ୍ଡିକା ମାତାଙ୍କ ପୂଜା କରିବା ଦ୍ୱାରା ଭକ୍ତ ସ୍ୱର୍ଗ ସୁଖ ଭୋଗ କରିଥାଏ ଏବଂ ମୋକ୍ଷ ଲାଭ କରିଥାଏ । ପ୍ରତିଦିନ ଚଣ୍ଡିକା ପୂଜା କରିବାର ପୁଣ୍ୟ ଫଳକୁ ସ୍ୱୟଂ ବ୍ରହ୍ମା ସୁଦ୍ଧା ନିର୍ଣ୍ଣୟ କରିପାରିବେ ନାହିଁ । ଚଣ୍ଡି ପୂଜା ମନୁଷ୍ୟକୁ ଲକ୍ଷ୍ମୀବନ୍ତ କରିଥାଏ । ଚଣ୍ଡୀଙ୍କୁ ପୂଜା କରି ମନୁଷ୍ୟ ମୁକ୍ତି ଲାଭ କରିଥାଏ । ନୀଳକମଳ ପୁଷ୍ପ ଅର୍ପଣ କରି ଚଣ୍ଡୀ ମାତାଙ୍କୁ ପୂଜା କରିବା ଦ୍ୱାରା ମନୁଷ୍ୟ ନାନାଲୋକ ପ୍ରାପ୍ତ କରିଥାଏ । ପଞ୍ଚଗବ୍ୟ ଦ୍ୱାରା ଚଣ୍ଡୀମାତାଙ୍କ ପ୍ରତିମୂର୍ତ୍ତିକୁ ସ୍ନାନ କରାଇ ପୂଜା କଲେ ମନୁଷ୍ୟ ସୁରଭି ଲୋକ ପ୍ରାପ୍ତ କରିଥାଏ । ଉତ୍ତରାୟଣରେ ଚଣ୍ଡୀ ପୂଜା କଲେ ବହୁପୁତ୍ର, ପୁତ୍ରବଧୂ ଓ ଧନପ୍ରାପ୍ତ ହୋଇଥାଏ । ଚଣ୍ଡୀ ଦର୍ଶନ ଅତ୍ୟନ୍ତ ପବିତ୍ର ଅଟେ । ଅହିଂସା ଭାବ ନେଇ ଦେବୀ ପୂଜା କଲେ ଶ୍ରେଷ୍ଠ ଫଳ ମିଳିଥାଏ । ଶାରଦୀୟ ପୂଜା ଅବସରରେ ଚଣ୍ଡୀମାତାଙ୍କୁ ପୂଜା କରୁଥିବା ମନୁଷ୍ୟର ମୁକ୍ତି ସୁନିଶ୍ଚିତ । ଏପରି ମନୁଷ୍ୟ ମୃତ୍ୟୁ ପରେ ଚଣ୍ଡୀଲୋକରେ ସ୍ଥାନ ପାଏ ତଥା ଚିରକାଳ ପର୍ଯ୍ୟନ୍ତ ସୁଖ ଭୋଗ କରିଥାଏ । ଚଣ୍ଡୀମାତାଙ୍କ ମଣିମୟୀ ମୂର୍ତ୍ତି ପୂଜା କଲେ ଭକ୍ତ ପରମଗତି ଲାଭ କରିଥାଏ । ଶାସ୍ତ୍ରରେ କୁହାଯାଇଛି, ଶମ୍ଭୁ, ବିଷ୍ଣୁ, କୁବେର, ବାୟୁ, ଅଗ୍ନି, ବସୁ, ଅଶ୍ୱିନୀ କୁମାର, ବିଶ୍ୱଦେବ, ବରୁଣ, ସୂର୍ଯ୍ୟ, ଗ୍ରହ, ପିତର, ପିଶାଚ ଆଦି ମଧ୍ୟ ଚଣ୍ଡୀଙ୍କ ବିଭିନ୍ନ ସ୍ୱରୂପକୁ ପୂଜା କରିଥାନ୍ତି ।

# ଟ୍ରାଫିକ୍ ପରିଚାଳନା ସୁଦୃଢ଼ ହେବ

**ଭୁବନେଶ୍ୱର,୬।୧୦ (ମହାଭାରତ):** ରାଜ୍ୟରେ ପୂର୍ତ୍ତ, ଜଳ ସଂପଦ,ଗ୍ରାମ୍ୟ ଉନ୍ନୟନ, ନଗର ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ସମେତ ଜାତୀୟ ରାଜପଥ କର୍ତ୍ତୃପକ୍ଷଆଦି ଦ୍ୱାରା ନିର୍ମିତ ହୋଇଥିବା ଓ ନିର୍ମାଣ ହେବାକୁ ଥିବା ସଡକ ନେଟ୍‌ୱାର୍କର ସଫଳ କାର୍ଯ୍ୟକାରିତା ସଂପର୍କରେ ଓଡ଼ିଶା ରାଜ୍ୟ ସଡ଼କ ନୀତି ପ୍ରସ୍ତୁତି କରାଯିବା ନେଇ ଗତ ଗୁରୁବାର ଅପରାହ୍ନରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ପୂର୍ତ୍ତବିଭାଗ ପ୍ରମୁଖ ଶାସନ ସଚିବ ବୀରବିକ୍ରମ ଯାଦବ, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂଙ୍କ ସମେତ ସଂପୃକ୍ତ ବିଭାଗର ସର୍ବୋଚ୍ଚଯନ୍ତ୍ରୀ, ବିଭାଗୀୟ ଉଚ୍ଚ ପଦାଧିକାରୀ ଏବଂ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଆଞ୍ଚଳିକ ଅଧିକାରୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ପୂର୍ତ୍ତ ବିଭାଗ ତରଫରୁଓଡ଼ିଶା ରାଜ୍ୟ ସଡ଼କ ନୀତି-୨୦୨୪ରେ ରହିଥିବା ବିଭିନ୍ନ ବିଷୟ ଉପରେ ଉପସ୍ଥାପନ କରାଯାଇଥିଲା।

ରାଜ୍ୟରେ ଥିବା ସଡ଼କ ଭିତ୍ତିଭୂମିର ସୁଦୃଢ଼ୀକରଣ ଓ ଟ୍ରାଫିକ୍ ଦୃଷ୍ଟିରୁ କ୍ଷମତା ବୃଦ୍ଧି କରିବା, ଟ୍ରାଫିକ୍ ପରିଚାଳନା ଦୃଷ୍ଟିରୁ ଯୋଗୁଁ ଗୋଟିଏ ବିଭାଗ ଦ୍ୱାରା ନିର୍ମିତ ଓ ପରିଚାଳିତ ରାସ୍ତା ଅନ୍ୟ ବିଭାଗକୁ ହସ୍ତାନ୍ତର କରାଯିବା ନିମନ୍ତେ ଆନ୍ତଃବିଭାଗୀୟ ସଡ଼କ ସ୍ଥାନାନ୍ତର ବ୍ୟବସ୍ଥା, ସଡ଼କ ରକ୍ଷଣା ବେକ୍ଷଣ ପାଇଁ ନିରନ୍ତରତା ଭିତ୍ତିରେ ପାଣ୍ଠି ଉପଲବ୍ଧ ହେବା, ସଡ଼କ ସୁରକ୍ଷାକୁ ନିଶ୍ଚିତ କରିବା ଦୃଷ୍ଟିରୁ ଏହି ନୀତି ପ୍ରସ୍ତୁତିର ଆବଶ୍ୟକତା ସଂପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିପାଇଁ ଆନ୍ତଃବିଭାଗୀୟ ସଡ଼କ ସ୍ଥାନାନ୍ତର ନିମନ୍ତେ ମାର୍ଗଦର୍ଶିକା (ଏସଓପି) ରହିବା ସଂପର୍କରେ ମଧ୍ୟ ସବିଶେଷ ଆଲୋଚନା କରାଯାଇଛି ।ସଡ଼କ କ୍ଷେତ୍ରରେ ସଂସ୍ଥାଗତ କ୍ଷମତା ବୃଦ୍ଧି, ସଡକ ଉନ୍ନତିକରଣରେ ଆବଶ୍ୟକ ସ୍ଥଳେ ବେସରକାରୀ କ୍ଷେତ୍ରର ଅଂଶଗ୍ରହଣ, ସଡ଼କ ବିକାଶରେ ନିରନ୍ତରତା ଏହି ନୀତିର ଆଭିମୁଖ୍ୟ ରହିଛି। ସଡ଼କ ନିର୍ମାଣ କ୍ଷେତ୍ରରେ ଆଧୁନିକ ଜ୍ଞାନକୌଶଳର ପ୍ରୟୋଗ ସହ ଗୁଣାତ୍ମକମାନକୁ ନିଶ୍ଚିତ କରାଯିବ। ଆଇ.ଆର୍.ସି ନିର୍ଦ୍ଧାରିତ ମାନଦଣ୍ଡ ଅନୁସାରେସହରାଞ୍ଚଳଓ ଗ୍ରାମାଞ୍ଚଳରାସ୍ତା ନିର୍ମାଣ ଶୈଳୀର ପ୍ରକାର ଭେଦ କିପରି ରହିବ, ସେ ସଂପର୍କରେ ଆଲୋଚନା କରାଯାଇଥିଲା। ଏବେ ପୂର୍ତ୍ତ ବିଭାଗ ପକ୍ଷରୁ ସଡ଼କ ନେଟ୍‌ୱାର୍କ ଓ ସଡ଼କ ସମ୍ପତ୍ତିର ଜିଆଇଏସ୍-ରେଫରେନ୍ସିଂ ପାଇଁଓଡ଼ିଶା ରୋଡ୍ ଆସେଟ୍ ମ୍ୟାନେଜମେଣ୍ଟ ସିଷ୍ଟମ (ଓଆରଏଏମଏସ୍) ଭଳି ୱେବ୍-ଜିଆଇଏସ୍ ଭିତ୍ତିକ କଷ୍ଟମ-ବିଲ୍ଟ ଆପ୍ଲିକେସନ୍‌କୁ ବ୍ୟବହାର କରାଯାଉଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବିଭାଗୀୟ ରାସ୍ତାଗୁଡ଼ିକର ଜିଆଇଏସ୍-ରେଫରେନ୍ସିଂ ପାଇଁ ଏକ ମୋବାଇଲ୍ ଆପ୍ଲିକେସନ୍ ମଧ୍ୟ ବ୍ୟବହାର କରାଯାଉଛି।

# କୃଷକଙ୍କ ଉନ୍ନତି ପାଇଁ ସରକାର ପ୍ରତିଶୃତିବଦ୍ଧ: ମନମୋହନ

**ଭୁବନେଶ୍ୱର,୬।୧୦ (ମହାଭାରତ):** ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ପିଏମ୍ କିଷାନର ୧୮ ତମ କିସ୍ତି ବଂଟନ କରିଥିଲେ। ଏଥିରେ ଦେଶରେ ୯.୪ କୋଟିରୁ ଅଧିକ ଚାଷୀ ଉପକୃତ ହୋଇଛନ୍ତି। ଏହି ଅବସରରେ ଡିବିଟି ମାଧ୍ୟମରେ କୃଷକଙ୍କ ବ୍ୟାଙ୍କ ଆକାଉଂଟକୁ ୨୦ ହଜାର କୋଟି ଟଙ୍କା ପଠାଯାଇଛି। ରାଜ୍ୟର ପ୍ରାୟ ୩୦ ଲକ୍ଷରୁ ଅଧିକ କୃଷକ ଏଥିରେ ଲାଭବାନ ହୋଇଛନ୍ତ। ଏନେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ରାଜ୍ୟ ସଭାପତି ମନମୋହନ ସାମଲ କୃତଜ୍ଞତା ଜଣାଇବା ସହ କୃଷକଙ୍କ ପାଇଁ ଏହା ଦଶହରା ଭେଟି ବୋଲି କହିଛନ୍ତି। ଶ୍ରୀ ସାମଲ କହିଛନ୍ତି, କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦାୟିତ୍ୱ ଗ୍ରହଣ କରିବା ପରଠାରୁ କୃଷକଙ୍କ ଉନ୍ନତି ପାଇଁ ଅନେକ ଯୋଜନା କରିଛନ୍ତି। ଧାନର ସହାୟକ ମୂଲ୍ୟ ବୃଦ୍ଧି କରିବାଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା, ମୃତ୍ତିକା କାର୍ଡ ସହ ଚାଷ ଜମିରେ ଜଳସେଚନ ପାଇଁ ବ୍ୟବସ୍ଥା କରିଛନ୍ତି। ୟୁରିଆ, ଅନ୍ୟାନ୍ୟ ସାର ଓ କୀଟନାଶକ ପାଇଁ ବ୍ୟାପକ ସବ୍‌ସିଡି ବ୍ୟବସ୍ଥା କରିଛନ୍ତି। ପିଏମ୍ କିଷାନ ଯୋଜନାରେ କୃଷକଙ୍କ ବ୍ୟାଙ୍କ ଆକାଉଂଟକୁ ସିଧାସଳଖ ଟଙ୍କା ପଠାଇ ସେମାନଙ୍କ ଆୟ ବୃଦ୍ଧି ସହ ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରାଯାଉଛି। ଗ୍ରାମୀଣ ବିକାଶ ଓ କୃଷକ ସମୃଦ୍ଧି ପାଇଁ ବିଜେପି ସରକାର ସର୍ବଦା ବଦ୍ଧପରିକର ବୋଲି ଶ୍ରୀ ସାମଲ କହିଛନ୍ତି।

# ପୂଜା ପାଇବେ ୧୬ ଫୁଟର ହନୁମାନ ମୂର୍ତ୍ତି

ନୂଆସାହି
ଶ୍ରୀଶ୍ରୀ ମହାବୀର
ପୂଜା କମିଟି





ଚଳିତ ବର୍ଷ ଦର୍ଶକଙ୍କ ଭିଡକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବ। ୧୦୦ ଜଣ ସ୍ୱେଚ୍ଛାସେବୀ ଉପସ୍ଥିତ ରହିବା ସହ ୧୦ଟି ସିସିଟିଭି କ୍ୟାମେରା, ଅଗ୍ନିନିରାପତ୍ତା ବ୍ୟବସ୍ଥା କରାଯିବ। ମହିଳା, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ମାନଙ୍କ ପାଇଁ ଅଲଗା ଅଲଗା ଦର୍ଶନ ବ୍ୟବସ୍ଥା କରାଯିବ।



ନୂଆସାହିରେ ୨୦୧୧ ମସିହାରୁ ଦୁର୍ଗାପୂଜା ଆରମ୍ଭ ହୋଇଥିବା ବେଳେ ଚଳିତ ବର୍ଷ ୧୫ ବର୍ଷରେ ପଦାର୍ପଣ କରିବ। ଏହି ମଣ୍ଡପରେ ପ୍ରତିବର୍ଷ ପବନପୁତ୍ର ହନୁମାନଙ୍କୁ ପୂଜା କରାଯାଏ। ଚଳିତ ବର୍ଷ ଦଶମୀ ଦିନ ୭ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

*ମିଳନ କୁମାର ପାଇକରାୟ*
*କାର୍ଯ୍ୟକାରୀ ସଭାପତି*

*ଚଳିତ ବର୍ଷ ପୂଜା ବଜେଟ ଦଶ ଲକ୍ଷ, ଷୋଳ ଫୁଟ ଉଚ୍ଚତା ବିଶିଷ୍ଟ ମହାବୀର ପୂଜା ପାଇବେ, ବ୍ୟାଙ୍କ ଛକ ଠାରୁ ଆଖଣ୍ଡଳମଣି ମନ୍ଦିର ପର୍ଯ୍ୟନ୍ତ ଆଲୋକିକରଣର ବ୍ୟବସ୍ଥା, ସପ୍ତମୀ ଦିନ ପୁରୀରୁ ମା ବିମଳାଙ୍କ ଠାରୁ ଆଜ୍ଞାମାଳ ଆସିବା ପରେ ମହାବୀରଙ୍କ ପୂଜାର୍ଚ୍ଚନା ହୋଇଥାଏ। ସପ୍ତମୀରୁ ଦଶମୀ ପର୍ଯ୍ୟନ୍ତ ମେଲୋଡି ଗୀତ ତରଙ୍ଗ ସହ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଶକ୍ତି ମିଶ୍ର, ମେଲୋଡି ସଙ୍ଗୀତ ବାଦସାହା ସହ ସୁନାମଧନ୍ୟ କଣ୍ଠଶିଳ୍ପୀ ସୁବାସିଶ ମହାକୁଡ଼, ଭଜନ ସନ୍ଧ୍ୟା, ଏଲ୍ଏନ୍ ଲାଫଟର କ୍ଲବର ସଦସ୍ୟ ସଦସ୍ୟା ମାନଙ୍କ ଦ୍ୱାରା ନୃତ୍ୟ,ଛୋଟ ପିଲାଙ୍କ ନୃତ୍ୟ,ଦାଣ୍ଡିଆ ନୃତ୍ୟ ଓ ୫ହଜାରରୁ ଉର୍ଦ୍ଧ୍ୱ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ, ୨ଶହରୁ ଉର୍ଦ୍ଧ୍ୱ ବରିଷ୍ଠ ନାଗରିକ ଓ ମାନ୍ୟଗଣ୍ୟ ବ୍ୟକ୍ତି ମାନଙ୍କୁ ସମ୍ବର୍ଦ୍ଧନା,ସେଲ୍ଫି ପଏଂଟ ଭସାଣି ଉତ୍ସବରେ ଢୋଲ ନିସାନ, ପଞ୍ଜାବୀ ଢୋଲର ବ୍ୟବସ୍ଥା କରାଯିବା ସହ ୟୁନିଟ ୮ ଡିଏଭି ସ୍କୁଲ ଛକ ସମ୍ମୁଖରେ ସମସ୍ତ ପୂଜା କମିଟିର ସଭାପତି, ସମ୍ପାଦକ ଓ କର୍ତ୍ତା ମାନଙ୍କୁ ଶ୍ରୀ ଶ୍ରୀ ମହାବୀର ପୂଜା କମିଟି ତରଫରୁ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା କରାଯାଇଛି ବୋଲି କମିଟିର ସଭାପତି ବିବେକାନନ୍ଦ କର, କାର୍ଯ୍ୟକାରୀ ସଭାପତି ମିଳନ କୁମାର ପାଇକରାୟ, ସନ୍ଦୀପ କୁମାର ବଲ୍ ସୂଚନା ଦେଇଛନ୍ତି।*

# ଓଡ଼ିଶାକୁ ପ୍ରତିରକ୍ଷା ସରଞ୍ଜାମ କରିଡରରେ ପରିଣତ କରାଯାଉ

**ଭୁବନେଶ୍ୱର,୬।୧୦ (ମହାଭାରତ):** ଭାରତୀୟ ସେନାବାହିନୀରେ ବ୍ୟବହାର ନିମନ୍ତେ ଆବଶ୍ୟକୀୟ ଉପକରଣକୁ ନେଇ ଆତ୍ମନିର୍ଭରଶୀଳ ହେବା ଲକ୍ଷ୍ୟରେ ଦେଶ କାର୍ଯ୍ୟ କରୁଥିବା ବେଳେ ଓଡ଼ିଶାକୁ ଏକ ପ୍ରତିରକ୍ଷା ସରାମ ଉତ୍ପାଦନ ହବ୍‌ରେ ପରିଣତ କରିବା ନିମନ୍ତେ ରାଜ୍ୟରେ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ଶନିବାର ପ୍ରତିରକ୍ଷା ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଭାରତୀୟ ସେନାବାହିନୀର ପୂର୍ବତନ ଉପମୁଖ୍ୟ ଲେଫ୍ଟନାଂଟ ଜେନେରାଲ ଚଣ୍ଡି ପ୍ରସାଦ ମହାନ୍ତି କହିଛନ୍ତି ଯେ ଓଡ଼ିଶାରେ ଯେଉଁଭଳି ପର୍ଯ୍ୟାପ୍ତ ସୁଯୋଗ ରହିଛି ଏଠାରେ ସଫଳ ଭାବେ ଏକ ପ୍ରତିରକ୍ଷା ସରାମ କରିଡର ସୃଷ୍ଟି କରିହେବ। ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଶନିବାର ଆୟୋଜିତ 'ମିଶନ୍: ମେକ୍ ଇନ୍ ଓଡ଼ିଶା ଫର୍ ଡିଫେନ୍ସ ଇଣ୍ଡଷ୍ଟ୍ରୀ-ଅପର୍ଚୁନିଟିଜ୍ ଗାଲୋର' ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହା କହିଛନ୍ତି ଲେଫ୍ଟନାଂଟ ଜେନେରାଲ ମହାନ୍ତି।

ଏହି ସମ୍ମିଳନୀକୁ ଓଡ଼ିଶା କର୍ପୋରେଟ ଫାଉଣ୍ଡେସନ୍, ସୋଆ ଏବଂ ସୋଆ ସେଂଟର ଫର୍ ଇନୋଭେସନ୍ ଆଣ୍ଡ ଇନ୍‌କ୍ୟୁବେସନ୍ (ସୋଆ-ସିଆଇଆଇ)ର ମିଳିତ ସହଯୋଗରେ ଆୟୋଜନ କରାଯାଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ଉଦ୍ୟୋଗପତି ଏବଂ ଶିଳ୍ପ କ୍ଷେତ୍ରର ବ୍ୟକ୍ତିଙ୍କୁ ସେନାବାହିନୀର ବିଶେଷଜ୍ଞଙ୍କ ସହ ଗୋଟିଏ ମଂଚରେ ଏକତ୍ରିତ କରିବା।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ପୂର୍ବତନ ଏଓସି-ଇନ୍-ସି, ଇଷ୍ଟର୍ଣ୍ଣ ଏୟାର କମାଣ୍ଡ ଏୟାର ମାର୍ଶାଲ ଡି.କେ. ପଟ୍ଟନାୟକ, ଡିଆର୍‌ଡିଓର ଇଲେକ୍ଟ୍ରୋନିକ୍ସ ଆଣ୍ଡ କମ୍ୟୁନିକେସନ୍ ସିଷ୍ଟମ୍‌ର ଡାଇରେକ୍ଟର ଜେନେରାଲ ଡକ୍ଟର ବି.କେ. ଦାସ, ପୂର୍ବତନ ଆଡିସ୍‌ନାଲ୍ ସର୍ଭେୟର ଜେନେରାଲ ତଥା ଓସିଏଫ୍‌ର ଚେୟାରମ୍ୟାନ ମେଜର ଜେନେରାଲ ରମେଶ ଚନ୍ଦ୍ର ପାଢ଼ୀ, ଓସିଏଫର କୋ-ଚେୟାରମ୍ୟାନ ବ୍ରିଗେଡିୟର ଏଲ୍.ସି. ପଟ୍ଟନାୟକ ଏବଂ ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍‌ର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତୁଷାର ସାହୁ ବକ୍ତବ୍ୟ ରଖିଥିଲେ। ଲେଫ୍ଟନାଂଟ ଜେନେରାଲ ମହାନ୍ତି କହିଥିଲେ ଯେ ଓଡ଼ିଶାରେ ପର୍ଯ୍ୟାପ୍ତ ପରିମାଣର ଖଣିଜ ସମ୍ପଦ, ୪୮୦ କିଲୋମିଟର ଦୀର୍ଘ ସମୁଦ୍ରତଟ, ସଡ଼କ ଓ ପର୍ଯ୍ୟାପ୍ତ ପରିମାଣର କୁଶଳୀ କାରୀଗର ରହିଥିବା ବେଳେ ଓଡ଼ିଶାକୁ ଏକ ପ୍ରତିରକ୍ଷା ସରାମ କେନ୍ଦ୍ର ଭାବେ ଗଢ଼ି ତୋଳିବା ନେଇ ଏହି ସମ୍ମିଳନୀ ଏକ ମଂଚ ପ୍ରସ୍ତୁତ କରୁଛି ।ଓଡ଼ିଶାରେ ବିଭିନ୍ନ ପ୍ରତିରକ୍ଷା କେନ୍ଦ୍ର ଯେପରିକି ସୁନାବେଡାର ହିନ୍ଦୁସ୍ତାନ ଏରୋନେଟିକ୍ସ ଲିମିଟେଡ୍ (ହାଲ୍), ବଲାଙ୍ଗୀର ସ୍ଥିତ ଅର୍ଡନାନ୍ସ ଫ୍ୟାକ୍ଟ୍ରୀ ଏବଂ ବାଲେଶ୍ୱରର ଚାନ୍ଦିପୁରରେ ଇନ୍‌ଟରିମ୍ ଟେଷ୍ଟ ରେ (ଆଇଟିଆର୍) ଏବଂ ପ୍ରୁଫ୍ ଆଣ୍ଡ ଏକ୍ସପେରିମେଂଟାଲ୍ ଏଷ୍ଟାବ୍ଲିସ୍‌ମେଂଟ ରହିଛି। ପୂର୍ବ ଭାରତରେ କୌଣସି ପ୍ରତିରକ୍ଷା ଶିଳ୍ପ କରିଡର ନଥିବା ଦୃଷ୍ଟିରୁ ଓଡ଼ିଶାକୁ ଏକ ପ୍ରତିରକ୍ଷା ସରାମ ହବ୍ ଭାବେ ପରିଣତ କରିହେବ ବୋଲି ସେ କହିଥିଲେ।

ପ୍ରତିରକ୍ଷା କ୍ଷେତ୍ରରେ ବ୍ୟବହୃତ ହେଉଥିବା ସରାମ ଓ ଅନ୍ୟ ଉପକରଣଗୁଡ଼ିକ ନିମନ୍ତେ ହେଉଥିବା ଖର୍ଚ୍ଚ ବିଷୟରେ ଧାରଣା ସୃଷ୍ଟି କରିବାକୁ ଲେଫ୍ଟନାଂଟ ଜେନେରାଲ ମହାନ୍ତି କହିଥିଲେ ଯେ ଗୋଟିଏ ଏୟାରକ୍ରାଫ୍ଟ କ୍ୟାରିୟର ଯୁଦ୍ଧ ଜାହାଜ ନିର୍ମାଣରେ ପ୍ରାୟ ୨୩୦୦୦ କୋଟି ଟଙ୍କା ବ୍ୟୟ କରାଯାଏ ଯାହାକି ସିକିମ ଭଳି ଗୋଟିଏ ରାଜ୍ୟର ବାର୍ଷିକ ବଜେଟର ପ୍ରାୟ ଦୁଇଗୁଣ। ଗୋଟିଏ ହେଲିକପ୍ଟର ନିର୍ମାଣରେ ୧୧୦ କୋଟି ଟଙ୍କା ଓ ଗୋଟିଏ ଅର୍ଜୁନ୍ ବ୍ୟାଟଲ ଟ୍ୟାଙ୍କ ନିମନ୍ତେ ୪୫ କୋଟି ଟଙ୍କା ଖର୍ଚ୍ଚ ହୋଇଥାଏ। ସେ କହିଥିଲେ ଯେ ଓଡ଼ିଶାର ନୂତନ ସରକାର ଶିଳ୍ପ କ୍ଷେତ୍ରରେ ୫ ଲକ୍ଷ କୋଟି ଟଙ୍କାର ବିନିଯୋଗ ଲକ୍ଷ୍ୟ ରଖିଛନ୍ତି। ଏଥି ନିମନ୍ତେ ସରକାର ମଧ୍ୟ ୧୬୦,୦୦୦ ଏକର ପର୍ଯ୍ୟବେସିତ ଲ୍ୟାଣ୍ଡ ବ୍ୟାଙ୍କର ମଧ୍ୟ ବ୍ୟବସ୍ଥା କରିଛନ୍ତି।

ଓଡ଼ିଶାକୁ ଏକ ପ୍ରତିରକ୍ଷା ସରାମ ହବ୍‌ରେ ପରିଣତ କରିବାର ପ୍ରୟାସକୁ ପ୍ରଶଂସା କରି ସାଂସଦ ଶ୍ରୀ ଷଡ଼ଙ୍ଗୀ କହିଥିଲେ ଯେ ଏହି ଉଦ୍ୟମକୁ ବାସ୍ତବ ରୂପ ଦେବା ନିମନ୍ତେ ପ୍ରଚେଷ୍ଟା ଆବଶ୍ୟକ। ଓଡ଼ିଶାରେ ବର୍ତ୍ତମାନ ଯେଉଁ ସରକାର ଅଛନ୍ତି ଏହି ଉଦ୍ୟମକୁ ସମର୍ଥନ କରି ବାସ୍ତବତାର ରୂପ ଦେବେ ବୋଲି ସେ କହିଥିଲେ। ଚାନ୍ଦିପୁର ସ୍ଥିତ ଆଇଟିଆର୍‌ର ପୂର୍ବତନ ନିର୍ଦ୍ଦେଶକ ଡକ୍ଟର ଦାସ କହିଥିଲେ ଯେ ଡିଆର୍‌ଡିଓ ପକ୍ଷରୁ ୧୦ କିଲୋମିଟର ରେର ତ୍ରିଶୁଳ ମିଜାଇଲ୍ ପ୍ରସ୍ତୁତ କରାଯାଇଥିଲା। ଏହାର ସରାମଗୁଡ଼ିକୁ ଆମେରିକା ଓ ଇସ୍ରାଏଲ୍‌ରୁ ଆମଦାନୀ କରାଯାଇଥିଲା। ଯେତେବେଳେ ଏହାର ଆମଦାନୀ ବନ୍ଦ ହୋଇଗଲା ଏହି ସାମଗ୍ରୀକୁ ସରକାର ନିଜ ଦେଶରେ ପ୍ରସ୍ତୁତ କରିବାର ନିଷ୍ପତି ନେଇଥିଲେ ଏବଂ ଏହା ଖୁବ୍ ସଫଳ ହୋଇଥିଲା।

## ଓରମାସ୍ ପକ୍ଷରୁ ୪ ବୁଝାମଣା ପତ୍ର ସ୍ୱାକ୍ଷରିତ



**ଭୁବନେଶ୍ୱର,୬।୧୦ (ମହାଭାରତ):** ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗ ଅଧୀନରେ ଥିବା ଓର୍ମାସ ଦ୍ୱାରା ଆୟୋଜିତ ଦୁଇଦିନିଆ। ରପ୍ତାନୀ ଓ ଇ-କମର୍ସ କର୍ମଶାଳା ଏବଂ ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ସ୍ଥାନୀୟ କୃଷି ଭବନ ଅଡିଟୋରିୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ଏବଂ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହନୀ, ଓର୍ମାସର ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁହା ପୁନମ ତାପସ କୁମାର, ନାବାର୍ଡର ସିଜିଏମ୍ ଓ ଡିଜି-ଇଡିଆଇଆଇଙ୍କ ଉପସ୍ଥିତିରେ ଓର୍ମାସ୍ ପକ୍ଷରୁ ଚାରିଗୋଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା।

ଏହି ଅବସରରେ ଓରମାସ ଦ୍ୱାରା ୪ଟି ସଂସ୍ଥା ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଥିଲା। ଗୋଷ୍ଠୀସ୍ତରୀୟ ସଂଗଠନଗୁଡ଼ିକୁ ଧୂପକାଠି ପ୍ରସ୍ତୁତି ଏବଂ ବିକ୍ରୟରେ ସହଯୋଗ ପାଇଁ ଆଇ.ଟି.ସି କମ୍ପାନି ସହିତ, କୃଷକ ଉତ୍ପାଦକ ସଂଗଠନ, ଉତ୍ପାଦକ କମ୍ପାନି ଏବଂ ଉତ୍ପାଦକ ଉଦ୍ୟୋଗ ଆଦିକୁ ଖାଦ୍ୟ ସାମଗ୍ରୀ, ଫଳ, ପରିବା, ଡାଲି ଜାତୀୟ ଶସ୍ୟ ଆଦି ବିକ୍ରୟ ପାଇଁ ଭାରତ ମସଲା କମ୍ପାନି ସହିତ, ଗୋଷ୍ଠୀସ୍ତରୀୟ ସଂଗଠନ ସଦସ୍ୟମାନଙ୍କର ଦକ୍ଷତା ବିକାଶ ଏବଂ ଆନୁଷଙ୍ଗିକ ସହାୟତା ପ୍ରଦାନ ଦିଗରେ ଅହମଦାବାଦ ସ୍ଥିତ ଇ.ଡି.ଆଇ.ଆଇ ସଂସ୍ଥା ଏବଂ କର୍ଣ୍ଣାଟକ ରାଜ୍ୟ ମହୀଶୁର ସ୍ଥିତ ସି.ଏଫ.ଟି.ଆର.ଆଇ ସଂସ୍ଥା ସହିତ ଫଳ ଅମଳର ପରବର୍ତ୍ତୀ ପ୍ରକ୍ରିୟା କାର୍ଯ୍ୟକ୍ରମ।

# ପାର୍ବଣ ସମୟରେ ଯାତ୍ରୀ ଭିଡ ଏଡ଼ାଇବା ପାଇଁ ଗଡିବ ସ୍ୱତନ୍ତ୍ର ଟ୍ରେନ

**ଭୁବନେଶ୍ୱର,୬।୧୦ (ମହାଭାରତ):** ପାର୍ବଣ ସମୟରେ ଟ୍ରେନ ଯାତ୍ରୀଙ୍କ ଭିଡକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଦ୍ୱାରା ଦେଶର ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯାତାୟାତ ପାଇଁ ପୂଜା ସ୍ପେଶାଲ ଟ୍ରେନ୍ ଚଳାଚଳ କରାଯିବ। ଯାହା ୨୦୨୪ ମସିହା ନଭେମ୍ବର ମାସର ଶେଷ ସପ୍ତାହ ପର୍ଯ୍ୟନ୍ତ ଚଳାଚଳ କରିବ। ଏହି ପଦକ୍ଷେପରେ ପୂର୍ବତଟ ରେଳପଥ ଯାତ୍ରୀମାନଙ୍କ ସୁବିଧାଜନକ ଯାତ୍ରା ବିକଳ୍ପ ସୁନିଶ୍ଚିତ କରିବା ଲକ୍ଷ୍ୟରେ ପୂଜା ଛୁଟି ସମୟରେ ୫ ଲକ୍ଷ ୩୩ ହଜାରରୁ ଅଧିକ ଅତିରିକ୍ତ ଯାତ୍ରୀ ପରିବହନ ପାଇଁ ଲକ୍ଷ୍ୟ ରଖିଛି।

ପୂର୍ବତଟ ରେଳପଥ ପରିସୀମା ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ ମାନଙ୍କରୁ ଦେଶର ବିଭିନ୍ନ ସ୍ଥାନକୁ ପ୍ରାୟ ୨୭ଯୋଡି ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଇବାର ଯୋଜନା କରିଛି। ଏହା ବ୍ୟତୀତ, ଅତିରିକ୍ତ ଭାବରେ ଆହୁରି ୧୪ ଯୋଡ଼ା ସ୍ୱତନ୍ତ୍ର ଟ୍ରେନ୍ ପୂର୍ବତଟ ରେଳପଥ ପରିସୀମା ମଧ୍ୟଦେଇ ଚଳାଚଳ କରି ଯାତ୍ରୀ ଭିଡ଼ ସମୟରେ ରେଳ ସଂଯୋଗକୁ ବୃଦ୍ଧି କରୁଅଛି। କହିବାକୁ ଗଲେ ୧୧୩୪ ଟ୍ରିପ ସ୍ୱତନ୍ତ୍ର ଟ୍ରେନ ପୂଜା ଉତ୍ସବ ସମୟରେ ଚଳାଚଳ କରିବ।

ଜାତୀୟ ଟ୍ରେନ୍ ଇନକ୍ୱାରୀ ସିଷ୍ଟମ୍, ପୂର୍ବତଟ ରେଳପଥ (ଇଷ୍ଟକୋଷ୍ଟ ରେଲୱେ) ସୋସିଆଲ୍ ମିଡିଆ। ପ୍ଲାଟଫର୍ମ, ରେଳ ଷ୍ଟେସନରେ ଥିବା ଚଜଝ କାଉଣ୍ଟର (ଅନୁସନ୍ଧାନ କେନ୍ଦ୍ର) ଭଳି ବିଭିନ୍ନ ମାଧ୍ୟମରେ ଏହି ସ୍ୱତନ୍ତ୍ର ଟ୍ରେନର କାର୍ଯ୍ୟସୂଚୀ ଏବଂ ଉପଲବ୍ଧତା ସମ୍ବନ୍ଧରେ ଅବଗତ ହେବାପାଇଁ ରେଳ ଯାତ୍ରୀମାନଙ୍କୁ କୁହାଯାଇଅଛି। ଯାହାକି ଏକ ସୁଗମ ଏବଂ ଅସୁବିଧାମୁକ୍ତ ଭ୍ରମଣ ଅଭିଜ୍ଞତା ସୁନିଶ୍ଚିତ କରିବାକୁ ଏହି ମାଧ୍ୟମ ଗୁଡିକ ସଠିକ ସୂଚନା ପ୍ରଦାନ କରିବ।

ସ୍ୱତନ୍ତ୍ର ଟ୍ରେନ୍ ଭୁବନେଶ୍ୱରରୁ ଧାନବାଦ୍ (ଝାଡ଼ଖଣ୍ଡ) ଏବଂ ଯଶୋବନ୍ତପୁର (ବାଙ୍ଗାଲୋର) ଅଭିମୁଖେ; ପୁରୀରୁ ପାଟନା (ବିହାର), ନିଜାମୁଦ୍ଦିନ (ଦିଲ୍ଲୀ), ଉଧନା (ସୁରଟ-ଗୁଜୁରାଟ), ଗ୍ୱାଲିୟର (ମଧ୍ୟ ପ୍ରଦେଶ), କୋଲକାତା, ସାନ୍ତ୍ରାଗାଛି, ଶାଲିମାର (ପଶ୍ଚିମ ବଙ୍ଗ) ଏବଂ ଭଞ୍ଜପୁର (ବାରିପଦା) ଅଭିମୁଖେ; ସମ୍ବଲପୁରରୁ ଏରୋଡ (କେରଳ) ଅଭିମୁଖେ; ବିଶାଖାପାଟନମ୍ ଠାରୁ ସିକନ୍ଦରାବାଦ, ବେଙ୍ଗାଲୁରୁ, ତିରୁପତି, ଚେନ୍ନାଇ, କୋଲାମ (କେରଳ), ଶାଲିମାର ଏବଂ ଆରାକୁ ଅଭିମୁଖେ ଚଳାଚଳ କରିବାକୁ ଥିବାବେଳେ ବ୍ରହ୍ମପୁର ରୁ ନାନ୍ଦେଡ (ମହାରାଷ୍ଟ୍ର), ସିକନ୍ଦରାବାଦ, ସୁରଟ (ଗୁଜୁରାଟ); ଶ୍ରୀକାକୁଲମ୍ ଠାରୁ ସିକନ୍ଦରାବାଦ ଏବଂ ତିରୁପତି ଅଭିମୁଖେ ଏବଂ କଟକରୁ ହାଇଦ୍ରାବାଦ ଅଭିମୁଖେ ଚଳାଚଳ କରୁଛି।

# ନବୀନଙ୍କ ଯୋଜନାକୁ ହାତେଇବାକୁ ଚେଷ୍ଟା କରୁଛି ବିଜେପି

**ଭୁବନେଶ୍ୱର,୬।୧୦ (ମହାଭାରତ):** ରାଜ୍ୟ ବିଜେପି ସରକାରଙ୍କ ଦ୍ୱାରା ୧୬,୦୦୯ ଜଣଙ୍କୁ କନିଷ୍ଠ ଶିକ୍ଷକ (ସ୍କିମାଟିକ) ଭାବେ ଆଜି ପ୍ରଦାନ କରାଯାଉଥିବା ନିଯୁକ୍ତି ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାରଙ୍କ ସମୟରେ ସମସ୍ତ କାର୍ଯ୍ୟ ଚୂଡାନ୍ତ ହୋଇଥିଲା ବୋଲି ବିଜୁ ଜନତା ଦଳ ଦୃଢ଼ ଦାବି କରିବା ସହ ମଲା ହରିଣ ଉପରେ ପାହାର ପକାଇ ତାକୁ ଶିକାର କରିଛି ବୋଲି କହିବା ସଦୃଶ୍ୟ ହୋଇଛି ବୋଲି କୁହାଯାଇଛି।

ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ। ଓ ମୁଖପାତ୍ର ତଥା ମିଡ଼ିଆ। ସଂଯୋଜକ ଡଃ ଲେନିନ୍ ମହାନ୍ତି ବିଜେପି ସରକାର ଏକ କପି ପେଷ୍ଟ ସରକାର ବୋଲି ବର୍ଣ୍ଣନା କରିଛନ୍ତି । ଶ୍ରୀ ଖୁଣ୍ଟିଆ। କହିଥିଲେ, ଏହି ସ୍କିମାଟିକ ନିଯୁକ୍ତି ପାଇଁ ନବୀନ ସରକାର ୨୨ ଅଗଷ୍ଟ ୨୦୨୩ ଦିନ ଏକ ରିଜଲ୍ୟୁସନ କରିଥିଲେ। ୧୦ ସେପ୍ଟେମ୍ବର ୨୦୨୩ରେ ଏହି କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ବିଜ୍ଞାପନ ପ୍ରକାଶ ପାଇଥିଲା। ଏହି ବିଜ୍ଞାପନ ଅନୁଯାୟୀ ସିଟିଟି ରଖିଥିବା ମାର୍କ ଅନୁଯାୟୀ ଆବେଦନକାରୀ ପ୍ରାର୍ଥୀ ମାନଙ୍କ ମଧ୍ୟରୁ ଚୟନ କରାଯିବ। ସେହି ଅନୁସାରେ, ୧୫ ଜାନୁଆରୀ ୨୦୨୪ରେ ଡ୍ରାଫ୍ଟ ମେରିଟ ଲିଷ୍ଟ ପ୍ରକାଶ ପାଇଥିଲା। ୫୮ ଜଣ ଆବେଦନକାରୀ ସରକାରଙ୍କ ୨୨ ଅଗଷ୍ଟରେ ହୋଇଥିବା ରିଜଲ୍ୟୁସନ ଉପରେ ପ୍ରଶ୍ନ ଉଠାଇ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ୧୮ ଜୁନ ୨୦୨୪ରେ ଉଚ୍ଚ ନ୍ୟାୟାଳୟଙ୍କ ପ୍ରକାଶିତ ହୋଇଥିବା ରାୟରେ, ସରକାରଙ୍କ ରିଜଲ୍ୟୁସନକୁ ବୈଧ କହିଥିଲେ ଓ ନିଯୁକ୍ତି ପ୍ରଣାଳୀଙ୍କୁ ମଧ୍ୟ ବୈଧ କହିଥିଲେ। ବିଜେପି ଏହି ନିଯୁକ୍ତି ପ୍ରକ୍ରିୟାକୁ ସେତେବେଳେ ବିରୋଧ କରୁଥିଲା । ସରକାରକୁ ଆସିବା ପରେ ନବୀନଙ୍କ ସମୟରେ ସମ୍ପୂର୍ଣ୍ଣ ହୋଇଥିବା ନିଯୁକ୍ତିକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ପ୍ରଦାନ କରୁଛନ୍ତି ଓ ଏଥିପାଇଁ ଖବର କାଗଜରେ ବିଜ୍ଞାପନ ନେଇ ନିଜର ଡିଣ୍ଡିମ ପିଟୁଛନ୍ତି । ନବୀନ ପଟ୍ଟନାୟକଙ୍କ ସମୟରେ ଶିକ୍ଷା କ୍ଷେତ୍ରରେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ ହୋଇଛି। ରାଜ୍ୟର ସମସ୍ତ ୩୧୩ ବ୍ଲକରେ ଓଡିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି, ୫-ଟି ମାଧ୍ୟମରେ ରାଜ୍ୟର ପ୍ରାୟ ୮୫୦୦ ଉଚ୍ଚ ବିଦ୍ୟାଳୟର ରୂପାନ୍ତିକରଣ ହେବା ସହ ରାଜ୍ୟରେ ୨୦ ହଜାର ଶିକ୍ଷକ ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲେ ବୋଲି ଶ୍ରୀ ଖୁଣ୍ଟିଆ। କହିଥିଲେ। ବିଜେଡି ମୁଖପାତ୍ର ଡଃ ଲେନିନ୍ ମହାନ୍ତି କହିଥିଲେ, ଶ୍ରମିକ ମାନଙ୍କ ପାରିଶ୍ରମିକ ବୃଦ୍ଧି କଥା ହେଉ ବା ଓଡିଶାକୁ ଶିଳ୍ପାନୁଷ୍ଠାନମାନଙ୍କ ଦ୍ୱାରା ପୁଞ୍ଜି ନିବେଶ କଥା ହେଉ ବା ଶିକ୍ଷକ ନିଯୁକ୍ତି କଥା ହେଉ ନବୀନ ସରକାରଙ୍କ ଛାପ ସବୁଠାରେ ରହିଛି। ନବୀନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ, ଓଡିଶା ଆଜି ଅନେକ କ୍ଷେତ୍ରରେ ସଫଳତା ପାଉଛି। ନବୀନଙ୍କ ସମୟରେ କନିଷ୍ଠ ଶିକ୍ଷକଙ୍କ ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିଲା କେବଳ କିଛି ଆବେଦନକାରୀ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବା ଯୋଗୁଁ ନିଯୁକ୍ତି ପତ୍ର ଦିଆଯାଇ ପାରିନଥିଲା।



# ଟ୍ରେନକୁ ଟାର୍ଗେଟ

ବିଶ୍ୱର ବୃହତ୍ତମ ରେଳ ନେଟୱର୍କ ହେଲା ଭାରତୀୟ ରେଳବାଇ । ପ୍ରତିଦିନ ଭାରତରେ ୨ କୋଟି ଲୋକ ଯିବାଆସିବା କରନ୍ତି ଯାହା ବିଶ୍ୱର ଅନେକ ଦେଶର ମୋଟ ଜନସଂଖ୍ୟାଠାରୁ ଅଧିକ । ;ରେଳବାଇ ହେଉଛି ମାଲ ପରିବହନର ମୁଖ୍ୟ ମାଧ୍ୟମ । କୋଇଲାଠାରୁ ଆରମ୍ଭ କରି ବିଭିନ୍ନ ଖଣିଜ ପଦାର୍ଥ, ଖାଦ୍ୟ ସାମଗ୍ରୀ ଏବଂ ଅନ୍ୟାନ୍ୟ ସାମଗ୍ରୀ ରେଳବାଇ ଦ୍ୱାରା ଦେଶର ବିଭିନ୍ନ ସ୍ଥାନକୁ ପରିବହନ ହୋଇଥାଏ । ଯଦି ରେଳବାଇର ମାଲ ପରିବହନ ବ୍ୟବସ୍ଥା ଠପ ହୋଇଯିବ ତେବେ ଅନେକ ଶିଳ୍ପ ବନ୍ଦ ହେବା ଭଳି ପରିସ୍ଥିତି ସୃଷ୍ଟି ହେବ । କୋଇଲା ପରିବହନ ବନ୍ଦ ହୋଇଗଲେ ଥର୍ମାଲ ପାୱାର ପ୍ଲାଣ୍ଟ ସବୁ ବନ୍ଦ ହୋଇଯିବ ଏବଂ ବିଦ୍ୟୁତ ଯୋଗାଣ ବ୍ୟାହତ ହେବ । ଖାଦ୍ୟ ସାମଗ୍ରୀ ପରିବହନ ବନ୍ଦ ହୋଇଗଲେ ଦେଶରେ ଖାଦ୍ୟ ସୁରକ୍ଷା ଯୋଜନା ଗୁରୁତର ପ୍ରଭାବିତ ହେବ । ଆତଙ୍କବାଦୀମାନେ ଏହା ହିଁ ଚାହାଁନ୍ତି ଗୋଟିଏ ବୋମା ବିସ୍ଫୋରଣରେ ଯେତିକି ଲୋକ ପ୍ରାଣ ହରାଇବାର ଆଶଙ୍କା ରହିଛି, ଗୋଟିଏ ଟ୍ରେନ ଦୁର୍ଘଟଣା ହେଲେ ତାହାଠାରୁ ଢେର ଅଧିକ ଲୋକଙ୍କ ଜୀବନ ଯିବ । ବାହାନଗା ଟ୍ରେନ ଦୁର୍ଘଟଣା ଏହାର ଉଦାହରଣ । ପାକ୍ ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଏହାର ଆତ୍ମଘାତୀ ବାହିନୀକୁ ଏଥିଲାଗି ନିର୍ଦ୍ଦେଶ ଦିଆଯାଇଛି । ଏହା ଭାରତ ପାଇଁ ଏକ ବିପଦ ସଙ୍କେତ । ଗତ କିଛି ଦିନ ଭିତରେ ଦେଶର ବିଭିନ୍ନ ସ୍ଥାନରେ ବିଶେଷ କରି ଉତ୍ତର ଓ ପଶ୍ଚିମ ଭାରତରେ ଏଭଳି ଅନେକ ଘଟଣା ଘଟିଛି ଯାହା ପଛରେ ଆତଙ୍କବାଦୀ ସଙ୍ଗଠନର ଷଡ଼ଯନ୍ତ୍ର ରହିଥିବା ସ୍ପଷ୍ଟ । ଗତ ମାସରେ ବନ୍ଦେ ଭାରତ ଏକ୍ସପ୍ରେସକୁ ଲାଇନଚ୍ୟୁତ କରିବା ଲାଗି ଏଭଳି ଏକ ଷଡ଼ଯନ୍ତ୍ର ହୋଇଥିଲା । ଏହା ପରେ ସାବରମତୀ ଏକ୍ସପ୍ରେସ ଲାଇନଚ୍ୟୁତ ହୋଇଥିଲା । ସୋମବାର କାନପୁର ନିକଟରେ କାଳିନ୍ଦୀ ଏକ୍ସପ୍ରେସକୁ ଲାଇନ ଚ୍ୟୁତ କରିବା ପାଇଁ ପ୍ରୟାସ କରାଯାଇଥିଲା । ଟ୍ରେନ ଲାଇନରେ ଏକ ଗ୍ୟାସ ସିଲିଣ୍ଡର ରହିଥିଲା । ଏହା ସହିତ କିଛି ଆଲୁମିନିୟମ ପାଉଡର ମଧ୍ୟ ରହିଥିଲା । ଯଦି ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ହୋଇଥାଆନ୍ତା ତେବେ ଆଲୁମିନିୟମ ପାଉଡରରେ ନିଆଁ ଲାଗି ବଡ଼ ଧରଣର ଅଘଟଣା ଘଟିଥାଆନ୍ତା । ଟ୍ରେନରେ ନିଆଁ ଲାଗି ଅନେକ ଧନଜୀବନ ନଷ୍ଟ ହୋଇଥାଆନ୍ତା । ସୌଭାଗ୍ୟକୁ ଏଭଳି ଅଘଟଣାକୁ ଟାଳିଦିଆଯାଇପାରିଲା । ଏହାର ୨୪ ଘଣ୍ଟା ଭିତରେ ରାଜସ୍ଥାନରେ ଏଭଳି ଏକ ଷଡ଼ଯନ୍ତ୍ର ଧରାପଡ଼ିଛି । ଟ୍ରେନ ଲାଇନରେ ଏକ ୭୦ କେଜି ଓଜନର ସିମେଣ୍ଟ ଖଣ୍ଡ ରଖାଯାଇଥିଲା । ଏହି ଲାଇନରେ ଆସୁଥିବା ଏକ ମାଲବାହୀ ଟ୍ରେନ ଏହାକୁ ଧକ୍କା ଦେଇଥିଲା । ହୁଏତ ଯାତ୍ରୀବାହୀ ଟ୍ରେନ ହୋଇଥିଲେ ଏହା ଲାଇନଚ୍ୟୁତ ହୋଇଥାଆନ୍ତା ଏବଂ ଅନେକ ଧନଜୀବନ ନଷ୍ଟ ହୋଇଥାଆନ୍ତା । କେବଳ ଧନଜୀବନ ହାନି ନୁହେଁ, ବାରମ୍ବାର ଏପରି ଦୁର୍ଘଟଣା ଘଟିଲେ ରେଳନେଟୱର୍କ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିବ । ଆତଙ୍କବାଦୀ ସଙ୍ଗଠନ ପକ୍ଷରୁ ଦେଶର ବଡ଼ ବଡ଼ ନଗରୀ ଯଥା ମୁମ୍ବାଇ, ଦିଲ୍ଲୀ ଭଳି ସହରରେ ଟ୍ରେନ ଦୁର୍ଘଟଣା ନିମନ୍ତେ ଯୋଜନା କରାଯାଇଛି । ସେହିପରି ସଡ଼କ ପଥରେ ମଧ୍ୟ ଟ୍ରକରେ ମାଲ ପରିବହନ, ମାଟି ତଳେ ଯାଇଥିବା ଗ୍ୟାସ ଏବଂ ତେଲ ପାଇପ ଲାଇନକୁ ବିସ୍ଫୋରଣରେ ଉଡ଼ାଇ ସପ୍ଲାଇ ଚେନକୁ ଧ୍ୱଂସ କରିବା ପାଇଁ ଆତଙ୍କବାଦୀ ସଙ୍ଗଠନ ଗୁଡ଼ିକ ଯୋଜନା କରୁଛନ୍ତି । ଏହା ନିଶ୍ଚିତ ଭାବେ ଏକ ଚିନ୍ତାର ବିଷୟ ଏବଂ ଦେଶର ସୁରକ୍ଷା ବ୍ୟବସ୍ଥା ପ୍ରତି ଆହ୍ୱାନ । ଏହାର ମୁକାବିଲା କରିବା ସହଜ ନୁହେଁ । ତଥାପି ଏଭଳି ଘଟଣାକୁ ବନ୍ଦ କରିବା ନିମନ୍ତେ ସ୍ୱତନ୍ତ୍ର ଯୋଜନା କରାଯିବା ଜରୁରୀ । ଟ୍ରେନ ଲାଇନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ଉଚିତ । ଟ୍ରେନ ଟ୍ରାକର ନିୟମିତ ଅନୁଧ୍ୟାନ କରାଯିବା ଉଚିତ । ଯେଉଁମାନେ ଏଭଳି ଷଡ଼ଯନ୍ତ୍ରରେ ସମ୍ପୃକ୍ତ ଥିବେ ସେମାନଙ୍କୁ ଦେଖିବା ମାତ୍ରେ ଗୁଳି କରାଯିବା ଉଚିତ ।

# ସ୍ୱରୂପ ହରାଉଛି ଶିଷ୍ଟାଚାର

॥ ନିରୁପମା ଭୂୟାଁ ॥

;କ'ଣ ହୋଇପାରେ କାରଣ : ଦିନ ଥିଲା ଯେତେବେଳେ ଗୁରୁଜନଟିଏ ବସିବାର ଦେଖିଲେ ବୟସରେ ସାନ ଲୋକଟିଏ ବାଟ ଭାଙ୍ଗି ଚାଲି ଯାଉଥିଲା । କିନ୍ତୁ ଏବେ ଏହି ଦୃଶ୍ୟର ଘୋର ଅଭାବ । ସେହିଭଳି ଗୁରୁଜନମାନେ ମଧ ଲଘୁଜନଙ୍କ ପ୍ରତି ଥିବା ସେମାନଙ୍କର କର୍ତ୍ତବ୍ୟର ପ୍ରତିପାଳନ କରୁନାହାନ୍ତି । ଯାହାଦ୍ୱାରା ଏକ ମହାନ ପରମ୍ପରାର ବିଲୋପ ଘଟୁଛି । କ'ଣ ହୋଇପାରେ ଏହାର କାରଣ ? ଉତ୍ତର ଅତି ସହଜ ।

ମଣିଷ ହେଉଛି ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ । ଏହା ନିକଟରେ ଈଶ୍ୱର ଦୟା, କ୍ଷମା, ମାନ, ସମ୍ମାନ, ମର୍ଯ୍ୟାଦା ଭଳି ଅନେକ ଦିବ୍ୟଗୁଣ ଭରି ଦେଇଛନ୍ତି । ଫଳରେ ଏହାକୁ ଅନ୍ୟକୁ ଏକ ନୂତନ ଦିଗଦର୍ଶନ ଦେଇପାରିବା ସହିତ ସମାଜକୁ ସୁସ୍ଥ ରଖିବାରେ ଶତ ପ୍ରତିଶତ ସକ୍ଷମ ହୋଇପାରିଛି । ମଣିଷକୁ ସମାଜର ଏକ ମୁଖ୍ୟ ଅବଦାନ ହେଉଛି ସମ୍ପର୍କ ତଥା ପରିବାର । ସମ୍ପର୍କ ଏମିତି ଏକ ମାଧ୍ୟମ ଯାହା ଦ୍ୱାରା ଅନେକ ବାଟ ଯାଏ ଯାଇପାରେ ମଣିଷ । କିନ୍ତୁ ସମ୍ପର୍କ ଅନେକ କିଛି ଆଶା କରେ । ପରିବାର ବା ସମାଜ ଭିତରେ ବୟସ ନିର୍ବିଶେଷରେ ଅନେକ ମଣିଷ ବାସ କରନ୍ତି । ପରସ୍ପର ପ୍ରତି ସ୍ନେହ ସମ୍ଭାଷଣ ଏହାର ଏକ ଗୁରୁତ୍ୱପୂର୍ଣ୍ଣ ପରମ୍ପରା । ଛୋଟ ପିଲାମାନେ ବଡ଼ମାନଙ୍କୁ ପ୍ରଣାମ କରନ୍ତି । ବଡ଼ମାନେ ସେମାନଙ୍କୁ ଆଶୀର୍ବାଦ କରି ଦୀର୍ଘ ନିରାମୟ ତଥା ଉଜ୍ଜ୍ୱଳ ଭବିଷ୍ୟତ କାମନା କରନ୍ତି । ଏମିତି ହେବା ଦ୍ୱାରା ଗୋଟିଏ କଥା ସିଦ୍ଧ ହୋଇଯାଏ ଯେ ସାମାଜିକ ସ୍ରୋତ ଏକ ସନ୍ତୁଳିତ ମାର୍ଗ ଦେଇ ଗତି କରୁଥାଏ । ଶୃଙ୍ଖଳାର ଶୃଙ୍ଖଳ ଦିନକୁ ଦିନ ଦୃଢ଼ରୁ ଦୃଢ଼ତର ହେଉଥାଏ ।

ଦେବ ପରମ୍ପରା ପ୍ରତୀକ : ମହାଭାରତୀୟ ପରମ୍ପରା ଥିଲା ସବୁଠୁ ନିଆରା । ଏହା କେବଳ ଭାରତୀୟ ଉପମହାଦେଶରେ ସୀମିତ ରହି ନଥିଲା, ଅଧିକନ୍ତୁ ସାରା ବିଶ୍ୱକୁ ଆଲୋକ ପ୍ରଦାନ କରିବାରେ ଥିଲା ଅଗ୍ରଦୂତ । ଭାରତରେ ଥିଲା ଏକ ଦେବ ପରମ୍ପରା, ଯାହାର ପ୍ରତୀକ ଥିଲା ସାମାଜିକ ଶୃଙ୍ଖଳା, ପାରିବାରିକ ଦାୟିତ୍ୱବୋଧ ଆଉ ସବୁଠୁ ଉର୍ଦ୍ଧ୍ୱରେ ଥିଲା ସମ୍ମାନ ତଥା ଶିଷ୍ଟାଚାର । ଭାରତର ପରମ୍ପରାକୁ ଋଦ୍ଧିମନ୍ତ କରିଥିଲେ ମୁନି, ଋଷି, ଯୋଗସିଦ୍ଧ ତପସ୍ୱୀଙ୍କ ଭଳି ଯୋଗଜନ୍ମାମାନେ । ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ ନୀତି ହିଁ ମହାଭାରତୀୟ ସଂସ୍କୃତିକୁ କରିଥିଲା ମହାନ୍ । ଗୁରୁକୁଳ ଆଶ୍ରମରେ ରହି ସେତେବେଳର ଶିଶୁମାନେ ସାମାଜିକ ଜ୍ଞାନ ଆହରଣ କରୁଥିଲେ । ବ୍ୟକ୍ତିତ୍ୱକୁ ବିକାଶ କରିବାର କଳା ହାସଲ କରୁଥିଲେ । ଫଳରେ ଗୋଟିଏ ଲମ୍ବା ଜୀବନ ଅତିବାହିତ କରିବା ସେମାନଙ୍କ ପାଇଁ ଆଦୌ କଠିନ ବ୍ୟାପାର ହେଉନଥିଲା ।

ମାତ୍ର ବର୍ତ୍ତମାନ ଦେଖିବାକୁ ମିଳୁଛି ଯେ, ସାମାଜିକ ଶୃଙ୍ଖଳ ଦିନକୁ ଦିନ ତା'ର ଦୃଢ଼ତା ହରାଉଛି । ଅନେକ ଅନୁଶୀଳନ ପରେ ଏହାର କାରଣ ଅବଶ୍ୟ ଉଦ୍ଭାବନ କରାଯାଇଛି । କାରଣଟି ଯେତିକି ବିଷମ ସେତିକି ପରିତାପକର । ସାମାଜିକ ଶୃଙ୍ଖଳ ଶିଥିଳ ହେବାର ମୁଖ୍ୟ କାରଣ ହେଉଛି ଶିଷ୍ଟାଚାର ଅଭାବ । ଏହା କେବଳ ସାମାଜିକ ଶୃଙ୍ଖଳ ବା ବନ୍ଧନକୁ ଶିଥିଳ କରିନାହିଁ, ଅଧିକନ୍ତୁ ସାମାଜିକ ଶୃଙ୍ଖଳାକୁ ଭାଙ୍ଗିରୁଜି ଛାରଖାର କରିଦେଇଛି । କାହାରି ପ୍ରତି କାହା ଭିତରେ ମମତା ନାହିଁ, ସ୍ନେହ ନାହିଁ କି ଶ୍ରଦ୍ଧା, ଭକ୍ତି, ସମ୍ମାନ ନାହିଁ । ଯିଏ ଯାହା ଇଚ୍ଛାରେ ଜୀବନ ବଞ୍ଚିବାର ମାର୍ଗ ଖୋଜି ନେଉଛନ୍ତି । ଫଳ ଏଇଆ ହେଉଛି ଯେ, ଅଧାବାଟରେ ଅଣନିଃଶ୍ୱାସୀ ହୋଇ ଟିକିଏ ସୁସ୍ଥ ପବନ ଖୋଜିବା ବେଳକୁ ସେଇତକ ବି ମିଳୁନାହିଁ ।

କ'ଣ ହୋଇପାରେ କାରଣ : ଦିନ ଥିଲା ଯେତେବେଳେ ଗୁରୁଜନଟିଏ ବସିବାର ଦେଖିଲେ ବୟସରେ ସାନ ଲୋକଟିଏ ବାଟ ଭାଙ୍ଗି ଚାଲି ଯାଉଥିଲା । କିନ୍ତୁ ଏବେ ଏହି ଦୃଶ୍ୟର ଘୋର ଅଭାବ । ସେହିଭଳି ଗୁରୁଜନମାନେ ମଧ ଲଘୁଜନଙ୍କ ପ୍ରତି ଥିବା ସେମାନଙ୍କର କର୍ତ୍ତବ୍ୟର ପ୍ରତିପାଳନ କରୁନାହାନ୍ତି । ଯାହାଦ୍ୱାରା ଏକ ମହାନ ପରମ୍ପରାର ବିଲୋପ ଘଟୁଛି । କ'ଣ ହୋଇପାରେ ଏହାର କାରଣ ? ଉତ୍ତର ଅତି ସହଜ । ଆମେ ପାଶ୍ଚାତ୍ୟ ପରମ୍ପରାର ଏଭଳି ଅନୁଗାମୀ ହୋଇ ଉଠିଛେ ଯେ, ଆମକୁ ଆମ ପରମ୍ପରା ଅତି ଅର୍ବାଚୀନ ତଥା ଅସଂଗତ ମନେ ହେଉଛି । ଆଜିକାର ପିଲାମାନେ ଗୁରୁଜନ କହିଲେ ଖୁବ୍ କମ୍ ବୁଝନ୍ତି । କାରଣ ସେମାନେ ରହୁଥିବା ପରିବେଶରେ ଏଭଳି ଦୃଶ୍ୟ ସେମାନେ ଦେଖିବାକୁ ପାଉନାହାନ୍ତି । ପାଶ୍ଚାତ୍ୟ ପରମ୍ପରାରେ ଅନ୍ୟକୁ ସମ୍ମାନ ଜଣାଇବାକୁ ଯାଇ ହାତ ମିଳାଇବା, ହେଲୋ ହାଏ କହିବା ନ ହେଲେ ଆଲିଙ୍ଗନ କରି ଚୁମ୍ବନ ଦେବାକୁ ପଡ଼ିଥାଏ । ଅନ୍ୟପକ୍ଷରେ ଆମ ପରମ୍ପରାରେ ସେସବୁ କେବଳ ନିଷିଦ୍ଧ ନୁହେଁ, ଅସାମାଜିକ ମଧ । କିନ୍ତୁ ଆମେ ତାହା ହିଁ କରୁଛେ ।

ପ୍ରଣାମର ପ୍ରାଣହାନି : ଆମ ପରମ୍ପରାରେ ଶିଷ୍ଟାଚାରର ଏକ ଉପାଦାନ ଥିଲା ପ୍ରଣାମ । ସେଥିପାଇଁ ଆମର ଦିବ୍ୟଦ୍ରଷ୍ଟାମାନେ ଷାଷ୍ଟାଙ୍ଗ, ଅଷ୍ଟାଙ୍ଗ ପ୍ରଣାମ ବା ପ୍ରଣିପାତର ତରିକା ନିର୍ଦ୍ଧାରଣ କରି ଯାଇଛନ୍ତି । ବାପା, ମା', ଗୁରୁ, ଗୁରୁମା, ଭାଇ, ଭାଉଜ, କକେଇ ଆଦି ଗୁରୁ ସ୍ଥାନୀୟ ଲୋକଙ୍କୁ ଦେଖିବା ମାତ୍ରେ ପ୍ରଣିପାତ କରିବାର ବିଧି ରହିଥିଲା । ଏହା କେବଳ ଶିଷ୍ଟାଚାର ନଥିଲା, ଏଥିରେ ଯୋଗାଭ୍ୟାସର ପ୍ରଚ୍ଛନ୍ନ ବିଧି ମଧ ଥିଲା । ଷାଷ୍ଟାଙ୍ଗ ବା ଅଷ୍ଟାଙ୍ଗ ପ୍ରଣିପାତ କରିବା ଶରୀରର ସବୁ ଅଙ୍ଗ କାର୍ଯ୍ୟରେ ଲାଗୁଥିଲା । ଫଳରେ ରକ୍ତସଞ୍ଚାଳନ ପ୍ରକ୍ରିୟାର ଉନ୍ନତି ଘଟୁଥିଲା ଏବଂ ମଣିଷ ଦୀର୍ଘାୟୁ ହେଉଥିଲା । କିନ୍ତୁ ଏବେ ସାମାନ୍ୟ ନମସ୍କାରରେ ହିଁ କାମ ଚଳିଯାଉଛି । ଏମିତିକି ନମସ୍କାର କରିବା ପାଇଁ ଅନେକଙ୍କ ନିକଟରେ ବେଳ ନାହିଁ । ଅନେକେ ଏହାକୁ ଅସଙ୍ଗତ ବୋଲି ମଧ ମନେ କରୁଛନ୍ତି । ପୁଅ ବାପା ମା'ଙ୍କୁ ପ୍ରଣାମ କରୁନି କି ନୂଆବୋହୂଟିଏ ତାର କର୍ତ୍ତବ୍ୟ ପାଳନକୁ ବ୍ରତ ଭାବେ ଗ୍ରହଣ କରୁନି । ଦିନକୁ ଦିନ ସୃଷ୍ଟି ହେଉଛି ବିଶୃଙ୍ଖଳିତ ପରିସ୍ଥିତି । ତେବେ ଏକଥା ଭୁଲିଯିବା ଉଚିତ ନୁହେଁ ଯେ, ଆମ ପରମ୍ପରାରେ ନିର୍ଦ୍ଧାରିତ ହୋଇଥିବା ପ୍ରକ୍ରିୟାଗୁଡ଼ିକ କେବଳ ଗତାନୁଗତିକ ନଥିଲା ବରଂ କାର୍ଯ୍ୟଟି ତମାମ୍ ଜୀବନକୁ କିଭଳି ପ୍ରତିନିଧିତ୍ୱ କରି ପାରିବ ତାହାର ତରିକା ନିର୍ଦ୍ଧାରଣ କରାଯାଇଥିଲା । ଏବର ମଣିଷ ଜୀବନ ଏକ ମସ୍ତବଡ଼ ବିଷମ ପରିସ୍ଥିତି ମଧ ଦେଇ ଗତି କରୁଛି । ସାମାଜିକ ଜୀବନ ଶତପ୍ରତିଶତ ଭୂଲୁଣ୍ଠିତ । କେହି କାହା ପ୍ରତି ଦାୟ-ବୋଧ-ସମ୍ପନ୍ନ ନୁହନ୍ତି । କିନ୍ତୁ କେତେଦିନ ଏମିତି ନିଜ ଇଚ୍ଛାରେ ଚାଲୁଥିବ ମଣିଷ । ପ୍ରକୃତିର ନିୟମକୁ କରୁଥିବ ଉଲ୍ଲଂଘନ । ଏବେ ବି ବେଳ ଅଛି ମଣିଷ ସୁଧୁରି ଯାଇପାରେ । ଗୁରୁ ଗୁରୁଜନଙ୍କୁ ଭକ୍ତି, ପ୍ରକୃତିକୁ ସମ୍ମାନ ଆଦି ଦିବ୍ୟଗୁଣକୁ ଉଜ୍ଜୀବିତ କରି ପାରିଲେ ପୁଣିଥରେ ଦିବ୍ୟ ପରିବେଶ ସୃଷ୍ଟି ହେବ ଏ ପୃଥିବୀରେ – ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ।

ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା ଜିଲ୍ଲା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର,

ଦୂରଭାଷ : ୯୯୩୭୪୭୦୯୮୦

# ଜି -୨୦ ସମ୍ମିଳନୀ

॥ କାଳି ଦାସ ॥

ଇଣ୍ଡୋନେସିଆରେ ଜି ୨୦ ସମ୍ମିଳନୀ ରେ ବିଭିନ୍ନ ଦେଶ ର ମୁଖିଆ ମାନେ ଯୋଗ ଦେଇଥିଲେ । ଉକ୍ତ ସମ୍ମିଳନୀ ରେ ଭାରତ ର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ ଯୋଗ ଦେଇ ଥିଲେ । ଅନୁଷ୍ଠିତ ହୋଇଥିବା ସମ୍ମିଳନୀ ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଟକ ର ବାଲି ଯାତ୍ରା ବିଷୟ ରେ ଆ ।ଲୋକପାତ କରିଥିଲେ । ଓଡିଆ ସାଧବ ପୁଅ ମାନେ ପୂର୍ବ କାଳ ରେ ଇଣ୍ଡୋନେସିଆ ଯାଇ ବାଣିଜ୍ୟ ବେପାର କରୁଥିଲେ । ତାର ସ୍ମୃତି ରେ ଏହି ବାଲି ଯାତ୍ରା କାର୍ତ୍ତିକ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ଥାଏ । ଓଡିଶା ଓ ଇଣ୍ଡୋନେସିଆ ର ବହୁତ ପୁରୁଣା ସମ୍ପର୍କ ରହିଛି । ନଭେମ୍ବର ୨୦୨୨ରେ ଇଣ୍ଡୋନେସିଆର ନୁସା ଦୁଆ ର ବାଲି ରେ ଏହି ଐତିହାସିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସେଥିରେ ୧୯ ଟି ଦେଶ ଏବଂ ୟୁରୋପିଏନ ୟୁନିଅନ ଯୋଗ ଦେଇଥିଲେ ।ଏମାନଙ୍କ ମୂଳମନ୍ତ୍ର ଥିଲା ଜରମକ୍ଟଙ୍ଗରକ୍ସ ଗ୍ଭକ୍ଟଶରଗ୍ଭଷରକ୍ସ, କ୍ସରମକ୍ଟଙ୍ଗରକ୍ସ ଗ୍ଭଗ୍ଭକ୍ସକ୍ଟଭଶରକ୍ସ.ଇଣ୍ଡୋନେସିଆ ସମଗ୍ର ବିଶ୍ୱ କୁ ଆହ୍ୱାନ କରିଛି ସଂଗଠିତ ଭାବ ରେ କାମ କରି ମାହାମାରୀ ଠାରୁ ମୁକ୍ତି ପାଇବା ପାଇଁ ଏବଂ ବିଶ୍ୱର ଉନ୍ନତି ପଥ ରେ ମିଳିତ ସହଯୋଗ ପାଇଁ । ଜି୨୦ ର ଗଠନ ୧୯୯୯ ରେ ହୋଇଥିଲା । ବର୍ତ୍ତମାନ ର ଜି୨୦ ର ସମ୍ମିଳନୀ ହେଉଛି ୧୭ତମ ସମ୍ମିଳନୀ । ବର୍ତ୍ତମାନ ବିଶ୍ୱରେ ଅନେକ କିଛି ସମସ୍ୟା ଦେଖିବାକୁ ମିଳିଛି । ରୁଷିଆ ଏବଂ ୟୁକ୍ରେନ ଭିତରେ ଚାଲିଥିବା ଯୁଦ୍ଧ ବିଶ୍ୱର ଚିନ୍ତା ବଢାଇଛି । ଭାରତ ର ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ୟୁଏନ ବିଶ୍ୱର ସମସ୍ୟା ଯେମିତିକି ୟୁକ୍ରେନ ସଂଘର୍ଷ , କୋଭିଡ ୧୯ , ଏବଂ ଜଳବାୟୁ ର ପରିବ ର୍ନ ଉପରେ ଅ ।ଙ୍କୁଶ ଲଗେଇବା ପାଇଁ ଅସମର୍ଥ । ଖାଦ୍ୟ ଏବଂ ଶକ୍ତି ର ସୁରକ୍ଷା ଆଜି ସବୁଠାରୁ ମହତ୍ୱପୂର୍ଣ୍ଣ । ବିଶ୍ୱରେ ସାର ର ଅଭାବ ଦେଖିବା କୁ ମିଳୁଛି ପରବ ର୍ୀ କାଳ ରେ ଏହା ଖାଦ୍ୟ ଅଭାବ କୁ ଜନ୍ମ ଦେବ । ଜି୨୦ ସମ୍ମିଳନୀ ରେ ଯୋଗଦେଇଥିବା ଦେଶ ମାନେ ମିଳିତ ଭାବ ରେ ରୁଷିଆ ର ୟୁକ୍ରେନ ଉପରେ ଆକ୍ରମଣ କୁ ନିନ୍ଦା କରିଥିଲେ । କେବଳ ଭାରତ ଏବଂ ଚୀନ ନୀରବ ରହିଥିଲେ । ଆମେରିକା ଏବଂ ତାର ମିତ୍ର ଦେଶ ମାନେ ରୁଷିଆ ର ଆକ୍ରମଣ କୁ ତୀବ୍ର ନିନ୍ଦା କରୁଥିବା ବେଳେ ରୁଷିଆ ର ବୈଦେଶିକ ମନ୍ତ୍ରୀ ଏହା କୁ ଖଣ୍ଡନ କରିଛନ୍ତି । ସିଏ କହିଛନ୍ତି ଯେ ୟୁକ୍ରେନ ଓ ରୁଷିଆ ର ସଂଘର୍ଷ କୁ ରାଜନୀତିକରଣ କରାଯାଉଛି । ଏହି ଭିତରେ ୟୁକ୍ରେନ ର ରାଷ୍ଟ୍ରପତି ଜେଲେଂସ୍କି ଯୁଦ୍ଧ ଶେଷ ପାଇଁ ଗୋଟିଏ ପ୍ଲାନ ଦେଇଛନ୍ତି । ଜେନେଲସ୍କିଙ୍କ ମତ ରେ ୟୁଏନ ର ଚାର୍ଟର ବା ଅନ୍ତର୍ଜାତିକ କାନୁନ ରେ ରେଡିଏସନ ରୁ ବ ିବା ପାଇଁ ଯୁଦ୍ଧ ଉପରେ ପୂର୍ଣ୍ଣଚ୍ଛେଦ ଲଗାଯିବା କଥା ।

ବିଶ୍ୱର ବଳିଷ୍ଠ ଅର୍ଥନୀତି ର ପ୍ରତିଷ୍ଠା କରିବାପାଇଁ ଜି୨୦ କୁ ଗଠନ କରାଯାଇଛି । ଜି୨୦ ରେ ବିକାଶଶୀଳ ଦେଶ ଏବଂ ଶିଳ୍ପାୟନ ଦେଶ ଗୁଡିକ ଅନ୍ତର୍ଭୁକ୍ତ ଅଛନ୍ତି । ଜି୨୦ ରେ ବିଶ୍ ର ୮୦% ଉତ୍ପାଦନ କରୁଥିବା ଦେଶ ଗୁଡିକ ରହିଛନ୍ତି । ଜି୨୦ ର ସଭ୍ୟ ଦେଶ ମାନଙ୍କ ରେ ବିଶ୍ୱର ୨/୩ ଭାଗ ଜନସଂଖ୍ୟା ବସବାସ କରନ୍ତି । ବିଶ୍ୱର ଅନେକ ଗୁଡିଏ ସାମସ୍ୟା ଉପରେ ଏହି ସମ୍ମିଳନୀ ରେ ଅ ।ଲୋଚନା ହୋଇଥାଏ । ପ୍ରଥମେ ଯେତେବେଳେ ଜି୨୦ କୁ ଗଠନ କରାଗଲା ସେତେବେଳେ ବିଶ୍ ର ଆର୍ଥିକ ସମସ୍ୟା କୁ ଆଖିରେ ରଖି ଏହା କୁ ଗଠନ କରଯାଇଥିଲା । ଦ୍ୱିତୟ ବିଶ୍ୱ ଯୁଦ୍ଧ ପରେ କ୍ଷତାକ୍ତ ବିଶ୍ୱକୁ ପୁଣି ଥରେ ସଜାଡିବା ପାଇଁ ଏହା ଏକ ଉଦ୍ୟମ କହିଲେ ଭୁଲ ହେବନାହିଁ । ୨୦୦୮ ପର ଠାରୁ ଏହି ସମ୍ମିଳନୀ ପ୍ରତି ବର୍ଷ ହେଉଛି ।ଏହି ବର୍ଷ ଏହି ସମ୍ମିଳନୀ ରେ ଚେୟାରମେନ ଭାବେ ଭାରତ ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମ୍ମାନିତ ହୋଇଥିଲେ । ଜି୨୦ ର ସଭ୍ୟ ଦେଶ ଗୁଡିକ ହେଲେ ଆର୍ଜେଟିନା , ଅଷ୍ଟ୍ରେଲିଆ, ବ୍ରାଜିଲ , କାନାଡା , ଚାଇନା ,ଫ୍ରାନ୍ସ ଜର୍ମାନୀ, ଇଣ୍ଡିଆ , ଇଣ୍ଡୋନେସିଆ, ଇଟାଲୀ, ଜାପାନ, ସଉଥକୋରିଆ, ମେକ୍ସିକୋ , ଋଷିଆ, ସାଉଦିଆରାବିଆ,ସାଉଥଆଫ୍ରିକା , ତୁର୍କୀ, ୟୁକେ ,ୟୁଏସଏ ଏବଂ ୟୁରୋପିଏନ ୟୁନିୟନୟଭାରତ ର ପ୍ରଧାନମନ୍ତ୍ରୀ ବଭିନ୍ନ ଉପହାର ଦେଇ ରାଷ୍ଟ୍ର ନେତା ମାନଙ୍କୁ ଅଭିନନ୍ଦନ କରିଥିଲେ । ଭାରତୀୟ ସଂସ୍କୃତି ଓ ଭାରତୀୟ କଳା କୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନା କରିବା ପାଇଁ ଏହା ଗୋଟିଏ ପ୍ରୟାସ ।

ବ୍ରିଟେନ ର ନବ ନିର୍ବାଚିତ ପ୍ରଧାନମନ୍ତ୍ରୀଙ୍କୁ ଭାରତ ର ପ୍ରଧାନମନ୍ତ୍ରୀ ମାତେନିପାଛେଡି ଉପହାର ରୂପେ ଦେଇଥିଲେ ସେହିପରି ୟୁଏସ ର ରାଷ୍ଟ୍ରପତିଙ୍କୁ କାଙ୍ଗରା ପେଇଁଟିଙ୍ଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ପିଥୋରା କୁ ଉପହାର ସ୍ୱରୂପ ଅଷ୍ଟ୍ରେଲିଅ। ର ରାଜନେତାଙ୍କୁ ଦେଇଥିଲେ । ଏହା ଏକ ଆଦିବାସୀ ଚିତ୍ର କଳା । ସେହିପରି ଇଟାଲୀ ର ରାଜନେତାଙ୍କୁ ପଟାନପଟୋଲା ଉପହାର ସ୍ୱରୂପ ଦେଇଥିଲେ । ଅନ୍ୟ ରାଜନେତା ମାନଙ୍କୁ ମଧ ଆମ ଦେଶ ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉପହାର ଦେଇ ସମ୍ମାନିତ କରିଛନ୍ତି । ଭାରତ ର ପ୍ରତେକ ସ୍ଥାନ ମହତ୍ୱପୂର୍ଣ୍ଣ ।ସବୁ ଠି କଳା ଓ ସଂସ୍କୃତି ରହିଛି । ବିଶ୍ୱ କୁ ଭାରତୀୟ କାରୁକାର୍ଯ୍ୟ କଳା ଓ ସଂସ୍କୃତି ଉପରେ ଉଣାଅଧିକ ଅବଗତ କରିବାପାଇଁ ପ୍ରଧାନମନ୍ତ୍ରୀଙ୍କ ଏକ ସରଳ ଉଦ୍ୟମ କହିଲେ ଭୁଲ ହେବନି । ଆଗାମୀ ବର୍ଷ ର ଜି୨୦ ସମ୍ମିଳନୀ ଭାରତ ରେ ହେବା କୁ ଯାଉଛି ତେଣୁ ଭାରତ ତାର ପ୍ରସ୍ତୁତି କରିବ ।

ବ୍ରହ୍ମପୁର, ଖୋଡ଼ାସିଙ୍ଗ କଳିଙ୍ଗନଗର

# ବଢୁଛି ଏଚଏଫଏମଡି ସମସ୍ୟା

॥ ଡାକ୍ତର ଶୁଭଶ୍ରୀ ମିଶ୍ର ॥

ରାଜ୍ୟରେ ହ୍ୟାଣ୍ଡ ଫୁଟ ଓ ମାଉଥ ଡିଜିଜ ବା ଏଚଏଫଏମ୍‌ଡି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି । ଏହାର ବହୁ ଚର୍ଚ୍ଚିତ ଟମାଟୋ ଫ୍ଲୁ ସହିତ କୌଣସି ସମ୍ପର୍କ ନାହିଁ । ଦିନକୁ ଦିନ ରୂପ ବଦଳାଉଥିବା କରୋନା ଭାଇରସକୁ ନେଇ ମଣିଷ ଏବେ ବି ନିଜକୁ ଅସୁରକ୍ଷିତ ମନେ କରୁଥିବାବେଳେ ଭାରତର କିଛି ଅଞ୍ଚଳରେ ଏଚଏଫଏମଡ଼ି ସମସ୍ୟା ନେଇ ଅଧିକ ଚିନ୍ତା ବଢ଼ିଗଲାଣି । ବଡ଼ ମାନଙ୍କ ଅପେକ୍ଷା ଏହି ଭାଇରସ ବେଶୀ ଆକ୍ରାନ୍ତ କରୁଛି ଛୋଟ ପିଲାମାନଙ୍କୁ । ବିଶେଷକରି କେରଳରେ ଏହି ସମସ୍ୟା ଅଧିକରୁ ଅଧିକ ଦେଖିବାକୁ ମିଳିଛି ।

ଏଚଏଫଏମଡି କ'ଣ ? : ଏଚଏଫଏମ୍‌ଡି ଏକ ଭାଇରାଲ ରୋଗ, ଯାହା କାରଣରୁ ଶରୀରର ବିଭିନ୍ନ ସ୍ଥାନରେ ଇନ୍‌ଫେକ୍ସନ ହୋଇ ଲାଲ ପଡ଼ିଯାଇଥାଏ । ଏହି ସ୍ଥାନ ପୋଡ଼ିବା ସହିତ ଛୋଟ ଛୋଟ ପିଲାମାନଙ୍କର ଡ୍ରାୟସ୍କିନ୍ ସମସ୍ୟା ମଧ ଉପୁଜିଥାଏ । ଏହି ଭାଇରାଲ ରୋଗ ପ୍ରାୟତଃ ପାଞ୍ଚ ବର୍ଷରୁ କମ ବୟସର ପିଲାମାନଙ୍କ ଠାରେ ଦେଖିବାକୁ ମିଳୁଥିବା ଜଣାପଡ଼ିଛି । ଯେହେତୁ ଫ୍ଲୁ ହେବାପରେ ପିଲାଙ୍କ ଦେହରେ ଟାମାଟୋ ଭଳି ଲାଲ ପଡ଼ି ଯାଉଛି ତ ଏହାର ନାମକରଣ ଟମାଟୋ ଫ୍ଲୁ ବୋଲି ରଖାଯାଇଥିଲା । କିନ୍ତୁ ଏହାକୁ ଟମାଟୋ ଫ୍ଲୁ ନକହି ଏଚଏଫଏମଡ଼ି ବୋଲି ଗ୍ରହଣ କରିବାକୁ ପଡ଼ିବ ।

ଏଚଏଫଏମଡ଼ିର କାରଣ କ'ଣ ? : ଯେହେତୁ ଏହା ପାଞ୍ଚ ବର୍ଷରୁ କମ ବୟସର ପିଲାମାନଙ୍କୁ ଆକ୍ରାନ୍ତ କରୁଛି ତ ଏହା ଉପରେ ଅଧିକରୁ ଅଧିକ ଗବେଷଣା ଆବଶ୍ୟକ ବୋଲି ପ୍ରକାଶ କରିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ । ସ୍ୱାସ୍ଥ୍ୟ ଅଧିକାରୀମାନେ ଏହାକୁ ଡେଙ୍ଗୁ ଏବଂ ଚିକନଗୁନିଆ କାରଣରୁ ବ୍ୟାପୁଥିବା ଏକ ରୋଗ ବୋଲି କହୁଥିବାବେଳେ ଆଉ କିଛି ଏହା ଉପରେ ମତ ଦେବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି । ଏହି ରୋଗ କିପରି ଅଧିକରୁ ଅଧିକ ନବ୍ୟାପିବ ସେଥିଲାଗି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି । ମୂଳତଃ ଏହି ରୋଗ କେରଳରେ ହିଁ ଅଧିକ ବ୍ୟାପୁଥିବାରୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟମାନଙ୍କୁ ସଜାଗ ରହିବାକୁ କହି ସାରିଛି ।

ଅନ୍ୟ ଫ୍ଲୁ ଭଳି ଏଚଏଫଏମଡ଼ି : ଅନ୍ୟ ଫ୍ଲୁ ଭଳି ଏହା ମଧ ସଂକ୍ରାମକ । ସବୁଠୁ ବଡ଼କଥା ହେଲା ଏହାକୁ ଛୁଇଁଲେ ବ୍ୟାପିଥାଏ । ତେଣୁ ଆପଣଙ୍କ ଆଖପାଖରେ ଯଦି ଏଭଳି ଲକ୍ଷଣ ଥିବା ଶିଶୁ ଦେଖୁଛନ୍ତି ତ ତାଠାରୁ ଅନ୍ୟ ପିଲାମାନଙ୍କୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ । ଆପଣଙ୍କ ପିଲା ଯଦି ଏହି ରୋଗରେ ଆକ୍ରାନ୍ତତ ହେଉଛି ତ ତାକୁ ସମସ୍ତଙ୍କ ଠାରୁ ଅଲଗା ରଖିବାକୁ ଚେଷ୍ଟା କରନ୍ତୁ । ନିଃସନ୍ଦେହ ଏହା ହେଉଛି ଏକ ସଂକ୍ରାମକ ରୋଗ । କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଦାବି ଯେ ଏହା ମାରାତ୍ମକ ନୁହେଁ ଏବଂ ଏହାର ଚିକିତ୍ସା ମଧ କରାଯାଇପାରିବ । ଆମକୁ କିନ୍ତୁ ସତର୍କ ରହିବାକୁ ପଡ଼ିବ ।

ସ୍ୱଚ୍ଛତା ଉପରେ ଧ୍ୟାନ ଦିଅନ୍ତୁ : ଯଦି ଆପଣଙ୍କ ପିଲା ଏହି ରୋଗରେ ଆକ୍ରାନ୍ତ ତ ଆପଣଙ୍କୁ ପ୍ରଥମେ ସ୍ୱଚ୍ଛତା ଉପରେ ଧ୍ୟାନ ଦେବାକୁ ପଡ଼ିବ । ସଂକ୍ରମିତ ଶିଶୁଙ୍କ ଠାରୁ ସୁସ୍ଥ ଶିଶୁଙ୍କୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ ଏବଂ ସଂକ୍ରମିତ ଶିଶୁ ବ୍ୟବହାର କରୁଥିବା ଜିନିଷ ପତ୍ର ଅନ୍ୟମାନେ ବ୍ୟବହାର କରନ୍ତୁ ନାହିଁ । ସବୁଠୁ ବଡ଼ ସମସ୍ୟା ହେଲା ଏମାନଙ୍କ ଠାରେ ହଠାତ ଜଳୀୟ ଅଂଶ କମ ହୋଇଯାଏ । ତେଣୁ ଏହି ସମୟରେ ରୋଗୀକୁ ଫ୍ରୁଟ ଜୁସ ପିଇବାକୁ ଦିଅନ୍ତୁ । ଯଦି ରୋଗୀ ପାଣି ପିଇବାକୁ ଅରାଜି ହେଉଛି ତ ତୁରନ୍ତ ମେଡ଼ିକାଲ ଆଡ଼ମିଟ କରନ୍ତୁ । ହଁ ଏହି ସମୟରେ କିଛି ବି ଘରୋଇ ଚିକିତ୍ସା କରନ୍ତୁ ନାହିଁ ।

ଲକ୍ଷଣ : ଜ୍ୱର ଆସିବା, ଦେହରେ କିଛି ସ୍ଥାନରେ ଟମାଟୋ ଆକାରରେ ଲାଲ ଲାଲ ଫଳିଯିବା । ତ୍ୱଚା କୁଣ୍ଡାଇ ହେବା, ଡ୍ରାୟ ସ୍କିନ ହୋଇଯିବା, ସଂକ୍ରମିତ ସ୍ଥାନ ଦରଜ ହେବା, ଆଣ୍ଠୁଗଣ୍ଠି ଫୁଲିବା, ଦେହରେ ଦାଗ ସୃଷ୍ଟି ହେବା । ହାତ, ଆଣ୍ଠୁ ଏବଂ ନିତମ୍ବର ରଙ୍ଗ ବଦଳିଯାଏ । ବାନ୍ତି ଆସିବା, ଦେହ ବୁଲାଇବା, ପେଟ କାଟିବା, ହାଲିଆ ଲାଗିବା, ସାମାନ୍ୟରୁ ଅଧିକ କାଶ, ଛିଙ୍କ ଆସିବା । କିଛି ରୋଗୀଙ୍କ ଠାରେ ଏମିତି ଲକ୍ଷଣ ଦେଖିବାକୁ ମିଳୁଛି ଯାହା ଟମାଟୋ ଫ୍ଲୁର ଗମ୍ଭୀରତାକୁ ଦର୍ଶାଉଛି । ଯଦି ଆପଣଙ୍କ ପିଲାର ବୟସ ପାଞ୍ଚ ବର୍ଷ କିମ୍ବା ତା ଠାରୁ କମ ତେବେ ଆପଣ ଏହି ଲକ୍ଷଣ ଗୁଡ଼ିକୁ ଯଦି ବି ସେମାନଙ୍କ ଠାରେ ଲକ୍ଷ୍ୟ କରୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରନ୍ତୁ । ବର୍ତ୍ତମାନ ସୁଦ୍ଧା ସେରୋ ଟାଇପିଂ ରିପୋର୍ଟ ଆସିନାହିଁ । ଏଚ୍‌ଏଫଏମ୍‌ଡି ଏକ ଇଣ୍ଟରୋ ଭାଇରସ ହୋଇଥିବାରୁ ଏହାର କେଉଁ ଗ୍ରୁପ ରାଜ୍ୟରେ ପ୍ରଭାବ ବିସ୍ତାର କରିଛି ତାହା ସେରୋ ଟାଇପିଂ ରିପୋର୍ଟରେ ହିଁ ସ୍ପଷ୍ଟ ହୋଇପାରିବ ।

**ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଭାଗ,**
**ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୮୬୧୪୬୩୪୦୬,**

## ମଙ୍ଗଳା ମନ୍ଦିରର ବିକାଶ ପାଇଁ ପହଞ୍ଚିଲା ରାଜ୍ୟ ପର୍ଯ୍ୟଟନ ବିଭାଗ

କାକଟପୁର(ମହାଭାରତ): ପୁରୀଜିଲ୍ଲା କାକଟପୁରରେ ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳାଙ୍କ ମନ୍ଦିରର ଉନ୍ନତି କରଣ କାର୍ଯ୍ୟର ସମୀକ୍ଷା ନିମନ୍ତେ ପର୍ଯ୍ୟଟନ ବିଭାଗର ସେକ୍ରେଟାରୀ ବଲୱନ୍ତ ସିଂଙ୍କ ନେତୃତ୍ୱରେ ଏକ ଟିମ ମନ୍ଦିରରେ ପହଞ୍ଚି ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରିବା ନିମନ୍ତେ ସେବାୟତ ନୟୋଗଙ୍କ ସହିତ ଆଲୋଚନା କରିବା ସହିତ ବିକାଶର କାର୍ଯ୍ୟ ପାଇଁ ସ୍ଥିତି ପରଖିଛନ୍ତି । ମନ୍ଦିରର ଚାରି ଦ୍ୱାରର ଗୁମୁଟରୁ ଗଳୁଥିବା ପାଣି, ମନ୍ଦିର ଚତୁଃପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା ରେ ଉନ୍ନତି, କାକଟପୁର ର ପ୍ରବେଶ ଦ୍ୱାରରେ ୨ ଟି ତୋରଣ, ମନ୍ଦିର ପୂର୍ବ ପଟ ରାସ୍ତାର ପ୍ରଶସ୍ତିକରଣ, ମନ୍ଦିର ରୋଷଘର ଏବଂ ଆନନ୍ଦ ବଜାରର ନବୀକରଣ ଆଦି କାର୍ଯ୍ୟର ସମୀକ୍ଷା କରି ଖୁବ ଶୀଘ୍ର କାମ ଆରମ୍ଭ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପର୍ଯ୍ୟଟନ ବିଭାଗ ର ନିର୍ଦ୍ଦେଶକ ସମର୍ଥ ବର୍ମା, ପୁରୀ ଜିଲ୍ଲା ଏଡିଏମ, ଓବିସିସି ର ଅଧିକ୍ଷଣ ଯନ୍ତ୍ରୀ, ଉପଖଣ୍ଡ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ପୂର୍ତ୍ତ ବିଭାଗର ଉପଖଣ୍ଡ ଅଧିକାରୀ କୁଶଳ କୁମାର ହେମ୍ବ୍ରମ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ଦଣ୍ଡପତି, ମଙ୍ଗଳା ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶଙ୍କ ସମେତ ସମସ୍ତ ସେବାୟତ ମାନେ ଉପସ୍ଥିତ ଥିଲେ।

## ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ନୂଆପଡ଼ାରେ ଜାତୀୟ ଆଲୋଚନାଚକ୍ର ଏବଂ କର୍ମଶାଳା ଅନୁଷ୍ଠିତ

ଖଡ଼ିଆଳ:(ମହାଭାରତ): ଖଡ଼ିଆଳ ସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଇତିହାସ ବିଭାଗ ଦ୍ୱାରା ଭାରତରେ ସାଂପ୍ରତିକ ପ୍ରତ୍ନତାତ୍ତ୍ୱିକ ବିକାଶ: ମହାନଦୀ ଉପତ୍ୟକା ଏବଂ ପ୍ରାକ୍- ଐତିହାସିକ ପ୍ରତ୍ନ□ ବିଷୟରେ ଏକ ଜାତୀୟ ଆଲୋଚନାଚକ୍ର ଏବଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ଡକ୍ଟର ଫଣୀନ୍ଦମ ଦେଓ ଯୋଗଦେଇ ମହାନଦୀ ଉପତ୍ୟକାର ଐତିହାସିକ ଉତ୍ସ ସଂପର୍କରେ ବକ୍ତବ୍ୟ ରଖିଥିଲେ। ବିଷୟ ବିଶେଷଜ୍ଞ ଭାବରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ପ୍ରଫେସର ଅତୁଲ କୁମାର ପ୍ରଧାନ ଯୋଗଦେଇ ଭାରତରେ ମହାନଦୀ ଉପତ୍ୟକାର ପ୍ରତ୍ନତାତ୍ତ୍ୱିକ ବିକାଶ ସଂପର୍କରେ ସାରଗର୍ଭକ ଆଲୋଚନା କରିବା ସହିତ ବହୁ ପ୍ରାଚୀନ କାଳର ବିଭିନ୍ନ ପ୍ରସ୍ତର ନିର୍ମିତ ଉପାଦାନ ପ୍ରଦର୍ଶନ କରିଥିଲେ। ଭାରତର ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ପୂର୍ବତନ ଯୁଗ୍ମ ମହାନିର୍ଦ୍ଦେଶକ ପ୍ରଫେସର ଏସ. ବି. ଓତା ବିଷୟ ବିଶେଷଜ୍ଞ ଭାବରେ ଯୋଗଦେଇ ଭରତର ପ୍ରାକ୍ ଐତିହାସିକ କାଳର ପ୍ରସ୍ତର କଳା ସଂପର୍କରେ ଅବଗତ କରାଇଥିଲେ। ମଧ୍ୟପ୍ରଦେଶର ପ୍ରତ୍ନତାତ୍ତ୍ୱିକ ଐତିହ୍ୟ ଗବେଷଣା ଓ ପ୍ରଶିକ୍ଷଣ କେନ୍ଦ୍ରର ଯୁଗ୍ମ ସଂପାଦିକା ନିହାରିକା ଶ୍ରୀବାସ୍ତବ ଅନଲାଇନ ମାଧ୍ୟମରେ ଯୋଗଦେଇ ପ୍ରାକ୍ ଐତିହାସିକ ସ୍ଥାନ ଡାମଡୋଙ୍ଗରୀ ସଂପର୍କରେ ଅବଗତ କରାଇଥିଲେ। ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଅକ୍ଷୟ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସହକାରୀ ପ୍ରଫେସର ଡକ୍ଟର ଶ୍ରୀକାନ୍ତ କୁମାର ବାରିକ ଆଲୋଚନାଚକ୍ର ଓ କର୍ମଶାଳାର ସମସ୍ତ ଅଧିବେଶନକୁ ସଂଚାଳନ କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ଟିକେଶ୍ୱର ରଣା ଆଲୋଚନାଚକ୍ରର ସାରମର୍ମ ଉପସ୍ଥାପନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଏଥିରେ ଛାତ୍ରଛାତ୍ରୀ ନୃତ୍ୟ ସଙ୍ଗୀତ ଚିତ୍ରକଳା ପ୍ରଦର୍ଶନ କରିଥିଲେ ଏବଂ ଏହାକୁ ଅଧ୍ୟାପକ କୁନାଲ ବାଗ ସଂଯୋଜନା କରିଥିଲେ। ଏହି ଜାତୀୟ ଆଲୋଚନାଚକ୍ରରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

# ବିକାଶ ଛୁଇଁନି ବ୍ରିଟିଶ୍ ଅମଳର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ଭଞ୍ଜନଗର(ମହାଭାରତ):ଭଞ୍ଜନଗର ସମୟର ଘୂର୍ଣ୍ଣାୟମାନ ସୁଅରେ ପରିବର୍ତ୍ତନ ହୋଇଛି ଅନେକ କିଛି ଓ ବଦଳି ଯାଇଛି ଅନେକ ପୁରୁଣା ଚିତ୍ର। ସେ ରାଜନୈତିକ ସ୍ଥିତି ହେଉ, କୋଠା ବାଡି ରାସ୍ତା ଘାଟ ଅନେକ କିଛି ବଦଳି ଯାଇଛି ସମୟର ଧାବମାନ ସୁଅରେ। ଏବଂ ଅନେକ ବିକାଶର ଧାରା ପ୍ରବାହିତ ହୋଇ ସୌନ୍ଦର୍ଯ୍ୟରେ ରୂପାନ୍ତରିତ ହୋଇଛି। ହେଲେ ଭଞ୍ଜନଗର ଉପଜିଲ୍ଲାପାଳ କାର୍ଯ୍ୟାଳୟ ଏସବୁ ପରିବର୍ତ୍ତନ ରୁ ବହୁ ଦୁରରେ ଏବେବି ବଦଳି ନାହିଁ ଭଞ୍ଜନଗର ଉପଜିଲ୍ଲାପାଳ ଙ୍କ ସେହି ପୁରୁଣା ବ୍ରିଟିଶ୍ ଅମଳର କାର୍ଯ୍ୟାଳୟୟ ଅନେକ ବିକାଶ ଉନ୍ନତି ଓ ପରିବର୍ତ୍ତନ ର ମୁକ ସାକ୍ଷୀ ସାଜିଥିବା ଭଞ୍ଜନଗର ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କେବେ ନିଜର ଉନ୍ନତି ଓ ପରିବର୍ତ୍ତନ ଦେଖିନିୟ ଏଇଠି ଅନେକ ବିକାଶର ଚିଠା ପ୍ରସ୍ତୁତ ହେଉଛି। ସେଇ ପୁରୁଣା କୋଠା ଭିତରେ ରହିଛି ଉପଖଣ୍ଡ ବାସିନ୍ଦା ଙ୍କ ବିକାଶ ର ଅନେକ ଦଲିଲ ଓ ଦସ୍ତାବିଜ। ଏବଂ ଉପଖଣ୍ଡର ବିକାଶ ରୁପରେଖ ଚୁଡାନ୍ତ ହେଉଛି। ଅଥଚ ବ୍ରିଟିଶ୍ ଅମଳର ଇଟା ଓ ବେଲଅଠା ମିଶ୍ରିତ ସିପଚୁନ ରେ ପ୍ରସ୍ତୁତ ଏହି କାର୍ଯ୍ୟାଳୟ ଏବେବି ସେହିପରି ରହିଛି କିଛି ବଦଳି ନାହିଁ। ଯାହା ହୋଇଛି କେବଳ କିଛି ପ୍ରଶାସନିକ ବ୍ୟକ୍ତି ଗତ ସୁବିଧା ନିମନ୍ତେ ଢାଞ୍ଚା ପରିବର୍ତ୍ତନ ହୋଇଛି। ଏହାରି ମଧ୍ୟରେ ପ୍ରାୟ ୪୫ ଜଣ ଉପଜିଲ୍ଲାପାଳ ସ୍ଥାନାନ୍ତରିତ ହୋଇଗଲେଣି। ଅଥଚ ପ୍ରାକ୍ ସ୍ୱାଧୀନତା ଯୁଗରୁ ବ୍ରିଟିଶ୍ କୋଠାଟି ଏବେବି ଆକାଶକୁ ମୁଣ୍ଡଟେକି ଠିଆ ହୋଇଛି। ସମୟ ସମୟରେ କେବଳ ଟାଇଲ୍ ପକାଇ ରଂଗ ମରାଯାଇଛି ସିନା ଉକ୍ତ ବ୍ରିଟିଶ୍ ଅମଳର ଅଫିସ୍ କୁ ନୂତନ ଭାବେ ନିର୍ମାଣ ର ପରିକଳ୍ପନା କରାଯାଇନାହିଁୟ ବ୍ରିଟିଶ ଶାସନ ବେଳର ପୁରାତନ ଆର୍ ଡି ଓ କାର୍ଯ୍ୟାଳୟ ବର୍ତ୍ତମାନର ଉପଜିଲ୍ଲାପାଳ ଙ୍କ ଅଫିସ୍ କାର୍ଯ୍ୟାଳୟ ଇତିହାସ ର ମୁକ ସାକ୍ଷୀ ଭାବେ ଏବେବି ଦଣ୍ଡାୟମାନ ରହିଛି। ଏହି କୋଠା ନିର୍ମାଣ ର ସଠିକ୍ ତଥ୍ୟ ନାହିଁ ଯେ, ଏହି କୋଠା କେବେ ନିର୍ମାଣ ହୋଇଥିଲା, କିଏ ନିର୍ମାଣ କରିଥିଲା, କେତେ ଖର୍ଚ୍ଚ ହୋଇଥିଲାୟ ତଥାପି ସ୍ଥାନୀୟ କିଛି ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କ କିନୁସାରେ ୧୯୦୦ ରୁ ୧୯୦୫ ମସିହା ମଧ୍ୟରେ କୋଠାଟି ନିର୍ମାଣ କରାଯାଇଥିବାର ଅନୁମେୟ। ସେହିସମୟରେ ଉପଖଣ୍ଡ ର ମୁଖିଆ ଥିଲେ ବ୍ରିଟିଶ୍ ଆର୍ ଡି ଓ ରାଜସ୍ ଡିଭିଜନ୍ ଅଧିକାରୀ । ସେତେବେଳେ କୋଠା ନିର୍ମାଣ ରେ ଶହ ଶହ ମୁଲ୍ୟବାନ୍ କାଠ ବ୍ୟବହୃତ କରାଯାଇଛି। ଛାତ କହିଲେ ସେତେବେଳେ ର ଆଜଷ୍ଟେଜ୍ ଚଦର ଓ ମାଟି ବେଲଅଠା ନିର୍ମିତ ଟାଇଲ୍ ଲାଗିଥିବା। ପରବର୍ତ୍ତୀ ସମୟରେ ସେସବୁକୁ କିଛି ମାତ୍ରାରେ ହଟାଯାଇ ଟିଣ ଚଦର ବିଛାଯାଇଥିବା ର ଦେଖାଯାଇଛି। ପ୍ରାୟ ।ର ଦଶନ୍ଧି ତଳେ ନିର୍ମିତ ଏହି ବ୍ରିଟିଶ୍ ଅମଳର କୋଠାର କାଠକବାଟ, ଝରକା ସହ ଦୁଆର ବନ୍ଧ ସବୁ ଆଜି ବି ମଜବୁ ହୋଇ ରହିଛି। ସେତେବେଳେ ର କାଠରେ



ତିଆରି ସେଣି କିମ୍ବା ବିମ୍ ରେ ଉଇ କି ଅନ୍ୟ କିଛି ପୋକ ଲାଗି କୋତରା ହୋଇନାହିଁ। ବିନା ଲୁହା ରଡ୍ ଓ ପିଲାର୍ ରେ ନିର୍ମିତ ଇଟା ଚୁନ ନିର୍ମିତ କାଂ ଗୁଡିକରେ କୌଣସି ଯାଗାରେ ଫାଟ ମଧ୍ୟ ସୃଷ୍ଟି ହୋଇନାହିଁ। ଯଦିଓ କିଛି ଟିଣ ଛାତ ର ଦୁର୍ବଳତା ଯୋଗୁଁ କେତେକ ସ୍ଥାନରେ ପାଣି ଚଳୁଛି ତଥାପି ଏହା ବିଶେଷ ସମାସ୍ୟାର କାରଣ ହେଉନାହିଁ। ଏଠାରେ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସହିତ ସ୍ଥାନୀୟ ତହସିଲଦାର ଙ୍କ ଅଫିସ୍ ମଧ୍ୟ କାର୍ଯ୍ୟ କରୁଅଛି। ବିଶିଷ୍ଟ ବୁଦ୍ଧିଜୀବୀ ଙ୍କ ମତରେ ସମ୍ଭବତଃ ୧୯୦୦ ରୁ ୧୯୦୫ ମସିହା ମଧ୍ୟରେ ଏହି କୋଠା କାର୍ଯ୍ୟକ୍ଷମ ହୋଇଥିବାର ଜଣାଯାଏ। କିନ୍ତୁ ୧୯୫୪ ମସିହା ପର୍ଯ୍ୟନ୍ତ ଏହି ବ୍ରିଟିଶ୍ ଅମଳର କୋଠା କାର୍ଯ୍ୟାଳୟ ରେ କୋଣସି ଉପଜିଲ୍ଲାପାଳ ନିଯୁକ୍ତି ନଥିଲେ। ଇଂରେଜ ସରକାରଙ୍କ ଦ୍ୱାରା ନିଯୁକ୍ତ ଆର୍ ଡି ଓ ମାନେ ଏଠାରେ ନିୟୋଜିତ ହୋଇ କାର୍ଯ୍ୟ ସମ୍ପାଦନ କରୁଥିଲେ। ଦେଶ ସ୍ୱାଧୀନତା ର କିଛି ବର୍ଷ ପରେ ଅର୍ଥା ୧୯୫୪ ନଭେମ୍ବର ପ୍ରଥମ ଭାଗରେ ପ୍ରଥମ ଉପଜିଲ୍ଲାପାଳ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ ଆଇ.ଏ.ଏସ୍ , ସି.ବି. ଜୈନ୍। ତା ପରେ ପରେ ଆଜି ପର୍ଯ୍ୟନ୍ତ ୪୫ ଜଣ ଉପଜିଲ୍ଲାପାଳ ଏଠାରେ କାର୍ଯ୍ୟକରିବାର ସୁଯୋଗ ହାସଲ କରିଛନ୍ତି। ବର୍ତ୍ତମାନ ପରିବର୍ତ୍ତନ ଶିଳ ସରକାରରେ ଉପଜିଲ୍ଲାପାଳ ଅଛନ୍ତି ରିଷ ଓ.ଏ.ଏସ୍ ଅଧିକାରୀ ଅନିଲ କୁମାର ସେଠୀୟ ସେତେବେଳ ବ୍ରିଟିଶ୍ ଅମଳର ଉପଖଣ୍ଡ ଓ ଆଜିର ମଧ୍ୟରେ ଆସିଛି ଅନେକ ଫରକ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ରାଜନୈତିକ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆସିଛି। ବର୍ତ୍ତମାନ ଉପଖଣ୍ଡବାସୀଙ୍କ ବିକାଶ ର ଆଧାର ପାଲଟିଛି ଏହି କାର୍ଯ୍ୟାଳୟ। ଏବେ ଭଞ୍ଜନଗର କୁ ପୌରପାଳିକ ସହିତ ଏହି ଉପଖଣ୍ଡ ର ବିସ୍ତୃତ ଦୃଷ୍ଟିରୁ ଜିଲ୍ଲା ମାନ୍ୟତା ପ୍ରଦାନ ଦାବୀ ଜୋର୍ ଧରିବାରେ ଲାଗିଛି। ତଥାପି ଏଭଳି ସ୍ଥିତିରେ ଶତାଧିକ ବର୍ଷର ପୁରୁଣା ବ୍ରିଟିଶ୍ କାର୍ଯ୍ୟାଳୟ କୋଠାର ଆଧୁନିକୀକରଣ ହୋଇପାରିନାହିଁ। ଏବଂ ଏବେବି ବଦଳିନାହିଁ ଭଞ୍ଜନଗର ଉପଜିଲ୍ଲାପାଳ ଙ୍କ ପୁରୁଣା ବ୍ରିଟିଶ୍ ଅମଳର କୋଠା କାର୍ଯ୍ୟାଳୟ।

## ପ୍ରତିବର୍ଷ ବଢୁଛି ମାଲେରିଆ ଆକ୍ରାନ୍ତଙ୍କ ସଂଖ୍ୟା

# ଚଳିତବର୍ଷ ୧୬୦ ଚିହ୍ନଟ କିନ୍ତୁ ବାସ୍ତବ ସ୍ଥିତି ଭିନ୍ନ

ଦଶପଲ୍ଲା, ( ମହାଭାରତ ) : ରାଜ୍ୟରେ ମାଲେରିଆ ଦୂରୀକରଣ ପାଇଁ ସରକାରୀ ସ୍ତରରେ ବ୍ୟାପକ ପଦକ୍ଷେପ ନିଆଯାଉଛି। ମାଲେରିଆ ଉପଦ୍ରୁତ ଅଞ୍ଚଳ ଗୁଡ଼ିକରେ ସଚେତନତା ମୂଳକ କାର୍ଯ୍ୟକ୍ରମ କରାଯିବା ସହିତ ଗାଁରେ ଡିଡିଟି ସିଞ୍ଚନ ଓ ପ୍ରତି ପରିବାରକୁ ମଶାରି ବଣ୍ଟନ ଆଦି ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯିବାର ନିୟମ ରହିଛି। ହେଲେ ଦଶପଲ୍ଲା ବ୍ଲକ୍ରେ ଏହା କେବଳ ବାଆକୁ ବତା ଭଳି ପାଳନ କରାଯାଉଛି। ମାଲେରିଆ ନିରାକରଣ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ସତ, ହେଲେ ପ୍ରତିବର୍ଷ ଏହି ସଂଖ୍ୟା ହ୍ରାସ ପାଇବା ପରିବର୍ତ୍ତେ ହୁହୁ ହୋଇ ବଢୁଛି। ଯାହାକି ଚଳିତବର୍ଷ ସରକାରୀ ତଥ୍ୟ ଅନୁଯାୟୀ ଏହି ସଂଖ୍ୟା ୧୬୦ରେ ପହଞ୍ଚିଥିବା ବେଳେ ଏହାର ବାସ୍ତବ ଚିତ୍ର କିନ୍ତୁ ଭିନ୍ନଥିବା ଜଣାପଡ଼ିଛି। ଜିଲ୍ଲାର ବିଭିନ୍ନ ବ୍ଲକ୍ ତୁଳନାରେ ଦଶପଲ୍ଲା ବ୍ଲକ୍ଟି ମାଲେରିଆ ଉପଦ୍ରୁତ ଅଞ୍ଚଳ ଭାବେ ପରିଚିତ। ପ୍ରତିବର୍ଷ ଆଦିବାସୀ ବହୁଳ ପଞ୍ଚାୟତରୁ ଶହଶହ ସଂଖ୍ୟାରେ ରୋଗୀ ଚିହ୍ନଟ ହୋଇଥାନ୍ତି। ଯାହାକି ଚଳିତବର୍ଷ ଅର୍ଥାତ ଗତ ଜାନୁଆରି ମାସ ଠାରୁ ଚଳିତ ମାସ ପର୍ଯ୍ୟନ୍ତ ୧୬୦ ଜଣ ମାଲେରିଆ ରୋଗୀ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ଚିହ୍ନଟ ହୋଇଥିବା ମାଲେରିଆ ସୁପରଭାଇଜର୍ ମନୋଜ କୁମାର ମହାପାତ୍ର କହିଛନ୍ତ। ଦଶପଲ୍ଲା ବ୍ଲକ୍ରେ ୨୦୨୦/୨୧ ମସିହାରେ ଶେଷଥର ପାଇଁ ମଶାରି ବଣ୍ଟନ କରାଯାଇଥିବା ବେଳେ ଏବେ ୩ ବର୍ଷ ହେଲା ମଶାରି ବଣ୍ଟନ କରାଯାଇନଥିବା କୁହାଯାଇଛି। ମାଲେରିଆ ରୋଗର ମୁକାବିଲା ବା ନିୟନ୍ତ୍ରଣ କରିବା ପାଇଁ ସରକାରୀ ସ୍ତରରେ ଯାହାବି କାର୍ଯ୍ୟକ୍ରମ ରହିଛି ତାହା କେବଳ ଲୋକଦେଖାଣିଆ ପାଲଟିଛି। ଦଶପଲ୍ଲା ବ୍ଲକ୍ର ଆଦିବାସୀ ବହୁଳ ପଞ୍ଚାୟତ ତଥା ବାଣିଗୋଛା, ଚଢ଼େୟାପଲ୍ଲୀ, କଳସାଖମଣ, କୁଜାମେଣ୍ଢି, ନୂଆଗାଁ ଆଦି ପଞ୍ଚାୟତରେ ଏହି ସଂଖ୍ୟା ଅଧିକ। ଏଥି ସହିତ




ଦଶପଲ୍ଲାର ପଡ଼ୋଶୀ ତଥା ବୌଦ୍ଧ ଓ କନ୍ଧମାଳ ଜିଲ୍ଲାର ସୀମାନ୍ତ ଗ୍ରାମରେ ମାତ୍ରାଧିକ ମାଲେରିଆ ରୋଗୀ ଚିହ୍ନଟ ହୋଇଥାନ୍ତି। ଯାହାକି ସେମାନେ ବାଣିଗୋଛା, କୁଜାମେଣ୍ଢି, କଳସାଖମଣ ଆଦି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଏସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ଅଭାବ ନେଇ ମାଲେରିଆ ରୋଗୀ ଚିହ୍ନଟ ବା ରକ୍ତ ନମୁନା ପରୀକ୍ଷା କରିବାରେ ସମସ୍ୟା ଉପୁଜୁଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ ଆଣିଛନ୍ତି। ଫଳରେ ଗାଁ ଗହଳିର କ୍ୱାକ୍ ଏମାନଙ୍କ ପାଇଁ ଏକମାତ୍ର ସାହାରା ସାଜିଥାନ୍ତିୟ ଏଥିସହିତ ଚଳିତବର୍ଷ ବିଭିନ୍ନ ଆଶ୍ରମ ବିଦ୍ୟାଳୟରୁ ଅନେକ ଛାତ୍ରଛାତ୍ରୀ ମାଲେରିଆ ଆକ୍ରାନ୍ତ ଥିବା ଚିହ୍ନଟ ହୋଇଛନ୍ତି। ବର୍ଷ କୁ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇ ଚାଲିଥିବା ବେଳେ ସରକାରଙ୍କ ପକ୍ଷରୁ କରାଯାଉଥିବା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଭେଳିକି ପାଲଟିଥିବା ଅଭିଯୋଗ ହେଉଛି।

## ଛେଳି ଚୋରି କରି ୩ଗିରଫ

ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଦୁବେଇ ପେଣ୍ଠ ଗ୍ରାମର ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କର ଗୋଟିଏ ଛେଳି ୨ତାରିଖ ଦିନ ଚୋରି ହୋଇଥିବା ସାହାରପଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କୁ ଭିତ୍ତି କରି ସାହାରପଡା ଫାଣ୍ଡିର ଏ.ଏସ୍.ଆଇ ପଞ୍ଚମୀ ମହାନ୍ତ ଛେଳି ଚୋରି ଘଟଣାର ତଦନ୍ତ ଆରମ୍ଭ କରି ଥିଲେ। ଫାଣ୍ଡି ଏ.ଏସ୍.ଆଇ ଛେଳି ଚୋରି ସୁରାଗ ପାଇ ଦୁବେଇ ପେଣ୍ଠ ଗ୍ରାମ କୁ ଯାଇ ୨ଜଣ ଙ୍କୁ ଉଠାଇବା ସହ ଛେଳି ବିକ୍ରି କରିଥିବା ମୟୂରଭଞ୍ଜ ଜିଲ୍ଲା ର କରଞ୍ଜିଆ ଅ□ଳ ରୁ ଜଣେ ଯୁବକ ଙ୍କୁ ଫାଣ୍ଡି କୁ ଅଣାଯାଇଛି । ଛେଳି ଚୋରି ଅଭିଯୁକ୍ତ ମାନେ ସରୋଜ କୁମାର ମହାନ୍ତ,ବୁଦ୍ଧଦେବ ନାଏକ ଙ୍କ ସହ ଛେଳି କିଣିଥିବା କରଞ୍ଜିଆ ଅ□ଳର ଏମ.ଡି ଫିରୋଜ ଙ୍କୁ ପାଟଣା ଥାନା କେସ୍ ନଂ ୩୦୬/୨୦୨୪ ଏକ ମାମଲା ରୁଜୁ କରି ପୋଲିସ ୩ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଚାଷୀଙ୍କୁ ପିଏମ- କିସାନ ଯୋଜନାର ୧୮ତମ କିସ୍ତି ପ୍ରଦାନ କରିଛନ୍ତି

ରାୟଗଡା (ମହାଭାରତ) ରିଖ ଶନିବାର ଅପରାହ୍ନ ୧୨.୩୦ ସମୟରେ ମହାରାଷ୍ଟ୍ରର ୱାଶିମ ଠାରେ ଏକ କାର୍ଯ୍ୟକ୍ରମରେ ପ୍ରଧାନ ମନ୍ତ୍ରୀ କିସାନ ସାମନ ନିଧି (ପିଏମ- କିସାନ) ଯୋଜନାର ୨୦ ହଜାର କୋଟିରୁ ଅଧିକ ମୂଲ୍ୟର ୯.୪ କୋଟି ଚାଷୀଙ୍କୁ ପିଏମ- କିସାନ ଯୋଜନାର ୧୮ତମ କିସ୍ତି ପ୍ରଦାନ କରିଛନ୍ତି । ପ୍ରଧାନମନ୍ତ୍ରୀ କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ ପ୍ରକଳ୍ପଗୁଡ଼ିକୁ ଉତ୍ସର୍ଗ କରିବା ସହ ୯୨୦୦ କୃଷକ ଉତ୍ପାଦକ ସଂଗଠନ ଗଠନ କରିଛନ୍ତି।ଏଥିସହ କୃଷି କ୍ଷେତ୍ରକୁ ସମର୍ଥନ କରିବା ପାଇଁ ମୋଦୀ ନୂତନ ଦୁଗ୍ଧ ଏବଂ ସୌର ଶକ୍ତି ପଦକ୍ଷେପ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ କିସାନଙ୍କ ୧୮ ତମ କିସ୍ତି ମାନ୍ୟବର ପ୍ରଧାନମନ୍ତ୍ରୀ ଯୋଗ୍ୟ ହିତାଧିକାରୀଙ୍କୁ ଏକ ଗ୍ରାଣ୍ଡ ପିଏମ କିସାନ ସମ୍ମିଳନୀରେ ବଣ୍ଟନ ଅବସରରେ ଆୟୋଜିତ ଉକ୍ତ କାର୍ଯକ୍ରମ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରାୟଗଡଙ୍କ ଦ୍ୱାରା ରାୟଗଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ସଭା କରିଥିଲେ। ଉକ୍ତ ବୈଠକରେ ଜିଲ୍ଲାପାଳ ପାରୁଲ ପଟୱାରୀ ସହ ସମସ୍ତ ବିଭାଗୀୟ,ଜିଲ୍ଲା କୃଷି ଅଧିକାରୀ ବିଷ୍ଣୁଦେବ କର, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ, ପୌର ଅଧକ୍ଷ ପଇଁ ମହେଶ ପଟ୍ଟନାୟକ,ପ୍ରକଳ୍ପ ନିର୍ଦ୍ଦେଶକ ଜାଳବିଭାଜିକା ମିଶନ, ଡ଼ଃ ଦୟାନିଧି ବାଗ, ଉପନିର୍ଦ୍ଦେଶକ ଉଦ୍ୟାନ ବିଭାଗ, ଶ୍ରୀ ଦୟାନିଧି ରାଉତ,ଜିଲ୍ଲା ମତ୍ସ୍ୟ ଅଧିକାରୀ,ଜ୍ଞାନ ସେଠୀ,ଡିଆଇପିଆରଓ ସମେତ ୧୦୦ ରୁ ଉର୍ଦ୍ଧ୍ୱ ଚାଷି ଅଂଶଗ୍ରହଣ କରିଥିଲେ ।ରାୟଗଡ ଜିଲ୍ଲାରେ ସମୁଦାୟ ୪୨୦୩୨ ଚାଷିଙ୍କୁ ପିଏମ- କିସାନ ଯୋଜନାର ୧୮ତମ କିସ୍ତି ପ୍ରଦାନ କରାଯାଇଛି। ସମଗ୍ର ଦେଶରେ ୧୦୦୬୬ ରୁ ଅଧିକ ପ୍ରକଳ୍ପ ଅନୁମୋଦନ ହୋଇଛି, ସେଥିମଧ୍ୟରୁ ୭୫୦୦ରୁ ଅଧିକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏହି କାର୍ଯ୍ୟକ୍ରମରୁ ସାରା ଦେଶରେ କୃଷକ ଉତ୍ପାଦକ ସଂଗଠନ (ଋଚଙ) ମଧ୍ୟ ଉପକୃତ ହେବେ । ଏହି କାର୍ଯ୍ୟକ୍ରମରେ ପିଏମ ମୋଦୀ ସେଣ୍ଟ୍ରାଲ ସେକ୍ଟର ସ୍କିମ (ସିଏସଏସ) ଅଧୀନରେ ସ୍ଥାପିତ ପ୍ରାୟ ୯୨୦୦ ଏଫପିଓ ସମର୍ପଣ କରିଛନ୍ତି ଯେଉଁଥିରେ ସାରା ଦେଶରେ ଦଶ ହଜାର ଏଫପିସି ସ୍ମାର୍ଟ ଟିଭି ଉତ୍ପାଦନ ଲକ୍ଷ୍ୟ ରହିଛି। ୬୫% ପର୍ଯ୍ୟନ୍ତ ଏହି ଏଫପିଓଏସ ବର୍ତ୍ତମାନ ୨୪ଲକ୍ଷ ଚାଷୀଙ୍କୁ ୮.୩ଲକ୍ଷ ମହିଳା ଏବଂ ୫.୭୭ ଲକ୍ଷ ଏସସି ଏବଂ ଏସଟି ହିତାଧିକାରୀଙ୍କୁ ସମର୍ଥନ କରିବ ଏବଂ ଏହାର ବାର୍ଷିକ କାରବାର ୧୩୦୦ କୋଟି ଟଙ୍କା । ପିଏମ କିସାନ ଉତ୍ସବ ଦିବସ ନାମକ ଏହି କାର୍ଯ୍ୟକ୍ରମ ସମଗ୍ର ଭାରତରେ ପାଳନ କରାଯିବ ଏବଂ ପ୍ରାୟ ୨.୫ କୋଟି କୃଷକ ୭୩୨ କୃଷି ଭିଜିନ୍ କେନ୍ଦ୍ର (କେଭି କେ), ଏକ ଲକ୍ଷ ପ୍ରାଥମିକ କୃଷି ସମବାୟ ସମିତି ଏବଂ ପାଞ୍ଚ ଲକ୍ଷ ସାଧାରଣ ସେବା କେନ୍ଦ୍ରରୁ ୱେବ୍ ପ୍ରସାରଣ ମାଧ୍ୟମରେ ଅଂଶଗ୍ରହଣ କରିବେ।

# ଆନ୍ଦୋଳନକାରୀଙ୍କ ଉପରେ ବର୍ଷିଲେ ଟଣ୍ଟୋ ଗ୍ରାମବାସୀ

ଯୋଡ଼ା :( ମହାଭାରତ ):: ଧୀରେ ଧୀରେ ଅଶାନ୍ତ ହେବାରେ ଲାଗିଛି ଯୋଡ଼ା ବ୍ଲକ ଅନ୍ତର୍ଗତ ଭଦ୍ରାସାହି ପଞ୍ଚାୟତର ଟଣ୍ଟୋ ।ଗ୍ରାମରେ ଅବସ୍ଥିତ ନର୍ଭେରାମ ଖଣି ପରିସର । ଆନ୍ଦୋଳନକାରୀ ଓ ସପକ୍ଷବାଦିଙ୍କ ମଧ୍ୟରେ ଆରମ୍ଭ ହୋଇଛି ବାକ ଯୁଦ୍ଧ । ପରିସ୍ଥିତି ଅସମ୍ଭାଳ ଆଡକୁ ଗତି କରୁଛି । ଯାହା ଦେଖି ନିଦାବିଷ୍ଣୁ ସାଜିଛନ୍ତି ସ୍ଥାନୀୟ ପୋଲିସ ପ୍ରଶାସନ । ଆଜକୁ ୩ମାସରୁ ଉର୍ଦ୍ଧ୍ୱ ହେବ ବନ୍ଦ ପଡିଛି ଖଣି କାର୍ଯ୍ୟ । ଫଳରେ କାମଧନ୍ଦା ନଥିବାରୁ ଅନେକଙ୍କ ଘରେ ଚୁଲି ଜଳିବା ବନ୍ଦ ହେଲାଣି ।ମାନ୍ୟବର ଚମ୍ପୁଆ କୋର୍ଟଙ୍କ ଆଦେଶକୁ ଖାତିର କରୁ ନାହାନ୍ତି ଆନ୍ଦୋଳନକାରୀ କିମ୍ବା ପୋଲିସ ପ୍ରଶାସନ । ଯୋଡ଼ା ଖଣି ମଣ୍ଡଳରେ ବସବାସ କରୁଥିବା ଲୋକଙ୍କର ଏକ ମାତ୍ର ରୋଜଗାର ପନ୍ଥା କହିଲେ ଖଣି ଖାଦାନକୁ ବୁଝାଇ ଥାଏ । ଏଠାକାର ବାସିନ୍ଦା ନିଜର ପୈତୃକ ସମ୍ପତି ବନ୍ଧାଦେଇ ଗାଡି ଖଣ୍ଡେ ଖଣ୍ଡେ କରି ଖଣିଜ ପରିବହନ ମାଧ୍ୟମରେ ଲାଭାଂଶରୁ ନିଜର ପରିବାର ପ୍ରତିପୋଷଣ କରିଥାନ୍ତି । ଖଣିଟିଏ କାର୍ଯ୍ୟକ୍ଷ୍ୟମ ହେଲେ ଲୋକଙ୍କ ଘରେ ଚୁଲିଜଳେ । ସେମାନେ କେବେ ନାହିଁ ତାଙ୍କୁ ଦାନା ଦେଉଥିବା ସଂସ୍ଥା ଗୁଡ଼ିକ ବନ୍ଦ ହୋଇଯାଉ । ଆଶ୍ଚର୍ଯ୍ୟ ଲାଗେ କେନ୍ଦୁଝର ଜିଲ୍ଲା ଟଣ୍ଟୋ ଗ୍ରାମରେ ଅବସ୍ଥିତ ନାର୍ଭେରାମ କମ୍ପାନୀ ଲିଜରେ ଥିବା ରୋଇଡା-୨ ଆଇରନ ଓର ଖଣି ସେହି ଟଣ୍ଟୋ ଗ୍ରାମର ଲୋକମାନେ ୧୦୦ ଦିନରୁ ଉର୍ଦ୍ଧ ହେବ ବନ୍ଦ କରି ରଖିଛନ୍ତି । ଆମ ଟିମ ଯେତେବେଳେ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଜାଣିବାକୁ ପାଇଲୁ ଟଣ୍ଟୋ ଗ୍ରାମର ହାତ ଗଣତି କେତେଜଣ ଲୋକ ଓ ପାଖ ଗାଁ ଭଦ୍ରାସାହି,ସେରେଣ୍ଡା, ଝାଡଗାଁ ଆଦି ଅଞ୍ଚଳର କିଛି ପରିବହନ ଠିକାଦାରଙ୍କ ପ୍ରରୋଚନାରେ ନିକଟସ୍ଥ ଗ୍ରାମର କିଛି ଲୋକ ମଧ୍ୟ ସେଠି ଏକାଠି ହୋଇ କଂପାନୀର ରାସ୍ତା ଅବରୋଧ କରିଛନ୍ତି ।ଅପର ପକ୍ଷରେ ଟଣ୍ଟୋ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଏକାଠି ହୋଇ କମ୍ପାନୀ କାମରେ ବାଧା ସୃଷ୍ଟି ନକରିବାକୁ କହୁଥିବା ଶୁଣିବାକୁ ମିଳିଛି। ସୂଚନା ମୁତାବକ ଆନ୍ଦୋଳନକାରୀ ମାନେ ଗତ ଜୁନ ମାସ ୨୬ ତାରିଖରୁ ଉକ୍ତ ଖଣି ନିକଟରେ ୫ ଦଫା ଦାବି ନେଇ ଆନ୍ଦୋଳନ କରି ଆସୁଛନ୍ତି । ଦାବି ଗୁଡିକ ହେଲା ସ୍ଥାନୀୟ ନିଯୁକ୍ତି , ସ୍ଥାନୀୟ ଠିକାଦାର ମାନଙ୍କୁ ଖଣିଜ ପରିବହନ , ଉତ୍ତମ ରାସ୍ତା , ପାନୀୟଜଳ,ଉତ୍ତମ ଶିକ୍ଷା ସମେତ ଅନ୍ୟାନ୍ୟ ମୌଳିକ ସମସ୍ୟା ।ଏ ସମ୍ପର୍କରେ କମ୍ପାନୀର ଉଚ୍ଚ ପଦସ୍ତ ଅଧିକାରୀ ଓ ଟଣ୍ଟୋ□ ।ଗ୍ରାମବାସୀଙ୍କ ସହିତ ଆଲୋଚନା କରିବା ପରେ ଏକ ସାଂଘାତିକ ତଥ୍ୟ ଜାଣିବାକୁ ମିଳିଛି । ତଥ୍ୟ ମୁତାବକ କମ୍ପାନୀ



ଚାଲୁ ହେବା ଦିନଠାରୁ ସ୍ଥାନୀୟ ନିଯୁକ୍ତିକୁ ପ୍ରାଧାନ୍ୟ ଦେଇ ଆସିଛି । ଯାହାର ନକଲ କମ୍ପାନୀ ଆମକୁ ପ୍ରଦାନ କରିଛି । ତଥ୍ୟ ଅନୁଯାଇ କମ୍ପାନୀ ଭଦ୍ରାସାହି ପଞ୍ଚାୟତ ଅନ୍ତର୍ଗତ ଝାଡ଼ଗାଁ,ଟଣ୍ଟୋ,ଭଦ୍ରାସାହି ଓ ଆଖପାଖ ଗ୍ରାମର ପ୍ରାୟ ୨୦୬ ଜଣଙ୍କୁ ଯୋଗ୍ୟତା ଭିତ୍ତିକ ନିଯୁକ୍ତି ଦେଇଥିବା ବେଳେ କେନ୍ଦୁଝର ଜିଲ୍ଲାରୁ ୮୮ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିଛ।ଏଥିସହିତ କମ୍ପାନୀ ୪୩ ଗୋଟି ସ୍ଥାନୀୟ ଠିକାଦାରଙ୍କୁ ପରିବହନ କରିବାକୁ ସୁଯୋଗ ମଧ୍ୟ ଦେଇ ଆସୁଛି । କମ୍ପାନୀ ବାହାର ଠିକାଦାରଙ୍କୁ ପରିବହନ ଅଗ୍ରାଧିକାର ଦେଉଥିବା ଅଭିଯୋଗ ହେଉଥିବା ବେଳେ କମ୍ପାନୀ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଏକ ସାଂଘାତିକ ତଥ୍ୟ ଗଣମାଧ୍ୟମ ଆଗରେ ରଖିଥିଲେ । ତଥ୍ୟ ଅନୁସାରେ ୧୯/୦୧/୨୦୨୩ ମସିହାରେ ଜଣେ ସ୍ଥାନୀୟ ଠିକାଦାର ଏସ.ଆର.ରୋଡ଼ଲାଇନ୍ସ ନାମକ ଏକ ବାହାର ଠିକା ସଂସ୍ଥାକୁ ପରିବହନ ଅନୁମତି ଦେବାକୁ ସତ୍ୟପାଠ ମାଧ୍ୟମରେ କମ୍ପାନୀକୁ ଅନୁରୋଧ କରିଥିଲେ ।ଯାହା ଏଯାବତ ପରିବହନ କାର୍ଯ୍ୟରେ ନିୟୋଜିତ ଅଛି । ୨୦୨୩ ମସିହାରୁ କମ୍ପାନୀ ହରେଶ୍ୱର ଲୋଡିଙ୍ଗ ଏଣ୍ଡ ଟ୍ରାନ୍ସପୋର୍ଟିଂ ଓ ଏସ.ଆର.ରୋଡ଼ ଲାଇନ୍ସ ଉଭୟଙ୍କୁ ପରିବହନ ନିମନ୍ତେ ଅନୁମତି ଦେଇଥିବା ବେଳେ ୨୦୨୪ ମସିହାରେ ହରେଶ୍ୱର ଲୋଡିଙ୍ଗ ଏଣ୍ଡ ଟ୍ରାନ୍ସପୋର୍ଟିଂ ସଂସ୍ଥା ସମସ୍ତ ପରିବହନ କାର୍ଯ୍ୟ ଏସ.ଆର.ରୋଡ଼ ଲାଇନ୍ସକୁ ସମର୍ପଣ କରିଥିବା କମ୍ପାନୀ କହିଛି। ସେହିଭଳି କମ୍ପାନୀ ଘରେ ଘରେ ପାନୀୟଜଳ ଯୋଗାଇବା ସହିତ ଶିକ୍ଷା ଓ ସ୍ୱାସ୍ଥ ଦିଗରେ ବେଶ ଯତ୍ନବାନ ବୋଲି ଗ୍ରାମବାସୀ କହିଛନ୍ତି । ଟଣ୍ଟୋ। ଗ୍ରାମର ବିକାଶ ନିମନ୍ତେ ଟି.ଡି.ସି ( ଟଣ୍ଟୋ ଡେଭଲପମେଣ୍ଟ କମିଟି ) ନାମକ ଏକ ସାମାଜିକ ସଂସ୍ଥାକୁ ପରିବହନ କରିବାକୁ କମ୍ପାନୀ ଅନୁମତି ଦେଇ ଆସିଛି । ଉକ୍ତ କମିଟି ମାଧ୍ୟମରେ ଯାହା ଲାଭାଂଶ ଉକ୍ତ ଗ୍ରାମର ମୌଳିକ ସମସ୍ୟା ସମାଧାନ କରିବାରେ ଖର୍ଚ୍ଚ କରା ଯାଉଥିବା ଜଣା ପଡିଛି । ଏପଟେ ନିକଟ ଗ୍ରାମର ଶତାଧିକ ମହିଳା ପୁରୁଷ ଏକାଠି ହୋଇ କିଛି ଲୋକ ନିଜର ସ୍ୱାର୍ଥ ହାସଲ କରିବା ପାଇଁ କମ୍ପାନୀକୁ ୩ମାସରୁ ଉର୍ଦ୍ଧ୍ୱ ସମୟ ଧରି ବନ୍ଦ ରଖିଥିବା ଅଭିଯୋଗ କରିଛନ୍ତି । ସ୍ଥାନୀୟ ବାସିନ୍ଦାଙ୍କ କହିବା କଥା ନର୍ଭେରାମ ଖଣି ଚାଲୁ ହେବା ଦିନଠାରୁ ଆମେ ଭଲରେ ଅଛୁ । କମ୍ପାନୀ ନିକଟ ଗ୍ରାମରୁ ପ୍ରାୟ ୮୫ ଜଣ ଛାତ୍ରଛାତ୍ରୀଙ୍କୁ ଭଦ୍ରାସାହି ସରସ୍ୱତୀ ଶିଶୁ ମନ୍ଦିର ବିଦ୍ୟାଳୟରେ ମାଗଣାରେ ଶିକ୍ଷା ଦେବାର ବ୍ୟବସ୍ଥା କରିବା ସହିତ ଯାତାୟାତ ନିମନ୍ତେ ସ୍କୁଲ ବସ ପ୍ରଦାନ କରିଛି ଏବଂ ପିଲାମାନେ କିଭଳି ଅପପୃଷ୍ଟିର ଶିକାର ନହେବେ ସେଥିପାଇଁ ଜଳଖିଆ ବ୍ୟବସ୍ଥା ମଧ୍ୟ କରିଛି ଯାହା ଆମେ ସ୍ୱପ୍ନରେ ମଧ୍ୟ କରି ପାରି ନଥାନ୍ତୁ ବୋଲି ମହିଳା ମାନେ କହିଛନ୍ତି । ଭଦ୍ରାସାହି ପଞ୍ଚାୟତର ଜଣେ ସଚେତନ ନାଗରିକ ଇନ୍ଦ୍ରଜିତ ବାରିକ କହିଛନ୍ତି ତିନିମାସ ହେବ କିଛି ଲୋକ ଅନୈତିକ ଭାବେ ନର୍ଭେରାମ ଖଣି ପରିବହନ ଫାଟକ ସମ୍ମୁଖରେ ଧାରଣା ଦେଇ କମ୍ପାନୀର ପରିବହନ ବନ୍ଦ ରଖିଛନ୍ତି । ଦୁଃଖର କଥା ଏ ଅଞ୍ଚଳର ଗାଡି ମାଲିକ ମାନଙ୍କର ଦେବାଳିଆ ପରିସ୍ଥିତି ସୃଷ୍ଟି ହୋଇଛି । ପ୍ରକୃତରେ ଯଦି ଆନ୍ଦୋଳନକାରୀ ମାନେ ଅଂଚଳର ବିକାଶ ଚାହୁଁଛନ୍ତି ତେବେ ଗାଡି ମାଲିକଙ୍କ ଦୁଃଖ ଦେଖି ପାରୁ ନାହାନ୍ତି କେମିତି ବୋଲି ସେ ପ୍ରଶ୍ନ କରିଛନ୍ତି । ଶ୍ରୀ ବାରିକ ଗଣମାଧ୍ୟମ ମାଧ୍ୟମରେ ସ୍ଥାନୀୟ ପୋଲିସ ଓ ପ୍ରଶାସନକୁ ପ୍ରକୃତ ସ୍ଥିତି ଅନୁଧ୍ୟାନ କରି ତୁରନ୍ତ ଖଣିଟିକୁ ଚାଲୁ କରିବାରେ ସାହାଯ୍ୟ କରିବାକୁ ନିବେଦନ କରିଛନ୍ତି । ଆନ୍ଦୋଳନକାରୀ ମାନଙ୍କ ଅଭିଯୋଗ କମ୍ପାନୀ କେବଳ ମୌଖିକ କହୁଛି ଆମେ ସମସ୍ତ ଦାବି ମାନି ନେଲୁ ବୋଲି କିନ୍ତୁ ଲିଖିତ ଦେଉ ନାହିଁ । ଏ ସମ୍ପର୍କରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଆମେ ସେମାନଙ୍କୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ କଲିକତା ସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ନେଇଥିଲୁ । ସେଠାରେ ସେମାନେ କମ୍ପାନୀର ଚେୟାରମ୍ୟାନ ସହିତ ଆଲୋଚନା କରିବା ପରେ ସମସ୍ତ ଦାବି ପୂରଣ କରାଯିବାକୁ ନିଷ୍ପତ୍ତି ନିଆ ଯାଇଛି । ସେମାନଙ୍କୁ ଲିଖିତ ଦେବାକୁ ଆମେ ପ୍ରସ୍ତୁତ ଅଛୁ କିନ୍ତୁ କଲିକତାରୁ ଆସିବା ପରେ ସେମାନେ ଆଉ ଏକ ନୂଆ ଦାବି ରଖିଛନ୍ତି ଯାହା ପରିଚାଳନା କମିଟି ସିଧା ମନା କରି ଦେଇଛି । ତେଣୁ ସେମାନେ ପୂର୍ବ ଦାବି ଗୁଡିକ ସହିତ ନୂତନ ଦାବି ଲିଖିତ ଆକାରରେ ଦେବାକି ଜିଦ୍ଦି କରି ଧାରଣାରେ ବସି ରହିଛନ୍ତି ଯାହା କମ୍ପାନୀ ପକ୍ଷରେ ସମ୍ଭବ ନୁହେଁ ।

## ରାଜ୍ୟ ସ୍ତରୀୟ ବନ୍ୟପ୍ରାଣୀ ସୁରକ୍ଷା ଦିବସ

ଅନୁଗୋଳ:(ମହାଭାରତ):୭୦ ତମ ରାଜ୍ୟ ସ୍ତରୀୟ ବନ୍ୟପ୍ରାଣୀ ସୁରକ୍ଷା ଦିବସ ଅବସରରେ ରାଜ୍ୟ ସ୍ତରୀୟ ବନ୍ୟପ୍ରାଣୀ ସୁରକ୍ଷା ଦିବସ ଅବସରରେ ଜରପଡା ବନାଞ୍ଚଳ ଅଧିକାରୀ ଶ୍ରୀ ମାଧବ ଚନ୍ଦ୍ର ନାୟକ ଙ୍କ ତ୍ୱାବଧାନରେ ଜରପଡା ବନାଞ୍ଚଳ ଅନ୍ତର୍ଗତ ବୁଢ଼ୀ ପାହାଡ ବନ ସଂରକ୍ଷଣ ସମିତି ଠାରେ ବନ୍ୟ ପ୍ରାଣୀ ମାନଙ୍କର ସୁରକ୍ଷା କୁ ସଭା ସମିତି ଓ ଶୋଭଯାତ୍ରା ମାଧ୍ୟମ ରେ ସଚେତନତା କରାଇଥିଲେ । ଏଥିରେ ପରିବେଶବିତ୍,ସମାଜସେବୀ ଚିନ୍ମୟୀ ଦାସ, ବୁଢ଼ୀ ପାହାଡ ବନ ସଂରକ୍ଷଣ ସମିତି ର ସଭାପତି ଶ୍ରୀ ସୁରଥ ନାଏକ ଓ ସଭ୍ୟ ସମୁହ ବନପାଳ ବସନ୍ତ ଗଡ଼ନାୟକ ଜରପଡା ସେକ୍ସନ, ସାଇକ୍ରୃପା ସ୍ୱଂୟ ସହାୟକ ଗୋଷ୍ଠୀ ଓ ମାଆ ବୁଢୀ ସ୍ୱଂୟ ସହାୟକ ଗୋଷ୍ଠୀ ର ସଭ୍ୟା ସକ୍ରିୟ ଅଂଶ ଗ୍ରହଣ କରିଥିଲେ, ଶ୍ରୀ ମାଧବ ଚନ୍ଦ୍ର ନାୟକ ଙ୍କ ତ୍ୱାବଧାନରେ ଅକ୍ଟୋବର ଦୁଇ ତାରିଖ ଠାରୁ ଅକ୍ଟୋବର ଆଠ ତାରିଖ ପର୍ଯ୍ୟନ୍ତ ଚାଲିବ।

## ଭାରସାମ୍ୟ ହରାଇ ରାସ୍ତା କଡ ଗଛ ରେ ପିଟିଲା ପିକଅପ ଭ୍ୟାନ ଡ୍ରାଇଭର ମୃତ ଅନ୍ୟ ଜଣେ ଆହତ

କରଞ୍ଜିଆ, (ମହାଭାରତ) ଯାଜପୁରରୋଡ଼ ରେ ପରିବା ଖାଲି କରି ରବିବାର କଲିକତା ଫେରୁଥିବା ଏକ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ରାସ୍ତା କଡ଼ ଗଛରେ ପିଟି ହେବାରୁ ଭ୍ୟାନ ଡ୍ରାଇଭର ର ମୃତ୍ୟୁ ଘଟିଥିବା ବେଳେ ଭ୍ୟାନ ରେ ଥିବା ଅନ୍ୟ ଜଣେ ଆହତ ହୋଇଛନ୍ତି। କଲିକତା ରୁ ପରିବା ବୋଝେଇ କରି ଏକ ପିକଅପ ଭ୍ୟାନ ନମ୍ବର ଡବ୍ଲୁ ବି ୩୩ ଏଫ ୦୪୧୨ ଠାକୁରମୁଣ୍ଡା- ଆନନ୍ଦପୁର ରାସ୍ତାରେ ଫେରୁଥିବା ବେଳେ ଦିନ ପ୍ରାୟ ୧୧ ଟା ସମୟରେ ପଥୁରିଆ ସାହି ନିକଟରେ ଭ୍ୟାନ ଟି ଭାରସାମ୍ୟ ହରାଇ ରାସ୍ତା କଡ ଗଛ ରେ ଯାଇ ପିଟି ହୋଇଥିଲା । ଦୁର୍ଘଟଣା ର ଖବର ପାଇ ମହୁଲଡ଼ିହା ଥାନା ପୋଲିସ ଘଟଣାସ୍ଥଳ ରୁ ଭ୍ୟାନ ର ଡ୍ରାଇଭର ଓ ଅନ୍ୟ ଜଣ ଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଡ୍ରାଇଭର ଙ୍କ ମୃତ୍ୟୁ ଘଟିଥିଲା। ମୃତ ଡ୍ରାଇଭର ଜଣକ ପଶ୍ଚିମବଙ୍ଗ ରାଜ୍ୟ ମେଦିନପୁର ଜିଲ୍ଲା ଗୋଲାବେଡା ଥାନା ଅଞ୍ଚଳ ର ଲେଦା ବୋଲି ସୂଚନା ମିଳିଛି। ମହୁଲଡ଼ିହା ଥାନା ପୋଲିସ ଦୁର୍ଘଟଣାଗ୍ରସ୍ତ ଭ୍ୟାନ କୁ ଜବତ କରି ତଦନ୍ତ କରୁଛି ।

# ଫେଲ ମାରିଛି ହିନ୍ଦୋଳ ଏନ୍ ଏ ସିରେ ବର୍ଜ୍ୟବସ୍ତୁ ପରିଚାଳନା

## ଗୋଟିଏ ଦୁଇଟି ବ୍ୟାଟେରୀ ଗାଡିରେ ଚାଲୁଛି ସେବା

ହିନ୍ଦୋଳ (ମହାଭାରତ)ହିନ୍ଦୋଳ ଏନ୍ ଏ ସି ୧୬ ଟି ଯାକ ୱାର୍ଡରେ ଦୀର୍ଘ ଦିନ ହେବ ବର୍ଜ୍ୟ ବସ୍ତୁ ପରିଚାଳନାରେ ଘୋର ବିଭ୍ରାଟ ଦେଖା ଦେଇଛି ।ଏହାକୁ ନେଇ ସାହିର ମହିଳା ମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ କାର୍ଯ୍ୟରେ ନିୟୋଜିତ ମହିଳା କର୍ମଚାରୀ ମାନଙ୍କୁ ବିଭିନ୍ନ ସମୟରେ ସୋଦାବୋକା କରୁଥିବା ଶୁଣା ଯାଉଛି। ୨୦୧୨ / ୨୦୧୩ ମସିହାରୁ ଏନ୍ ଏ ସି ଗଠନ ହେବା ପର ଠାରୁ ୭/୮ ଟି ନିମ୍ନ ମାନର ବ୍ୟାଟେରୀ ଚାଳିତି ଅଳିଆ ବୁହା ଗାଡ଼ି କ୍ରୟ କରାଯାଇ କାର୍ଯ୍ୟରେ ନିୟୋଜିତ କରାଯାଇ ଥିଲା। କେତେକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ଉକ୍ତ ଗାଡ଼ି ଚଳାଇବାକୁ ନିୟୋଜିତ କରା ଯାଇଥିଲା। ବହୁ ଦିନ ଧରି ଗାଡ଼ି ଗୋଡ଼ିକ କାର୍ଯ୍ୟାଳୟ ପରିସରରେ ଖୋଲା ଆକାଶ ତଳେ ଖରା ବର୍ଷା ଖାଇ ରହିବା ଫଳରେ ଏହାର ବିଭିନ୍ନ ଅଂଶ ଗୋଡ଼ିକ ଧିରେ ଧିରେ କଳଙ୍କି ଲାଗିବାକୁ ଆରମ୍ଭ କରିଥିଲା, ଏତଦ୍ ବ୍ୟତୀତ ଗାଡ଼ିର ଯନ୍ତ୍ରାଂଶ ଗୋଡ଼ିକ ଖରାପ ହୋଇ ମରାମତି ଆବଶ୍ୟକ କରିଥିଲାୟ ସଂସ୍ଥା କର୍ତ୍ତୃପକ୍ଷ ଗାଡ଼ି ଗୋଡ଼ିକର କିଛି କିଛି ମରାମତି କରି ସେ ଗୋଡିକୁ ସେବାରେ ଲଗାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ଆବଶ୍ୟକ ମରାମତି ଅଭାବରୁ ୫/୬ ଗୋଟି ଗାଡ଼ି କାର୍ଯ୍ୟାଳୟ ପରିସରରେ ଥିବା ଗ୍ୟାରେଜ ମଧ୍ୟରେ ଏବେବି ପଡ଼ି ରହିଥିବା ଦେଖା ଯାଉଛି। କିଛି ମାସ ପୂର୍ବରୁ ବର୍ଜ୍ୟ ପରିଚାଳନାରେ ଗୁରୁ□ର ବିଭ୍ରାଟ ଦେଖା ଦେବାରୁ ଗୋଟିଏ ଦୁଇଟି ପିକପ ଭ୍ୟାନକୁ ସାମୟିକ ଭାବେ ଭଡା ସୁତ୍ରରେ ଲଗା ଯାଇ ଅଳିଆ ବୁହା କାର୍ଯ୍ୟ ତୁଲାଇ ଥିଲେ। ଏବେ ଦୀର୍ଘ ଦିନ ହେବ ଗୋଟିଏ ଦୁଇଟି ବ୍ୟାଟେରୀ ଗାଡିରେ ଘରୁ ବର୍ଜ୍ୟ ବସ୍ତୁ ପରିଚାଳନା ଜେନ ତେନ ଚାଲୁ ରହିଥିଲା। କିଛି ଦିନ ହେବ ତାହା ସଂପୂର୍ଣ୍ଣ ବନ୍ଦ ହୋଇ ପଡ଼ି ଥିବାରୁ କେଉଁ ସାହିକୁ କେଉଁ ୱାର୍ଡକୁ ୭/୮ ଦିନରେ ଥରେ ଗାଡ଼ି ଗଡୁଥିବା ଦେଖା ଯାଉଛି। ଏନ୍ ଏ ସି ପକ୍ଷରୁ ସ୍ୱଚ୍ଛତା ହିଁ ସେବା ପରମ କର୍ତ୍ତବ୍ୟ ବୋଲି ପ୍ରଚାର ପ୍ରସାର କରା ଯାଉଥିଲେ ହେଁ ବର୍ଜ୍ୟ ପରିଚାଳନା ସଠିକ୍ ଭାବେ ସମ୍ପାଦନ ହେଉ ନଥିବାରୁ ୱାର୍ଡ ବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। କେତେକ ରାସ୍ତା କଡ଼ରେ, ଘର ପାର୍ଶ୍ୱ ଲଟା ବୁଦାରେ ଅଳିଆ ଆବର୍ଜନା ପକାଉ ଥିବା ଦେଖା ଯାଉଛି। ସମସ୍ୟା ଓ ଏହାର ସ୍ଥାୟୀ ସମାଧାନ ପାଇଁ ଏନ୍ ଏ ସି ଅଧିକାରୀଙ୍କୁ ପଚାରିବାରେ ସେ ଅଟକି ରହିଥିବା ଗାଡ଼ି ଗୋଡ଼ିକ ମଧ୍ୟରୁ ଗୋଟେ ଦୁଇଟିକୁ ସଜାଡି କାର୍ଯ୍ୟରେ ନିୟୋଜିତ କରାଇ ଥିବା ପ୍ରକାଶ କରିଥିବା ବେଳେ ଅନ୍ୟ ଗୋଡ଼ିକୁ କିଛି ଦିନ ମଧ୍ୟରେ ସଜାଡି ଚାଲୁ କରିବେ ବୋଲି ପ୍ରକାଶ କରିଥିଲେ।

## ବିଜୁ ଏକ୍ସପ୍ରେସ ୱେ ରାସ୍ତା ଉପରେ ଅଜଣା ବ୍ୟକ୍ତିଙ୍କ ଶବ ଉଦ୍ଧାର

କୋକସରା,(ମହାଭାରତ) : କୋକସରା ବ୍ଲକ ଆମପାଣି ଥାନା ଧର୍ମଗଡ଼ ଠାରୁ ଆମପାଣି କୁ ସଂଯୋଗ କରୁଥିବା ବିଜୁ ଏକ୍ସପ୍ରେସୱେର କୁଲେରଗୁଡା ଛକ ନିକଟରେ ଏକ ଅଜଣା ବ୍ୟକ୍ତିଙ୍କ ଶବ ପୁଲିସ ଉଦ୍ଧାର କରିଛି। ସୂଚନା ମୁତାବକ ରବିବାର ସକାଳୁ ରାସ୍ତାରେ ଏକ ଅଜଣା ବ୍ୟକ୍ତିଙ୍କ ଶବ ପଡି ରହିଥିଲା। ସ୍ଥାନୀୟ ଲୋକେ ଏହା ଦେଖିବା ପରେ ଆମପାଣି ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଆମପାଣି ଥାନା ଅଧିକାରିଣୀ ବିଜୟଲକ୍ଷ୍ମୀ ହିକକାୟ ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଏହାପରେ ମାଜିଷ୍ଟ୍ରେଟ ଦାୟିତ୍ୱରେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ ଘଟଣା ସ୍ଥଳରେ ପହଞ୍ଚିବାରେ ପ୍ରାଥମିକ ତଦନ୍ତ ଆରମ୍ଭ କରାଯାଇ ଶବ ଜବତ କରାଯାଇଥିଲା। ତେବେ ମୃତକଙ୍କ ପରିଚୟ ମିଳି ପାରି ନାହିଁ। ଅନ୍ୟପଟେ ପ୍ରାଥମିକ ତଦନ୍ତରୁ ଦୁର୍ଘଟଣା ବୋଲି ପୁଲିସ ଅନୁମାନ କରିଥିବା ଜଣାପଡିଛି। ମୃତ ଦେହକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ସ୍ଥିତ ଜିଲ୍ଲା ମୁଖ୍ୟାଳୟକୁ ନେଇଥିବା ସୂଚନା ରହିଛି। ଏନେଇ ଆମପାଣି ଥାନା ଅଧିକାରିଣୀ ବିଜୟଲକ୍ଷ୍ମୀ ହିକକାଙ୍କୁ ପଚାରିବାରୁ ଯେ ହେତୁ ଅଜଣା ଶବ ତେଣୁ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି, ଏବଂ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ସେଠାରେ ରଖାଯିବ, ଏହାପରେ ମଧ୍ୟ କେହି ସମ୍ପର୍କିୟ ନ ଆସନ୍ତି ତା' ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି କହିବା ସହ ତଦନ୍ତ ଚାଲିଥିବା ସୂଚନା ଦେଇଛନ୍ତି।

## ପୁନର୍ବାସ ପକ୍ଷରୁ ବିଶ୍ୱ ମସ୍ତିଷ୍କ ପକ୍ଷାଘାତ ଦିବସ ପାଳିତ



କେନ୍ଦ୍ରାପଡା(ମହାଭାରତ): ମସ୍ତିଷ୍କ ପକ୍ଷାଘାତ ଏକ ଗମ୍ଭୀର ସ୍ନାୟୁ ଓ ମାଂସପେଶୀଜନିତ ଭିନ୍ନକ୍ଷମତା ଯାହା ମାତୃ ଗର୍ଭାବସ୍ଥା ଓ ପ୍ରସବକାଳୀନ ତଥା ପରବର୍ତ୍ତୀ ପାର୍ଶ୍ୱପ୍ରଭାବର ପରିଣାମ ଅଟେ। ସଚେତନତା ମାଧ୍ୟମରେ ଏହାର ପ୍ରତିରୋଧ ଓ ପ୍ରଭାବିତ ସମୂହଙ୍କ ଜୀବନରେ ପରିବର୍ତ୍ତନ ଅଣାଯାଇପାରେ। ୬ ଅକ୍ଟୋବର ବିଶ୍ୱ ମସ୍ତିଷ୍କ ଦିବସ ଅବସରରେ ଭିନ୍ନକ୍ଷମଙ୍କ ସଶକ୍ତିକରଣ ପାଇଁ କାର୍ଯ୍ୟରତ ପୁନର୍ବାସ ପକ୍ଷରୁ ଏକ ସଚେତନଧର୍ମୀ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାତା ତଥା ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଂଚାଳନରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷା ସ୍ୱାଗତିକା ପାତ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ପ୍ରାକ୍ତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବିଶିଷ୍ଟ ପରିବେଶବିତ୍ ଓ ସମାଜସେବୀ ବିରଜା ପ୍ରସାଦ ପତି ଯୋଗଦେଇ ଏପରି ଶିଶୁଙ୍କ ଲାଳନପାଳନ ପଛରେ ରହିଥିବା ମା'ର ଅସୀମ ଧୈର୍ଯ୍ୟକୁ ଭୂୟଂସୀ ପ୍ରଶଂସା କରିଥିଲେ। ପୁନର୍ବାସ ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ଥେରାପି ସେବାର ଏହି ଗୁରୁଦାୟିତ୍ୱ ସୁଚାରୁ ରୂପେ ସମ୍ପନ୍ନ କରୁଥିବାରୁ ଉଚ୍ଚ ପ୍ରଶଂସା କରିଥିଲେ । ଭିନ୍ନକ୍ଷମ ଶିଶୁଙ୍କ ଅଭିଭାବକ ଗାୟତ୍ରୀ ମହାନ୍ତି, ରୋଜାଲିନ ପ୍ରଧାନ, ସାଗରିକା ସାହୁ, ରଚନା ସେଠି, ରୀନା ସେଠି, ଧରିତ୍ରୀ ନାୟକ, ମାମିନା ମଲିକ, ନସ୍ରିନ ଫିରଦୋଷ ପ୍ରମୁଖ ଭିନ୍ନକ୍ଷମ ସନ୍ତାନର ମାତା ଭାବେ ସେମାନଙ୍କ ଦାୟବଦ୍ଧ ଜୀବନ ସହ ନିଜନିଜ ପିଲାମାନଙ୍କର ପୂର୍ବ ଅବସ୍ଥା ଓ ଏବେର ସ୍ଥିତି ସମ୍ପର୍କରେ ତୁଳନାତ୍ମକ ଚିତ୍ର ଓ ଅଗ୍ରଗତି ନେଇ ମତ ରଖିଥିଲେ । ପ୍ରାରମ୍ଭରେ ଫିଜିଓଥେରାପିଷ୍ଟ ରଚିତା ଜେନା ଓ ଆକ୍ୟୁପେସନାଲ ଥେରାପିଷ୍ଟ ଗୁଞ୍ଜନସ୍ମିତା ବେହେରା ମସ୍ତିସ୍କ ପକ୍ଷାଘାତର କାରଣ, ଲକ୍ଷଣ, ନିରାକରଣ ଏବଂ ପୁନଃଥଇଥାନରେ ବିବିଧ ଥେରାପିର ଭୂମିକା ବିଷୟରେ ତଥ୍ୟ ଉପସ୍ଥାପନ କରିଥିଲେ। ସଂଯୋଜକ ସଂଜୀବ କୁମାର ଜେନା, ପ୍ରଶିକ୍ଷାର୍ଥୀ ଥେରାପିଷ୍ଟ ସୋନାଲି ବେହେରା, ରଞ୍ଜନ କୁମାର ସ୍ୱାଇଁ, ମିହିର ରଂଜନ ବାରିକ, ଗାୟତ୍ରୀ ପୃଷ୍ଟି, ଦୀପକ ସାହୁ ପରିଚାଳନାରେ ସହଯୋଗ କରିଥିଲେ। ପୁନର୍ବାସର ସଭ୍ୟ ସ୍ୱପ୍ନାଂଶୁ କୁମାର ଦାସ ସଂଚାଳନରେ ସହାୟତା କରିଥିବା ବେଳେ ପରିଶେଷରେ ସହସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ ।

## ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟରେ ଜାତୀୟ 'ହୋ 'ସମ୍ମିଳନୀ ଅନୁଷ୍ଠିତ



କପ୍ତିପଦା -(ମହାଭାରତ ): କପ୍ତିପଦା -ଚଳିତ ବର୍ଷ ଡିସେମ୍ବର ମାସ ୧୪ ଏବଂ ୧୫ ତାରିଖ ଦିନ ଶରତରେ ଅବସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟରେ ତୃତୀୟତମ ଜାତୀୟ 'ହୋ' ଲେଖକ ମହାସମ୍ମିଳନୀ-୨୦୨୪ ଅନୁଷ୍ଠିତ ହେବ। ଅଖିଳ ଭାରତୀୟ 'ହୋ' ଭାଷା ଲେଖକ ମହାସଂଘ ଏବଂ ଅଗ୍ରଣୀ ସାମାଜିକ ସଂଗଠନ ଶରତ ବିକାଶ ମଞ୍ଚଙ୍କ ମିଳିତ ସହଯୋଗରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ ଆଜି ରାଣୀପୋଖରୀସ୍ଥିତ ଶିକ୍ଷା ସନ୍ଧାନ ଅଫିସରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତର ୬ଗୋଟି ରାଜ୍ୟର ଆଦିବାସୀ ହୋ' ପ୍ରତିଭା ଯଥାକ୍ରମେ ଓଡ଼ିଶା ସମେତ ଝାଡ଼ଖଣ୍ଡ,ବିହାର,ଆସାମ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଆଦି ରାଜ୍ୟରୁ ଅଂଶଗ୍ରହଣ କରିବେ ବୋଲି ହୋ' ଭାଷା ଲେଖକ ମହାସଂଘର ଜାତୀୟ ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ତିୟୁ ପ୍ରକାଶ କରିଛନ୍ତି। ପ୍ରସ୍ତୁତି ବୈଠକରେ ବିକାଶ ମଞ୍ଚ ସଭାପତି ଗାମାୟ ରାମିଲ ସିଂ ଗୋଇପାଇ, ଉପ-ସଭାପତି ଡୁବରାଜ ଗୋଇପାଇ, ଯୁବ ସମାଜସେବୀ ଲକ୍ଷ୍ମୀଧର ସିଂ ତିୟୁ, ନୋଟ ସରପ□ ଦୁମ୍ବି ସିଂ, ଶରତ ପଞ୍ଚାୟତ ନାଏବ ସରପଞ୍ଚ ଦୁଲାରାମ ବାନାରା, କଳମଗଡିଆ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ବିଶ୍ୱନାଥ ବଦରା, ବାଗୁନ ଶୁଣ୍ଡି, କପ୍ତିପଦା ବ୍ଲକ ପୂର୍ବତନ ବ୍ଲକ ଚେୟାରମେନ ସଙ୍ଗା ପାଳିଆ, ସିଦିଓ ଗୋଇପାଇ, ବିଁସା ବୁଲିଉଲି, ଶରତ ଅଞ୍ଚଳର ବିଶିଷ୍ଟ ସମାଜସେବୀ ଲକ୍ଷଣିଆ ପୂର୍ତ୍ତି, ଦିବାକର ପାଳିଆ, ସରଡିହା ପଞ୍ଚାୟତ ପୂର୍ବତନ ସରପ□ ରମେଶ ଚନ୍ଦ୍ର ବାନାରା, ଅନୀଲ ବଇପାଇ, ଗୋପୀନାଥ ହାଇବୁରୁ, ସମାଜସେବୀ ଗୋବିନ୍ଦ ଲାମାୟ, ବିଶିଷ୍ଟ କଣ୍ଠଶିଳ୍ପୀ ପୁଟେ କେରାଇ, ମାର୍କଣ୍ଡ ତିରିଆ, ବାବୁରାମ ବାର୍ଦ୍ଦା, ମୋତିଲାଲ ହାଇବୁରୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## କାଉଡୋଲା ଠାରେ ଧନ୍ୱନ୍ତରୀ ବୈଦ ସଂଘର ବୈଠକ



କୋକସରା,(ମହାଭାରତ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଉଡୋଲା ଠାରେ ରବିବାର ଧନ୍ୱନ୍ତରୀ ବୈଦ ସଂଘର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଛି। ବୈଦ ବଳସିଂ ଶବରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ସ୍ଥାନରୁ ବୈଦ ମାନେ ଯୋଗଦେଇ ଥିଲେ। ଏହି କ୍ରମରେ ସଂଘର ଉପଦେଷ୍ଟା କମିଟି ଗଠନ ପାଇଁ ସଂଘର ସଭାପତି ଆହ୍ୱାନ ଦେଇଥିଲେ। ସଂଘର କର୍ମକର୍ତ୍ତା ମାନେ ପ୍ରତ୍ୟେକ ବୈଠକରେ ଉପସ୍ଥିତ ରହିବା, ଆଗାମୀ ବୈଠକରେ ଧର୍ମଗଡ଼, କଳମପୁର, ଜୟପାଟଣା ଓ କୋକସରା ଅଞ୍ଚଳର ପ୍ରତ୍ୟେକ ବୈଦ ଉପସ୍ଥିତ ହେବା, ରେଜିଷ୍ଟ୍ରେସନ କରିବା, ଧନ୍ୱନ୍ତରୀ ପୂଜା ନିମନ୍ତେ ପ୍ରସ୍ତୁତି କରିବା ଆଦି ବିଷୟରେ ବୈଠକରେ ଆଲୋଚନା ହୋଇଥିଲା। ଏହି ପରିପ୍ରେକ୍ଷୀରେ ବୈଦ ଶ୍ରୀ ଅରବିନ୍ଦ ପଟ୍ଟନାୟକ କିଛି ବୃକ୍ଷ ବିଷୟରେ ପରିଚିତ କରାଇ ଥିଲେ। ବୈଠକରେ ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ, ଉପଦେଷ୍ଟା ସଭାପତି ଗଙ୍ଗାଧର ମହାନ୍ତି, ସମ୍ପାଦକ ଲଳିତ ଶବର, ସହ ସମ୍ପାଦକ ଡମ୍ବରୁଧର ନାଏକ, ମୁକୁନ୍ଦ ରାଉତ, ହିମାଦ୍ରୀ ବାଗ, ମଦନ ସୁନ୍ଦର ଛତ୍ରିଆ, ବିଶ୍ୱମ୍ବର ମହାନନ୍ଦ, ଦେବେନ୍ଦ୍ର ଘି, ଭୁଜବଳ ନାଏକ ପ୍ରମୁଖ ବୈଦ ଯୋଗଦେଇ ଥିଲେ।

## ଶବର ସମାଜ ଭବନ ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ



ପାଟଣାଗଡ଼ ( ମହାଭାରତ ) ପାଟଣାଗଡ ବ୍ଲକ ମରୁଆଁ ପଞ୍ଚାୟତ ର ଗଞ୍ଜାଉଡାର ଗ୍ରାମ ଠାରେ ଶବର ସମାଜ ଭବନ ନିର୍ମାଣ ସକାସେ ଭିତ୍ତି ପ୍ରସ୍ତର ସ୍ଥାପନ ହୋଇ ଯାଇଛି ।ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଙ୍କ କରକମଳରେ ଭୂମିପୂଜନ ହୋଇଥିଲା ।ରାଜ୍ୟସଭା ସାଂସଦ ଙ୍କ ସ୍ଥାନୀୟ ଅ□ଳ ଉନ୍ନୟନ ପାଣ୍ଠି ରୁ ୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସୂଚନା ଦିଆଯାଇଛି । ଶବର ସମାଜ ଭବନ ଭୂମିପୂଜନ ପୂର୍ବରୁ ଗଞ୍ଜାଉଡାର ଗ୍ରାମରେ ଶବର ସମାଜର ସାଂସ୍କୃତିକ ଦଳ ଗୁଡିକ ନୃତ୍ୟ ଗୀତ ସହିତ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ବିରାଟ ସାଂସ୍କୃତିକ ଶୋଭାଯାତ୍ରା ମାଧ୍ୟମରେ ସଭାସ୍ଥଳ କୁ ସାଂସଦ ଶ୍ରୀ ବିଶି ଙ୍କୁ ପାଛୋଟି ଆଣିଥିଲେ ।ପ୍ରସ୍ତାବିତ ଭୂମି ପୂଜନ ପରେ ଶବର ସମାଜର ଉପଖଣ୍ଡ ସଭାପତି ଚନ୍ଦ୍ରମଣି ଶବର ଙ୍କ ସଭାପତିତ୍ୱ ରେ ସଭା କରା ଯାଇଥିଲା । ଓଡିଶା ରାଜ୍ୟରେ ଚଉଷଠି ଟି ଆଦିବାସୀ ସମ୍ପ୍ରଦାୟ ଥିବା ବେଳେ ଶବର, ସହରା, ସଉରା, ସଅର, ଜାରା ଶବର, ବେଶୁ ସଓରା, ଭିମା ସଓରା, ଲରିଆ ସଓରା, ସୁଦ୍ଧ ସଓରା, କଳାପୀଠିଆ ସଓରା, ଲାଞ୍ଜିଆ ସଉରା, ଯତି ସଉରା, ଟଙ୍କଳା ସଉରା ଅନ୍ୟତମ। ଓଡିଶାରେ ମୋଟ ଜନସଂଖ୍ୟା ର ୨୩ ପ୍ରତିଶତ ଜନସଂଖ୍ୟା ହେଉଛନ୍ତି ଆଦିବାସୀ । ଓଡିଶା ରେ ଶବର ସହରା, ସଅର,ସଉରା ଆଦିବାସୀ ଙ୍କ ଜନସଂଖ୍ୟା ୧୭ ଲକ୍ଷ ରୁ ଉର୍ଦ୍ଧ । ସଉରା ଭାଷା କୁ ସମ୍ବିଧାନ ର ଅଷ୍ଟମ ଅନୁସୂଚୀ ରେ ସାମିଲ କରିବା ପାଇଁ ଓଡିଶା ସରକାର କେନ୍ଦ୍ର ସରକାର ଙ୍କୁ ସୁପାରିଶ କରିଛନ୍ତି । ଓଡିଶା ରେ ଶବର ସଂସ୍କୃତି, ଭାଷା, କଳା, ସ୍ଥାପତ୍ୟ, ଐତିହ୍ୟ ସର୍ବ ପ୍ରାଚୀନ । ଶବର ସଂସ୍କୃତି ର ସୁରକ୍ଷା, ସଂରକ୍ଷଣ, ପୁନଃଉଦ୍ଧାର ଆବଶ୍ୟକ ବୋଲି ରାଜ୍ୟସଭା ସାଂସଦ ଶ୍ରୀ ବିଶି ପ୍ରକାଶ କରିଥିଲେ। ଶବର ରାଜା ବିଶ୍ୱବଶୁଙ୍କ ନୀଳମାଧ ସଂସ୍କୃତି, ନୀଳମାଧ ସଂସ୍କୃତି ରୁ ଶ୍ରୀ ଜଗନ୍ନାଥ ସଂସ୍କୃତି ବିଶ୍ୱବିଦିତ ଥିବା ବେଳେ ରାମାୟଣ ବର୍ଣିତ ତ୍ରେତୟା ଯୁଗର ଶ୍ରୀରାମ ଏବଂ ଶ୍ରାବଣକ୍ଷ ଶବରୀ ଙ୍କ ଶବରୀ ନାରାୟଣ ସଂସ୍କୃତି ଖ୍ୟାତି ସୃଷ୍ଟି କରିଛି । ମଞ୍ଚରେ ସମ୍ପାଦକ ସାରଥୀ ବାଗ ସଭା ପରିଚାଳନା କରିଥିଲେ।

## ଦୟାନନ୍ଦ ଆଦର୍ଶ ଗୁରୁକୁଳ ପକ୍ଷରୁ ଯୁବ ସଂସ୍କାର କାର୍ଯ୍ୟକ୍ରମ

ବେଗୁନିଆ,୬/୯(ମହାଭାରତ): ବେଗୁନିଆ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଂଚାୟତ ଅନ୍ତର୍ଗତ ପରିଛଳ ଗ୍ରାମସ୍ଥିତ ଦୟାନନ୍ଦ ଆଦର୍ଶ ଗୁରୁକୁଳ ପରିସରରେ ଯୁବ ସଂସ୍କାର କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ଏଥିରେ ଦୟାନନ୍ଦ ଆଦର୍ଶ ଗୁରୁକୁଳର ପ୍ରତିଷ୍ଠାତା ତଥା ବିଦ୍ୱାନ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ସ୍ୱାମୀ ମୁକ୍ତାନନ୍ଦ ସରସ୍ୱତୀ ମୁଖ୍ୟବକ୍ତା,ସୁରେନ୍ଦ୍ର ଶାସ୍ତ୍ରୀ ଯୋଗଗୁରୁ ସୁଧାଂଶୁ ଅଧିକାରୀ, ସୁନନ୍ଦା ଅଧିକାରୀ, ଦୁଷ୍ମନ୍ତ କିଶୋର ସ୍ୱାଇଁ,ଗାୟକ ସୁରେନ୍ଦ୍ର ଛୋଟରାୟ ଓ ସମାଜସେବୀ ଭିକାରୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ଯୁବକ ମାନେ ପଥଭ୍ରଷ୍ଟ ନ ହୋଇ ଶୃଙ୍ଖଳିତ ଓ ସଂସ୍କାରପୂର୍ଣ୍ଣ ଭାବେ ଜୀବନଯାପନ କରିବା ପାଇଁ ଅତିଥି ମାନେ ମତ ପ୍ରକାଶ କରିଥିଲେୟ ଶେଷରେ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଧର୍ମରାଜ ଧନ୍ୟବାଦ ଅର୍ପଣ କରିଥିଲେ।

## ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଙ୍ଘ

# କେନ୍ଦ୍ରାପଡା ଡିଭିଜନ ଦ୍ୱିତୀୟ ଦ୍ୱିବାର୍ଷିକ ସମ୍ମିଳନୀର ଖୋଲା ଅଧିବେସନ



କେନ୍ଦ୍ରାପଡ଼ା,(ମହାଭାରତ): ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଙ୍ଘର କେନ୍ଦ୍ରାପଡା ଡିଭିଜନର ଦ୍ୱିତୀୟ ଦ୍ୱିର୍ଷିକ ସମ୍ମିଳନୀର ଖୋଲା ଅଧିବେସନ ରବିବାର କେନ୍ଦ୍ରାପଡା ମୁଖ୍ୟ ଡାକଘର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଓଡିଶା ସର୍କଲର ପୂର୍ବତନ ସମ୍ପାଦକ ଅଶୋକ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଡିଶା ସର୍କଲର ପୂର୍ବତନ ସମ୍ପାଦକ ହିମାଂଶୁ ଶେଖର ଦାସ, ପୂର୍ବତନ ସମ୍ପାଦକ ନିର୍ମଳ ଚନ୍ଦ୍ର ସିଂ, ସି.ପି.ଆଇ.(ଏମ)ର ଜିଲ୍ଲା ସାଧାରଣ ସମ୍ପାଦକ ଗୟାଧର ଧଳ, କଟକ ମଣ୍ଡଳ ସମ୍ପାଦକ କମଳ ରାଜା ଖାଁ, ପୂର୍ବତନ ମଣ୍ଡଳ ସମ୍ପାଦକ ରଜନୀକା' ନାୟକ, କେନ୍ଦ୍ରାପଡା ମଣ୍ଡଳର ପୂର୍ବତନ ସଭାପତି ନାରାୟଣ ଚନ୍ଦ୍ର ଲେଙ୍କା, କେନ୍ଦ୍ରାପଡା ମଣ୍ଡଳ ସଭାପତି ନରେନ୍ଦ୍ର ତ୍ରିପାଠୀ, ପୂର୍ବତନ ମଣ୍ଡଳ ସମ୍ପାଦକ କପିଳ ଚରଣ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ ଯେ ବିଗତ ଧର୍ମଘଟକୁ ସରକାର ଯେଉଁଭଳି ଭାବରେ ଦମନ କଲେ ତାହା ସ୍ୱାଧୀନ ଭାରତର ଇତିହାସରେ ବିରଳ ଘଟଣା। ତା ସତ୍ତ୍ୱେ ମଧ୍ୟ ଆମେ ଆମର ଆନ୍ଦୋଳନକୁ ଜାରି ରଖିବା। ଧର୍ମଘଟ ସମୟରେ ସରକାର ଯେଉଁ ସାଥୀମାନଙ୍କ ଉପରେ ଧାରା ଆଇ.ଓ.ବି. ଲଗାଇଥିଲେ ତାହାକୁ ଉଚ୍ଚ ନ୍ୟାୟାଳୟ ସ୍ଥଗିତ ଆଦେଶ ଦେଇଛନ୍ତି। କେନ୍ଦ୍ର କ୍ୟାବିନେଟ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କୁ ପୁରୁଣା ପେନସନ୍ ନାମରେ ୟୁପିଏସ ଦେଇ ଚରମ ପ୍ରତାରଣା କରିଛନ୍ତି। ଆମ ସାଧାରଣ ସମ୍ପାଦକ ସାଥୀ ଏସ.ଏସ. ମହାଦେବାୟା ଆମର ପେନସନ୍ ସମେତ ସର୍ବନିମ୍ନ ଦାବିକୁ ଉପସ୍ଥାପନ କରି ସରକାରଙ୍କୁ ଚରମ ପତ୍ର ଦେଇଛନ୍ତି। ସରକାର ଏହାର ଆଶୁ ସମାଧାନ ନକଲେ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। କେନ୍ଦ୍ର ସଙ୍ଘର ଦୃଢ ହସ୍ତକ୍ଷେପ ଫଳରେ ୧୨,୨୪ ଓ ୩୬ ବର୍ଷୀୟ ଆର୍ଥିକ ପଦୋନ୍ନତି ନିମନ୍ତେ ସରକାର ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଖୁବ୍ ଶୀଘ୍ର ସମସ୍ତ ସର୍କଲ ସେମାନଙ୍କ ଚିଠା ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଟାର୍ଗେଟ ନାମରେ ଆମ ଉପରେ ଯେଉଁ ଜୁଲମ ହେଉଛି ତାକୁ କୋହଳ କରିବା ପାଇଁ ସର୍କଲ ସଙ୍ଘ ମୁଖ୍ୟ ମହାଡାକପାଳଙ୍କ ନିକଟରେ ଦୃଢ ଦାବି କରିଛି। ଖୁବ୍ ଶୀଘ୍ର ଆମମାନଙ୍କ ନିମନ୍ତେ ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି ବୋଲି ସେମାନେ କହିଥିଲେ। କେନ୍ଦ୍ରାପଡା ଡିଭିଜନାଲ ସମ୍ପାଦକ ବିଜୟ କିଶୋର ଦାସ ସମ୍ପାଦ୍କୀୟ ବିବରଣୀ ପାଠ କରିଥିଲେ। ଶେଷରେ ଗଗନବିହାରି ସୂତାର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭ କିଶୋର ସାହୁ, ଶରତ ହାତି, ଜଗତଜୀବନ ଜେନା, ନିକେତନ ଜେନା, ସଂଗ୍ରାମ ମୁଦୁଲି, ସଚ୍ଚିଦାନନ୍ଦ ବିଶ୍ୱାଳ, ନଟବର ସେଠୀ, ରବୀନ୍ଦ୍ର ଲେଙ୍କା, ବିଜ୍ଞାନରନ ଦାସ, ହରିହର ମହାନ୍ତି, କୁଶାସନ ଦାସ, ସୀବ କୁମାର ଦାସ, ବିପଦଭନ ବେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମ ଡିଭିଜନାଲ ସମ୍ପାଦକ ବିଜୟ କିଶୋର ଦାସଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

## ପାର୍ବଣ ଋତୁରେ ଚାନ୍ଦା ଆଦାୟରେ ଲିପ୍ତ ଯୁବଗୋଷ୍ଠୀ ଅତିଷ୍ଠ ଯାତ୍ରୀ ଓ ପଥଚାରୀ ପୂଜା



ଖୋର୍ଦ୍ଧା,(ମହାଭାରତ): ବିଘ୍ନହର୍ତ୍ତା ଶ୍ରୀ ଗଣେଷଙ୍କ ଆଗମନ ଠାରୁ ଆରମ୍ଭ ହୋଇଛି ପାର୍ବଣ ଋତୁ । ଗଣେଷ ପୂଜା ପରେ ପରେ ବିଶ୍ୱକର୍ମା ପୂଜା ଏଂ ତା ପଛକୁ ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା ଏଂ କାଳୀ ପୂଜା । ପୁରପଲ୍ଲୀ ସବୁଠି ଚାଲିଛି ପୂଜାର ପ୍ରସ୍ତୁତିୟ କେବଳ ସହର ଏଥିରେ ସାମିଲ ନୁହେଁ, ପ୍ରତି ଗାଆଁ ମାନଙ୍କର ଗଳିକନ୍ଧିରେ ଆରମ୍ଭ ହେଲାଣି ପୂଜାକୁ ନେଇ ଆୟୋଜନ। ଆଉ ସବୁଠୁ ବଡ଼ କଥା ହେଲା, ଧୁମଧାମରେ ପୂଜା କରିବା ପାଇଁ ସବୁଠି ଏବେ ଆରମ୍ଭ ହୋଇଛି ଚାନ୍ଦାମଗା ପର୍ବ। ଯିଏ ଯେଉଁଠି ଚାହୁଁଛି ରସିଦ ଗଣ୍ଡେ ଛପାଇ ରାସ୍ତା ମଝିରେ କିଛି ଯୁବକ ଯିଏ ଯେଉଁଠି ଚାହୁଁଛି ସେଇଠି ଛିଡା ହୋଇ ଜୋର ଜବରଦସ୍ତ ଟଙ୍କା ଆଦାୟ କରୁଥିବା ଦେଖିବାକୁ ମିଳୁଛ। ଏହି ଚାନ୍ଦା ଆଦାୟରେ କେତେକ ସ୍ଥାନରେ ପିଲାଙ୍କୁ ଲଗା ଯାଉଥିବା ବେଳେ ଆଉ କେତେକ ସ୍ଥାନରେ ନିଶାଡି, ପେଶାଗତ ଅପରାଧି ଗୋଷ୍ଠୀର ବ୍ୟକ୍ତି ମାନେ ରାସ୍ତାରେ ଯାତାୟାତ କରୁଥିବା ଯାନବାହାନ ଓ ପଥଚାରୀ ମାନଙ୍କ ଠାରୁ ଜବରଦସ୍ତ ଟଙ୍କା ଆଦାୟ କରୁଛନ୍ତି । ଯିଏ ମନା କରୁଛି, ଚାନ୍ଦା ମାଗିବା ନାଁରେ ସେମାନଙ୍କୁ ନାଲି ଆଖି ମଧ୍ୟ ଦେଖାଯାଉଛି । ନଚେତ ଗାଡି ନେଇ ଯାଉଥିବା ଯାତ୍ରୀଙ୍କୁ ଗାଡ଼ି ଛଡ଼ାଯିବ ନାହିଁ ବୋଲି ଧମକାଉଛନ୍ତି । ପୂଜା ଆଳରେ କେତେକ ର୍ନିଦ୍ଦିଷ୍ଟ ଗୋଷ୍ଠୀ ବେପାରୀ ଓ ଲୋକଙ୍କୁ ଶୋଷିବା ଆରମ୍ଭ କରି ଦେଇଥିବା ବେଳେ ପୁଲିସ ଏ ବାବଦରେ କୌଣସି ଚିନ୍ତା କରୁନାହିଁ । ତେଣୁ ଚାନ୍ଦା ଆଦାୟ ନାମରେ ବିଭିନ୍ନ ସ୍ଥାନରେ ଯୁବଗୋଷ୍ଠୀ ଅରାଜକତା ଚଳାଇଛନ୍ତି। ଯାହାକି ସାଧାରଣ ଲୋକକୁ ଅତିଷ୍ଠ କରୁଛି। ଏ ଦିଗରେ ସ୍ଥାନୀୟ ପୁଲିସ ଦୃଷ୍ଟାନ୍ତ ସ୍ୱରୂପ ଭିଡ଼ିଓ ହେଉ ଅଥବା ଅଡିଓବାର୍ତ୍ତା ଜାରି କରି ଚାନ୍ଦା ସଂଗ୍ରହ ବାଧ ବାଧକତା ନୁହେଁ ସଚେତନ କରିବା ସହିତ ଅଭିଯୋଗ ନିମିତ୍ତ ଏକ ଟୋଲ ଫ୍ରି ନମ୍ବର ଜାରି କଲେ ଲୋକଙ୍କୁ ଆର୍ଥିକ ଲୁଟ ରୁ ଆଶ୍ୱସ୍ତି ମିଳି ପାରିବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

ମହାଭାରତ ଏଇ ପୃଥିବୀରେ...
ପ୍ରତିଟି ଖବର ହାତ ପାହାନ୍ତାରେ







# ଏନ୍‌ସିପି ନେତାଙ୍କୁ ହତ୍ୟା

**ନୂଆଦିଲ୍ଲୀ,୬।୧୦(ଏଜେନ୍ସି):** ବିଚ୍‌ ରାସ୍ତାରେ ରାଷ୍ଟ୍ରବାଦୀ କଂଗ୍ରେସ ଦଳର(ଅଜିତ ପାୱାର ଗୋଷ୍ଠୀ) ନେତାଙ୍କୁ ହତ୍ୟା । ମୁମ୍ବାଇର ବାଇକୁଲ୍ଲା ଅଞ୍ଚଳରେ ଏନସିପି ନେତା ସଚିନ କୁର୍ମୀଙ୍କୁ ହତ୍ୟା କରାଯାଇଛି । ଅଭିଯୁକ୍ତମାନେ ସଚିନଙ୍କ ଉପରକୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ସେଠାରୁ ଫେରାର ହୋଇ ଯାଇଛନ୍ତି । ସୂଚନା ମୁତାବକ, ଶୁକ୍ରବାର ରାତିରେ ମୁମ୍ବାଇର ବାଇକୁଲ୍ଲା ଅଞ୍ଚଳରେ ଏନ୍‌ସିପି ଅଜିତ ପାୱାର ଗୋଷ୍ଠୀର ତାଲୁକା ସଭାପତି ସଚିନ କୁର୍ମୀଙ୍କ ଉପରକୁ କିଛି ଦୁର୍ବୃତ୍ତ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ସଚିନ ଗୁରୁତର ଆହତ ହୋଇଥଲେ । ଆକ୍ରମଣ ପରେ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ମୁମ୍ବାଇର ଜେଜେ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଏଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ସେପଟେ ମୁମ୍ବାଇ ପୁଲିସ ଏହି ମାମଲାରେ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରି ଯାଞ୍ଚ ଆରମ୍ଭ କରିଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୁଲିସର କହିବା ମୁତାବକ, ଏହି ଘଟଣା ବିଳମ୍ବିତ ରାତି ପ୍ରାୟ ୧୨ଟା ୩୦ରେ ଘଟିଥିଲା । ତେବେ ଏନ୍‌ସିପି ନେତା ସଚିନଙ୍କୁ କିଏ ହତ୍ୟା କରିଛି ଏବଂ କାହିଁକି ତାହା ଜଣା ପଡିନାହିଁ । ଏହି ଆକ୍ରମଣରେ ୨ରୁ ୩ ଜଣ ସମ୍ପୃକ୍ତ ଥିବା ପୁଲିସ କହିଛି ।

# ପ୍ରଥମେ ଇରାନର ପରମାଣୁ ଠିକଣାକୁ ଉଡ଼ାଅ, ପରେ ଅନ୍ୟ ଚିନ୍ତା: ଟ୍ରମ୍ପ

**ନୂଆଦିଲ୍ଲୀ,୬।୧୦(ଏଜେନ୍ସି):** ବଡ଼ ଆକ୍ରମଣ ପାଇଁ ଯୋଜନା କରୁଛି ଇସ୍ରାଏଲ । କୌଣସି ମୁହୂର୍ତ୍ତରେ ବଡ଼ ଆକ୍ରମଣ କରିପାରେ ଇସ୍ରାଏଲୟ ଟାର୍ଗେଟରେ ଇରାନର ପରମାଣୁ କେନ୍ଦ୍ର । ୟୁରାନିଅମ୍ ଖଣି, ସାମରିକ ଘାଟିକୁ ଧ୍ୱଂସ କରିବାକୁ ଯୋଜନା କରିଛି ଆଇଡିଏଫ । ଇରାନ୍ ୨୦୦ରୁ ଅଧିକ ରକେଟ୍ ମାଡ଼ କରିବା ପରେ ରକ୍ତମୁଖା ହୋଇପଡିଛି ଇସ୍ରାଏଲ । ଏହାରି ଭିତରେ ଇରାନ୍ ବିରୋଧରେ ଇସ୍ରାଏଲକୁ ଉସକାଇଛନ୍ତି ରିପବ୍ଲିକାନ୍ ପ୍ରାର୍ଥୀ ତଥା ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଇରାନ୍ ଉପରେ ପ୍ରତିଶୋଧ ନେଉ ଇସ୍ରାଏଲ । ଜବାବୀ ଆକ୍ରମଣ କରି ପ୍ରଥମେ ଇରାନ୍ର ପରମାଣୁ ଠିକଣା ଗୁଡିକୁ ଉଡାଇ ଦେଉ । ପରେ ଅନ୍ୟ କଥା ଚିନ୍ତା କରିବ ବୋଲି କହିଛନ୍ତି ଟ୍ରମ୍ପ । ଉତ୍ତର କ୍ୟାରୋଲିନାରେ ଏକ କାର୍ଯ୍ୟକ୍ରମ ବେଳେ ସେ ଏହି କଥା କହିଛନ୍ତି ।ଏହି କାର୍ଯ୍ୟକ୍ରମରେ ଯେତେବେଳେ ଡୋନାଲ୍ଡ ଟ୍ରମ୍ପଙ୍କୁ ପଚରାଯାଇଥିଲା ଯେ ସେ ଇରାନ ବିଷୟରେ ସେ କ'ଣ ଭାବୁଛନ୍ତି, ସେ ଇରାନ ଉପରେ ଆକ୍ରମଣ କରିଥାନ୍ତେ କି ? ଏହା ଉପରେ ସେ କହିଥିଲେ, ଯେପର୍ଯ୍ୟନ୍ତ ସେମାନେ ପରମାଣୁ ସାମଗ୍ରୀ ଉପରେ ଆକ୍ରମଣ କରିନଥାନ୍ତେ, ସେପର୍ଯ୍ୟନ୍ତ ସେ ଚୁପ୍ ବସିଥାନ୍ତେ । ଏହାପରେ ସେ ମୁହଁତୋଡ଼ ଜବାବ ଦେଇଥାନ୍ତେ ।



ଏହାପର୍ବୂରୁ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଇରାନର ଆଣବିକ ସ୍ଥାନ ଉପରେ ଆକ୍ରମଣକୁ ସମର୍ଥନ କରିବେ ନାହିଁ ବୋଲି କହିଥିଲେ । ଇରାନ୍ର ମିସାଇଲ୍ ଆକ୍ରମଣ ପରେ ପାଶ୍ଚାତ୍ୟ ଦେଶର ନେତାମାନେ ଇସ୍ରାଏଲକୁ ଧୈର୍ଯ୍ୟ ଧରି ରହିବାକୁ ନିବେଦନ କରିଛନ୍ତି । ସେପଟେ ଇରାନ ଆକ୍ରମଣର ନିଶ୍ଚିତ ଭାବେ ପ୍ରତିଶୋଧ ନେବ ବୋଲି ଇସ୍ରାଏଲ କହିଛି ।

# ହେଜବୁଲ୍ଲାକୁ ପୁଣି ଝଟ୍‌କା

**ନୂଆଦିଲ୍ଲୀ,୬।୧୦(ଏଜେନ୍ସି):** ଇରାନ ସମର୍ଥିତ ସଂଗଠନ ହେଜବୁଲ୍ଲାର ସମସ୍ତ ଶକ୍ତି ହ୍ରାସୟ ସଂଗଠନର ମୁଖିଆ ହାସନ ନସ୍ରଲ୍ଲାଙ୍କ ମୃତ୍ୟୁ ପରେ ଯିଏ ଦାୟିତ୍ୱ ନେଇଥିଲେ ତାଙ୍କୁ ବି ନିପାତ କରିଛି ଇସ୍ରାଏଲ । ଇସ୍ରାଏଲର ଏୟାର ଷ୍ଟ୍ରାଇକରେ ହେଜବୁଲ୍ଲାର ମୁଖ୍ୟ ଭାବେ ନୂଆ। କରି ଦାୟିତ୍ୱ ନେଇଥିବା ହାଶିମ ସୈଫୁଦ୍ଦିନର ମୃତ୍ୟୁ ଘଟିଥିବା ଗଣମାଧମ ରିପୋର୍ଟରେ ପ୍ରକାଶ ପାଇଛି ।ସୂଚନା ଅନୁସାରେ, ଆ।ଜି ପୁଣି ଲେବାନନର ରାଜଧାନୀ ବେରୁଟରେ ଏୟାର ଷ୍ଟ୍ରାଇକ୍ କରିଥିଲା ଇସ୍ରାଏଲ । ଏଥିରେ ସୈଫୁଦ୍ଦିନର ମୃତ୍ୟୁ ହୋଇଛି । ରାନର ସର୍ବୋଚ୍ଚ ନେତା ଅୟାତୋଲ୍ଲା ଅଲି ଖାମନେଇ ଦେଶବାସୀଙ୍କୁ ସମ୍ବୋଧିତ କରି ଇସ୍ରାଏଲକୁ ଖୋଲା ଧମକ ଦେବା ପରେ ଆଜି ଏୟାର ଷ୍ଟ୍ରାଇକ୍ କରିଛି ଇସ୍ରାଏଲ । ଗତକାଲି ଦେଶବାସୀଙ୍କୁ ସମ୍ବୋଧିତ କରି ଖାମନେଇ କହିଥିଲେ, ଇସ୍ରାଏଲ ବେଶି ଦିନ ତିଷ୍ଠିବନି । ତେଲ ଅବିବି ଉପରେ ହୋଇଥିବା ଆ।କ୍ରମମ ଯଥାର୍ଥ । ଇସ୍ରାଏଲକୁ ଦୁର୍ବଳ କରିବା ପାଇଁ ମୁଁ ସମସ୍ତ ମୁସଲିମ ରାଷ୍ଟ୍ରଙ୍କୁ ଏକଜୁଟ ହେବାକୁ ଅପିଲ କରୁଛି। ଏହାପରେ ଆ।ଜି ଲେବାନନର ବେରୁଟରେ ଥିବା ହେଜବୁଲ୍ଲା କ୍ୟାମ୍ପକୁ ଟାର୍ଗେଟ କରି ଏୟାର ଷ୍ଟ୍ରାଇକ୍ କରିଛି ଇସ୍ରାଏଲ। ସେପଟେ ହମାସର ମଧ ଜଣେ ବରିଷ୍ଠ ନେତାକୁ ନିପାତ କରିଛି ଇସ୍ରାଏଲ । ମୃତ ସୟଦ ଅଟ୍ଟାଲ୍ଲା ଅଲି ହମାସ କାସାମ ବ୍ରିଗେଡ୍ସର ସଦସ୍ୟ ଥିଲେ। ସୟଦଙ୍କ ସହ ତାଙ୍କ ପରିବାରର ମଧ ତିନି ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି।

## ଯୁବକଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କଲେ ସ୍ୱେଚ୍ଛାସେବୀ



**ଗଞ୍ଜାମ,(ନିପ୍ର):** ଗଞ୍ଜାମ ସହରର ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ପଶ୍ଚିମବଙ୍ଗର ଜଣେ ଯୁବକଙ୍କୁ ଉଦ୍ଧାର କରି ଚିକିତ୍ସାର ସପ୍ତାହେ ପରେ ପୁଲିସ ଉପସ୍ଥିତିରେ ତାଙ୍କ ପରିବାରକୁ ହସ୍ତାନ୍ତର କରିଛନ୍ତି। ଏହି କାର୍ଯ୍ୟ ପାଇଁ ସେମାନଙ୍କୁ ବିଭିନ୍ନ ମହଲରେ ଭୂୟସୀ ପ୍ରଶଂସା କରାଯାଇଛି। ପ୍ରକାଶଯୋଗ୍ୟ ଯେ, ପଶ୍ଚିମବଙ୍ଗ ରାଜ୍ୟର ମାଲଦା ଜିଲାର ହବୀପୁର ଥାନା ଅନ୍ତର୍ଗତ ଦୁଲ୍ଲା କୁମାରପଡା ଗ୍ରାମର ବାଦଲ ହାଂସଦା ହାଇଦ୍ରାବାଦରେ ଶ୍ରମିକ ଭାବେ କାମ କରୁଥିଲେ। ନିଜ ଗ୍ରାମକୁ ଫେରୁଥିବାବେଳେ ଟ୍ରେନରେ ଲୁଟ୍ ଓ ଆକ୍ରମଣର ଶିକାର ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଗଞ୍ଜାମ ସହର ତ୍ରିବେଣୀ ମଠ ଛକଠାରେ ଗତ ୨୭ତାରିଖ ଦିନ ମୁମୂର୍ଷୁ ଅବସ୍ଥାରେ ପଡ଼ି ରହିଥିବାବେଳେ ସେହି ଛକରେ ଗ୍ୟାରେଜ କରିଥିବା ଚିକୁ ଜେନା ଦେଖି ସ୍ଥାନୀୟ ଇକୋ ୱାରିୟର ସ୍ୱେଚ୍ଛାସେବୀମାନଙ୍କୁ ଖବର ଦେଇଥିଲେ। ଖବର ପାଇ ପ୍ରଭାତ ବିଶ୍ୱାଳ, ସମରେଶ ପ୍ରଧାନ, ଦୁର୍ଗା ମାଧବ ପାଣିଗ୍ରାହୀ, ସଞ୍ଜୟ ସ୍ୱାଇଁ, ପ୍ରଭାତ ସାହୁ, କରୁଣା ରେଡ୍ଡୀ, ବିଲୁ ବେହେରା ପହଞ୍ଚି ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲେ। ଆହତ ବ୍ୟକ୍ତିଜଣକ ନିଜର ପରିଚୟ, ଠିକଣା କହିବାକୁ ସକ୍ଷମ ହୋଇପାରି ନ ଥିଲେ। ଇତି ମଧ୍ୟରେ ହବିପୁର ଥାନା ସହ ଫୋଟୋ ପଠାଇ ଯୋଗାଯୋଗ କରିଥିଲେ ଇକୋ-ୱାରିଅର ଟିମ୍। ଲଗାତର ଚିକିତ୍ସା ଦ୍ୱାରା ଚାରିଦିନ ପରେ ଯୁବକ ନିଜ ଗାଁର ନାମ କହିଥିଲେ ମଧ ଆଉ କିଛି କହିପାରି ନ ଥିଲେ। ପୁଣି ପୁଲିସ ସହ ଯୋଗାଯୋଗ ପରେ ତାଙ୍କ ପରିବାର ସହ ଯୋଗାଯୋଗ ସମ୍ଭବ ହୋଇପାରିଥିଲା। ଗୁରୁବାର ତାଙ୍କ ଶାଳକ ଶୈଳେନ୍ ମୁର୍ମୁ, ପତ୍ନୀ ସରଲା ବେସ୍ରା ଗଞ୍ଜାମରେ ପହଞ୍ଚିଥିଲେ। ପରେ ଗଞ୍ଜାମ ଆଇଆଇସି ସୁମିତ୍ରା ପାତ୍ର, ସେକେଣ୍ଡ ଅଫିସର ସୁପ୍ରଭା ସାହୁଙ୍କ ଉପସ୍ଥିତିରେ ଏକ ସପ୍ତାହ ପରେ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇ ବ୍ରହ୍ମପୁର ଷ୍ଟେସନରେ ଟ୍ରେନରେ ବସାଇଥିଲେ ଇକୋ-ୱାରିଅର ଟିମ୍।

## ଜାତୀୟ ସେବା ଯୋଜନା ପ୍ରତିଷ୍ଠା ସପ୍ତାହ ପାଳିତ




**ଚୌଦ୍ୱାର,(ନିପ୍ର):** ଚୌଦ୍ୱାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର +୨ ମହିଳା ଜାତୀୟ ସେବା ଯୋଜନା ତରଫରୁ ଜାତୀୟ ସେବା ଯୋଜନା ପ୍ରତିଷ୍ଠା ସପ୍ତାହ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ରଶ୍ମୀ ରାଉତରାୟ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଇତିହାସ ବିଭାଗ ପ୍ରାଧାପିକା କ୍ଷୀରାବ୍ଧି ଚୌଧୁରୀ ଅତିଥି ଭାବେ ଯୋଗଦେଇ ସମାଜର ବିକାଶ ଓ ସ୍ୱଚ୍ଛତା ରକ୍ଷାରେ ଛାତ୍ରୀ ମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। +୨ ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ସସ୍ମିତା କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଏବଂ ତନୁଶ୍ରୀ ପ୍ରିୟଦର୍ଶିନୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଛାତ୍ରୀମାନେ ମହାବିଦ୍ୟାଳୟ ପରିସରରେ ସଫେଇ ସହିତ ପ୍ଲାଷ୍ଟିକମୁକ୍ତ କରିଥିଲେ।

## ଆଶାକର୍ମୀ ସଙ୍ଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ଦାବୀପତ୍ର



**ଫୁଲବାଣୀ,(ନିପ୍ର):** ଆଶାକର୍ମୀମାନଙ୍କର ଦୀର୍ଘ ଦିନର ଦାବୀ ପୂରଣ ହୋଇ ପାରି ନାହିଁ। ତେଣୁ ଭାରତୀୟ ମଜଦୂର ସଂଘ ଅନୁବନ୍ଧିତ ଓଡିଶା ରାଜ୍ୟ ଆଶାକର୍ମୀ ସଂଘ ତରଫରୁ ଜିଲ୍ଲାପାଳଙ୍କ ଜରିଆରେ ଏକ ଛଅଦଫା ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଯାଇଛି। ଆସନ୍ତା ୧୪ ତାରିଖ ସୁଦ୍ଧା ଦାବୀ ଗୁଡିକ ପୂରଣ ନ ହେଲେ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସଙ୍ଘ କହିଛି। ଜାତୀୟ ସ୍ୱାସ୍ଥ୍ୟ ମିଶାଣକୁ ସ୍ଥାୟୀ କରିବା, ଆଶାକର୍ମୀମାନଙ୍କୁ ସରକାରୀ ମାନ୍ୟତା ପ୍ରଦାନ କରିବା ଏବଂ ସରକାରୀ ମାନ୍ୟତା ଦିଆଯିବା ପର୍ଯ୍ୟନ୍ତ ୧୮, ୦୦୦ ଟଙ୍କା ପ୍ରଦାନ କରିବା ପାଇଁ ସଙ୍ଘ ଦାବୀ କରିଛି। ସେହିଭଳି ଆଶାକର୍ମୀମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବା, ଅବସରପ୍ରାପ୍ତ ଆଶାକର୍ମୀଙ୍କୁ ୫ ଲକ୍ଷ ଟଙ୍କା ସହିତ ମାସିକ ୫ ହଜାର ପେନସନ ଦେବା ଓ ସବୁ ଗ୍ରାମରେ ଆଶାଗୃହ ନିର୍ମାଣ କରିବା ପାଇଁ ସଙ୍ଘ ପକ୍ଷରୁ ଦାବୀ ରଖାଯାଇଛି। ଆଜି ଶତାଧିକ ଆଶାକର୍ମୀ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଏହି ଦାବୀପତ୍ର ପ୍ରଦାନ କରିଥିଲେ।

# ଶକ୍ତି ପୀଠରେ ନବରାତ୍ର ପୂଜା ଆରମ୍ଭ

**ପାତ୍ରପୁର,(ନିପ୍ର):** ପାତ୍ରପୁର ବ୍ଲକର ଦୁଇ ଶକ୍ତିପୀଠ ମା' କୁଠାରୀଶ୍ୱରୀ ଓ କୁରେଇସୁଣି ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଛି। ପାତ୍ରପୁର ଗ୍ରାମରେ ଅଧିଷ୍ଠିତ ଦେବୀ କୁଠାରୀଶ୍ୱରୀଙ୍କ ୫୮ତମ ନବରାତ୍ରୀ ପୂଜା ପାଇଁ ଗତକାଲି ସନ୍ଧ୍ୟାରେ ବିଲ୍ୱ ଅଧିବାସ ଦେବତା ଆମନ୍ତ୍ରଣ ହୋଇଥିଲା। ଆଜି କଳ୍ପ ପୂଜା କରାଯିବ ସହ ଅନ୍ୟାନ୍ୟ କାର୍ଯ୍ୟ ହୋମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପୂଜା ପାଇଁ ମାଆଙ୍କ ପୀଠ ଚଳଚଞ୍ଚଳ ହୋଇଉଠିଛି। ଗ୍ରାମ ତଥା ପଡ଼ୋଶୀ ଆନ୍ଧ୍ର ଏବଂ ଅଂଚଳର ବହୁ ଭକ୍ତ ମାଆଙ୍କ ଦର୍ଶନ ସହ ପୂଜା ପାଠ କରିବା ପାଇଁ ରୁଣ୍ଡ ହେଉଥିବା ଜଣାଯାଇଛି। ଆସନ୍ତା ୧୦ ତାରିଖ ଅର୍ଦ୍ଧ ରାତ୍ରିରେ ପୀଠ ଦେବୀଙ୍କ ମହାଷ୍ଟମୀ ପୂଜା ସହ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ସେହିପରି ଅନ୍ୟତମ ପ୍ରସିଦ୍ଧ ଦେବୀ ପୀଠ ତୁରିବୁଡି ପଞ୍ଚାୟତର ନୂଆଁଗଡ଼ ଗ୍ରାମରେ ଥିବା କୁରେଇସୁଣି ଠାରେ ଗତରାତ୍ର ପବିତ୍ର ବାହୁଦା ନଦୀରୁ ପୂଜା ପାଠ କରି ଚାଙ୍ଗୁଡ଼ିରେ ବାଲି ସଂଗ୍ରହ କରାଯାଇଥିଲା। ଆଜି ଦୁଇଟି ବାଉଁଶ ଘଷି ସେଥିରୁ ଅଗ୍ନି ବାହାର କରି ସେହି ଅଗ୍ନିରେ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯିବ। ପଞ୍ଚମୀ ତିଥିରେ ମୁଗ କୋଳଥ ଧାନ ବିରି ପ୍ରଭୃତିକୁ ତତଲା





କଡେଇରେ ଭାଜି ପୂର୍ବରୁ ନଦୀରୁ ଅଣାଯାଇ ଚାଙ୍ଗୁଡ଼ିରେ ଥିବା ବାଲିରେ ଗଜା ପକାଯିବ। ମାଆଙ୍କ ଏହି ଯାତ୍ରା ଅବସରରେ ନିଆଁରେ ଚାଲିବା, କଣ୍ଟା ଦୋଳିରେ ଝୁଲିବା ସହ ପ୍ରଭୁଙ୍କ ଖଣ୍ଡା ଗ୍ରାମ ପରିକ୍ରମା କରିବା ପରେ ବିସର୍ଜନ କରାଯିବ। ସୁରଙ୍ଗୀର ତତ୍କାଳୀନ ଜମିଦାର ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ଦେବୀ କୁରେଇସୁଣିଙ୍କ ମହିମା ଅପାର ବୋଲି ପ୍ରବାଦ ରହିଛି। ଏହି ପୀଠରେ ଅପୁତ୍ରିକ ସନ୍ତାନ ପ୍ରାପ୍ତି ହେବା ସହ ବିଭିନ୍ନ ରୋଗରୁ ମୁକ୍ତି ମିଳିଥାଏ ବୋଲି ମାନ୍ୟତା ରହିଛି। ପ୍ରତି ବର୍ଷ ଆଶ୍ୱିନ ମାସରେ ମାଆଙ୍କ ଦର୍ଶନ ପାଇଁ ପ୍ରବଳ ଭକ୍ତଙ୍କ ଭିଡ ଲାଗିଥାଏ। ଓଡ଼ିଶା ସମେତ ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗରୁ ଭକ୍ତ ମାନେ ନିଜର ମାନସିକ ପୂରଣ ପାଇଁ ଏହି ପୀଠକୁ ଆସୁଛନ୍ତି। ଏହି ପୀଠକୁ ରାସ୍ତା ଘାଟ ନଥିବା ବେଳେ ପୂର୍ବରୁ ହିଂସ୍ରଜନ୍ତୁଙ୍କ ଭୟ ଲାଗି ରହୁଥିଲା। ଏପରିକି ପକ୍କା ରାସ୍ତାଟିଏ ନଥିବା ବେଳେ ପାନୀୟ ଜଳ ଏବଂ ରହିବା ସୁବିଧା ନଥିଲା। ପୀଠକୁ ଏବେ ପକ୍କା ରାସ୍ତା ବିଭିନ୍ନ ଦିଗରୁ ନିର୍ମାଣ କରାଯାଇଛି। ଗଜପତି ଜିଲ୍ଲା ମହେନ୍ଦ୍ର ଗଡକୁ ପୀଠ ଠାରୁ ନୂତନ ପ୍ରଶସ୍ତ ରାସ୍ତା ସଂଯୋଗ ହୋଇଛି। ପୀଠ ନିକଟରେ ପୁରାଣ ବର୍ଣ୍ଣିତ (ଅମରକୋଷ) ବାହୁଦା ନଦୀରେ ବାଘଲଟି ଡ୍ୟାମ୍ ? ନିର୍ମାଣ ହେବ ଫଳରେ ପର୍ଯ୍ୟଟକମାନଙ୍କ ଭିଡ ବର୍ଷ ତମାମ ଲାଗି ରହୁଛି। ପର୍ଯ୍ୟଟକମାନେ ଦେବୀ ପୂଜା ସହ ଜଳଭଣ୍ଡାର ଦେଖି ବଣ ଭୋଜିର ମଜା ନେଇ ଥାଆନ୍ତି। ଏଥି ନିମନ୍ତେ ବର୍ଷର ଶୀତ ଦିନକୁ ଅପେକ୍ଷା କରି ସହସ୍ରାଧିକ ପର୍ଯ୍ୟଟକ, ସ୍କୁଲ ପିଲା ଦେବୀ ଦର୍ଶନ ସହ ବଣ ଭୋଜିର ମଜା ନେବାକୁ ଆସି ଥାଆନ୍ତି। ମନ୍ଦିର ଠାରୁ ଅଳ୍ପ ଦୂରରେ ଜଙ୍ଗଲ ରହିଛି। ପୂର୍ବରୁ ଏହି ଠାରେ ଥିବା ରାଜାଙ୍କ ଗଡର ଚିହ୍ନ ବର୍ଣ୍ଣ ହଜିଯାଇଛି। ଏବେ ପୂର୍ବରୁ ଥିବା ଗଡ଼ଖାଇର କିଛି ଅଂଶ ବାଉଁଶ ବୁଦା ଘୋଡେଇ ରହିଛି। ଏହିପୀଠକୁ ଆସିବାକୁ ହେଲେ ବ୍ରହ୍ମପୁର ଠାରୁ ସଡକ ପଥରେ ୬୭ କିଲୋମିଟର ଅଟେ ।ସେହିପରି ରେଳଯୋଗେ ଆସିଲେ ଆନ୍ଧ୍ର ଇଚ୍ଛାପୁର ଠାରୁ ୩୯ କିଲୋମିଟର। ପ୍ରତିବର୍ଷ ମହାଷ୍ଟମୀ ବେଳେ ପ୍ରବଳ ଭିଡ ଲାଗି ରହେ।

## ସୀମାନ୍ତ ଗ୍ରାମର ଦୁଇ ଭଉଣୀ ହେବେ ଡାକ୍ତର, ବିମାନ ପରିଚାରିକା



**ପାତ୍ରପୁର, (ନିପ୍ର):** ଆନ୍ଧ୍ରପ୍ରଦେଶର ସୀମାନ୍ତ ପାତ୍ରପୁର ବ୍ଲକର ଦୁଇ ଭଉଣୀ ହେବେ ଡାକ୍ତର, ବିମାନ ପରିଚାରିକା। ବଡ଼ ଭଉଣୀ ବିମାନ ପରିଚାରିକା ଏବଂ ସାନ ଭଉଣୀ ଡାକ୍ତର ହେବା ଲକ୍ଷ୍ୟରେ ଆଗକୁ ବଢ଼ିବାରେ ଲାଗିଛନ୍ତି। ଏହି ଦୁଇ ଭଉଣୀ ହେଉଛନ୍ତି ପାତ୍ରପୁର ବ୍ଲକ ଗୁଡ଼ିପଦର ଗ୍ରାମର ଜେ ଭବାନୀ (୨୦)ବର୍ଷ ଏବଂ ଜେ ଶିବାନୀ (୧୮)ବର୍ଷ। ଭବାନୀ ଏବେ ବିମାନ ପରିଚାରିକା ଭାବେ ତାଲିମ ନେଉଥିବା ବେଳେ ସାନ ଭଉଣୀ ଶିବାନୀ ସର୍ବ ଭାରତୀୟ ଡାକ୍ତର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଗୁଡ଼ିପଦର ଗ୍ରାମର ବାପା ଜେ ମୋହନ ଏବଂ ମାଆ ଜେ ଶ୍ରୀଦେବୀଙ୍କ ତିନି ପୁଅ ଝିଅ ମଧ୍ୟରୁ ଦୁଇ ଝିଅ ବଡ଼ ଅଟନ୍ତି। ଦୁଇ ଭଉଣୀ ସଫଳତା ପାଇଁ ଉଦ୍ୟମ ଆରମ୍ଭ କରି ଏବେ ସଫଳ ହେବା ପଞ୍ଚାୟତ ତଥା ଜିଲ୍ଲା ପାଇଁ ଗର୍ବ ଆଣିଛି। ଉଭୟ ସୀମାନ୍ତ ଆନ୍ଧ୍ର ପ୍ରଦେଶ ଇଚ୍ଛାପୁରର ଏକ ବେସରକାରୀ ବିଦ୍ୟାଳୟ ଜ୍ଞାନ ଭାରତୀରେ ଅଧୟନ କରିଥିଲେ। ପଞ୍ଚାୟତର ଲୋକମାନେ ଚିକିତ୍ସା ପାଇଁ ସଦା ସର୍ବଦା ଆନ୍ଧ୍ର ଉପରେ ନିର୍ଭର କରୁଥିବା ଦେଖି ଡାକ୍ତର ହେବାକୁ ମନ ବଳାଇ ପାଠ ପଢୁଥିଲେ ଶିବାନୀ। ଏହା ଦେଖି ବାପା ମାଆ ଉଭୟଙ୍କୁ ବିଶାଖାପାଟଣାରେ ପାଠ ପଢିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଦୁଇ ଭଉଣୀ ଙ୍କ ନିଆରା ଉଦ୍ୟମ ଅନ୍ୟ ମାନଙ୍କ ପାଇଁ ପ୍ରେରଣା ଯୋଗାଇବ।

## ଡେଙ୍ଗୁ ସଚେତନତା ଅଭିଯାନ ଅନୁଷ୍ଠିତ

**ଚୌଦ୍ୱାର,(ନିପ୍ର):** ଆଗ୍ରାହାଟ ପଞ୍ଚାୟତ କୁଜିବର ଗ୍ରାମରେ ଡେଙ୍ଗୁ ସଚେତନତା ଓ ଗ୍ରାମ ସଫେଇ ଅଭିଯାନ ଅନୁଷ୍ଠିତ ହୋଇ ଯାଇଛି। ରୋଟାରୀ କ୍ଲବ୍ କଟକ ଅଭିନବ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗ୍ରାମର କିଶୋରୀ ଓ ମହିଳାମାନେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଡେଙ୍ଗୁ ରୋଗର ଭୟାବହତା, କାରଣ ଓ ନିରାକରଣ ସମ୍ପର୍କରେ ଲୋକ ମାନଙ୍କୁ ବୁଝାଇଥିଲେ ।ଏଥି ସହିତ ଗ୍ରାମ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରୋଟାରିଆନ୍ ସୁଧାଂଶୁ ଶେଖର ଜେନା, ଚୌଦ୍ୱାର ଆରସିସର ମାନସ କୁମାର ସାହୁ, ଅକ୍ଷୟ ନାୟକ, ପୂର୍ଣ୍ଣିମା ମହାରଣା, ମହେଶ୍ୱର ସାହୁ, ସରୋଜିନୀ ରାଉତ, ଅଂଗନୱାଡ଼ି କର୍ମୀ ସତ୍ୟଭାମ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜାମଦାପାଳ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ନିର୍ମାଣକୁ ବନ୍ଦ କଲେ ଗ୍ରାମବାସୀ

**ଝୁମ୍ପୁରା,(ନିପ୍ର):** ଝୁମ୍ପୁରା ବ୍ଲକ ଗୁମୁରା ପଞ୍ଚାୟତ ଅନ୍ତର୍ଗତ ଜାମଦାପାଳଠାରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଗୃହ ନଥିବାରୁ ସରପଞ୍ଚ ବାରମ୍ବାର ପ୍ରଶାସନକୁ ଅବଗତ କରିବା ପରେ ପ୍ରଶାସନ ତରଫରୁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ନୂତନ ଗୃହ ନିର୍ମାଣ ପାଇଁ ଅନୁଦାନ ଯୋଗାଇ ଦେଇଛନ୍ତି। କିନ୍ତୁ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣରେ ସରକାରଙ୍କ ସମସ୍ତ ନୀତି ନିୟମକୁ ଖୋଲା ଖୋଲି ଉଲ୍ଲଂଘନ କରି କାମ କରାଯାଉଥିବାରୁ ଏହାକୁ ସ୍ଥାନୀୟ ଗ୍ରାମବାସୀ ସଂପୂର୍ଣ୍ଣ ଭାବରେ ବିରୋଧ କରିଚନ୍ତି। ଏଥିସହ ଆରମ୍ଭ ହୋଇଥିବା କାମକୁ ବନ୍ଦ କରିଦେଇଛନ୍ତି। ଗ୍ରାମବାସୀଙ୍କ ଦାବି ରହିଛି ଯେ, ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ ପୂର୍ବରୁ କାର୍ଯ୍ୟସ୍ଥଳରେ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ନିର୍ମାଣ କରିବା, କେଉଁ ବିଭାଗର ଅନୁଦାନ ଆସିଛି, କେତେ ଟଙ୍କା ଅନୁଦାନ ଆସିଛି, ତା'ସହିତ କି କି କାମ ହେବ ତା'ର ସଂପୂର୍ଣ୍ଣ ବିବରଣୀ କାର୍ଯ୍ୟସ୍ଥଳରେ ସୂଚନା ଫଳକ ମାଧ୍ୟମରେ ଲିପିବଦ୍ଧ କରିବା ଏବଂ ଗୃହ କାମ ଚାଲିଥିବା ସମୟରେ ବିଭାଗୀୟ ଯନ୍ତ୍ରୀ ଉପସ୍ଥିତ ରହି କାର୍ଯ୍ୟକୁ ତଦାରଖ କରିବାର ନିୟମ ରହିଛି। ବର୍ତ୍ତମାନ ସୁଦ୍ଧା ଯେତିକି କାମ ହୋଇଛି ତାହା ଅତ୍ୟନ୍ତ ନିମ୍ନ ମାନର ହୋଇଛି। ପିଲର ଉଠୁଥିବା ସ୍ଥାନରେ କାମ କରୁଥିବା ଠିକାଦାର ବାଲି ପକାଇବା ପରେ ମେଟାଲ କରିବା ପରେ ଯାଇ ପିଲର ଛିଡା କରିବା କଥା, କିନ୍ତୁ କାମ କରୁଥିବା ମିସ୍ତ୍ରୀମାନେ ବାଲି ମେଟାଲ ନ ପକାଇ ସିଧା



ସଳଖ ଗାତରେ ରଡ୍ ଦେଇ ପିଲର ଛିଡ଼ା କରି ଦେଉଥିବାରୁ ଘରର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିବାରୁ ସ୍ଥାନୀୟ ଜନସାଧାରଣ ଏକତ୍ରିତ୍ୱ ହୋଇ ଘଟଣା ସମ୍ପର୍କରେ ସରପଞ୍ଚ ତପନ କୁମାର ନାଏକଙ୍କୁ ଅବଗତ କରିଥିଲେ। ସରପଞ୍ଚ ଜନସାଧାରଣଙ୍କଠାରୁ ଖବର ପାଇ ସଙ୍ଗେସଙ୍ଗେ ଘଟଣା ସ୍ଥଳରେ ପହଞ୍ଚି କାମ ତଦାରଖ କରି ଜାଣିବାକୁ ପାଇଲେ କାମ ଅତ୍ୟନ୍ତ ନିମ୍ନ ମାନର ହେଉଛି। ଏଣୁ ସରପଞ୍ଚଙ୍କ ଉପସ୍ଥିତିରେ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣକୁ ବନ୍ଦ କରିଛନ୍ତି। କାମ ବନ୍ଦ କରିବା ପରେ ଏହାର ବିଧିବଦ୍ଧ ତଦନ୍ତ କରିବା ପାଇଁ ଜନସାଧାରଣଙ୍କ ତରଫରୁ ଝୁମ୍ପୁରା ଗୋଷ୍ଠି ଉନ୍ନୟନ ଅଧିକାରୀ, ଝୁମ୍ପୁରା ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ପାଖରେ ଅଭିଯୋଗ କରିଛନ୍ତି। ଅଧିକାରୀମାନେ କାମର ଯାଞ୍ଚ କରିବା ପରେ ପୁଣିଥରେ ଭଲ ଭାବରେ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ ନିର୍ମାଣ କରାଯିବ ବୋଲି ସରପଞ୍ଚ ତପନ କୁମାର ନାଏକ, ୱାର୍ଡ ମେମ୍ବର ସାଗରୀକା ମହାକୁଡ, ଦଶରଥ ମହାକୁଡ, ଚୈତନ୍ୟ ନାଏକଙ୍କ ସମେତ ଅନ୍ୟ ଗ୍ରାମବାସୀ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ଗୁମୁରା ସରପଞ୍ଚ ତପନ କୁମାର ନାଏକଙ୍କ ସହିତ ଯୋଗାଯୋଗ କରିବାରୁ ସେ କହନ୍ତି କାମ ଭଲ ହେଉନାହିଁ ଯଦି ଠିକାଦାର ଭଲ କାମ କରିବ ତାହେଲେ କାମ କରାଯିବ।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ



**ପଦ୍ମପୁର,(ନିପ୍ର):** ପଦ୍ମପୁର ବ୍ଲକ୍ ଅନ୍ତର୍ଗତ ବିଜୟାନନ୍ଦ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପାଙ୍ଗଣରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ "ସୁରଭି -୨୦୨୪" ଅନୁଷ୍ଠିତ ହୋଇଯାଇଛି । ପଦ୍ମପୁର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତଥା ବିଆରସିସି ଚନ୍ଦ୍ରସେନ ଲିମାଙ୍କ ଆବାହକତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପଦ୍ମପୁର ବ୍ଲକ୍ ଗୋଷ୍ଠି ଶିକ୍ଷାଧିକାରୀ ହୃଷିକେଶ ରଥ ସଭାପତି, ରାଷ୍ଟ୍ରପତି ଶିକ୍ଷା ପୁରସ୍କାର ପ୍ରାପ୍ତ ଶିକ୍ଷକ ଦ୍ୱିତୀ ଚନ୍ଦ୍ର ସାହୁ ମୁଖ୍ୟଅତିଥି, ପଦ୍ମପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରକାଶ କଣ୍ଡାଗରୀ ସମ୍ମାନିତ ଅତିଥି ରୂପେ ଆସନ ଅଳଂକୃତ କରିଥିଲେ। ମୁଖ୍ୟ ଅତିଥି ମହୋଦୟ "ମାଟି ଓ ମା" ଏହି ଦୁଇଟି ଶବ୍ଦ ସମସ୍ତଙ୍କ ନିମନ୍ତେ ଅପରିହାର୍ଯ୍ୟ ।ଏହି ଦୁଇଟି ଶବ୍ଦକୁ ଛାଡି କୌଣସି ମନୁଷ୍ୟ ନିଜ ଜୀବନର ପରିକଳ୍ପନା କରିପାରିବେ ନାହିଁ। ସମ୍ମାନିତ ଅତିଥି ମତବ୍ୟକ୍ତ କରିଥିଲେ , ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିଶୁ ମାନଂକ ଅନ୍ତର୍ନିହିତ ପ୍ରତିଭାର ବିକାଶ ହେବା ସହ ସେମାନଂକ ଚିନ୍ତନ ଶକ୍ତିର ବିକାଶ ହୋଇଥାଏ ବୋଲି ମତ ପୋଷଣ କରିଥିଲେ। ଶ୍ରୀ ଲିମା କହିଥିଲେ ଯେ, ଶୈକ୍ଷିକ କାର୍ଯ୍ୟକ୍ରମ ସହ ସହ-ଶୈକ୍ଷିକ କାର୍ଯ୍ୟକ୍ରମ ହେବା ଫଳରେ ଶିକ୍ଷାର୍ଥି ମାନଂକର ମନୋବଳ ଦୃଢ ହୋଇଥାଏ ଏବଂ ସେମାନେ ଭବିଷ୍ୟତରେ ନିଜକୁ ସମାଜରେ ପ୍ରତିଷ୍ଠା ଲାଭ କରିପାରିଥାନ୍ତି। ଏକ ବର୍ଣ୍ଣାଢମୟ ପରିବେଶ ମଧ୍ୟରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷଣ ଥିଲା ଓଡ଼ିଶାର ଲୋକକଳାରେ ସଜ୍ଜିତ ହୋଇଥିବା ମଞ୍ଚ। ମଞ୍ଚ ଉପରେ ସଜ୍ଜିତ ହୋଇଥିବା ବିଭିନ୍ନ ଲୋକକଳାର ନିଦର୍ଶନ ସମସ୍ତଂକ ଦୃଷ୍ଟି ଆକର୍ଷଣ କରିବା ସହ ସମସ୍ତଂକ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା । ବ୍ଲକର କଳା ଶିକ୍ଷକ ଡି ଶିବା ଆଚାରୀ, ମହେନ୍ଦ୍ର ମହାପାତ୍ର ଏବଂ ଟୁରିଜିମ ଶିକ୍ଷକ ରଂଜିତ କୁମାର ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମା ଏବଂ ଲେଖା ମଞ୍ଚକୁ ଏକ ନୂଆ ଦିଗ ଦର୍ଶନ ଦେଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ କୁନି କଳାକାର ସୋନାକ୍ଷୀ ବେହେରାଙ୍କ ଓଡିଶୀ ନୃତ୍ୟ ସମସ୍ତକୁ ମୋହିତ କରିଥିଲା। ବ୍ଲକ୍ ଅନ୍ତର୍ଗତ ସମସ୍ତ ବିଦ୍ୟାଳୟର ପ୍ରାୟ ୧୨୦ ଜଣ ଶିକ୍ଷାର୍ଥୀ ବିଭିନ୍ନ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ।

## ମହିଳା ଟି୨୦ ବିଶ୍ୱକପ୍

# ପାକିସ୍ତାନକୁ ହରାଇଲା ଭାରତ



**ନୂଆଦିଲ୍ଲୀ,୬।୧୦(ଏଜେନ୍ସି):** ଚଳିତ ଟି-୨୦ ବିଶ୍ୱକପରେ ପ୍ରଥମ ବିଜୟ ହାସଲ କରିଛି। ଭାରତ ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୬ ୱିକେଟରେ ମାତ ଦେଇଛି ଟିମ୍ ଇଣ୍ଡିଆ 'କର ବା ମର' ସ୍ଥିତିରେ ଥିବା ଏହି ମ୍ୟାଚକୁ ସହଜରେ ଜିତି ସମ୍ମାନ ରକ୍ଷା କରିଛନ୍ତି ମହିଳା ବ୍ରିଗେଡ୍। ଭାରତୀୟ ମହିଳା ଦଳ ପାକିସ୍ତାନର ୧୦୬ ରନ ଟାର୍ଗେଟକୁ ଭାରତ ୧୯ ତମ ଓଭରରେ ୪ ୱିକେଟ ହରାଇ ହାସଲ କରିନେଇଥିଲା ଭାରତ ପକ୍ଷରୁ ଶେଫାଳି ବର୍ମା ୩୨ ରନ କରିଥିବାବେଳେ ଜେମିମା ରୋଡରିଗସ୍ ୨୩ ରନ କରିଥିଲେ। ମହାମୁକାବିଲା ବହୁତ ଧିମା ରହିଥିଲା, କାରଣ ଉଭୟ ଦଳ ମିଶି କି ମାତ୍ର ୨୧୧ ରନ କରି ପାରିଥିଲେ। ଉଭୟ ଇନିଂସରେ ମୋଟ୍ ୩୮.୫ ଓଭର ଖେଳ ହୋଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୨୦ ଓଭରରେ ୮ ୱିକେଟ୍ ହରାଇ ୧୦୫ ରନ କରିଥିଲା। ଇନିଂସରେ ଗୋଟିଏ ଛକା ମଧ୍ୟ ଦେଖିବାକୁ ମିଳି ନ ଥିଲା। ଜବାବରେ ଭାରତ ୧୮.୫ ଓଭରରେ ୪ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। କିନ୍ତୁ ଭାରତୀୟ ମହିଳା ଦଳ ଆବଶ୍ୟକ ନେଟ୍ ରନ ରେଟ୍ ହିସାବରେ ମ୍ୟାଚ୍ ଜିତି ପାରିନି।

ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମରେ ଖେଳା ଯାଇଥିଲା। ଏହି ହାଇଭୋଲଟେଜ୍ ମ୍ୟାଚ୍ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ମାତ୍ର ଭାରତୀୟ ବୋଲର୍ ଫତିମା ସନାଙ୍କ ନିଷ୍ପତ୍ତିକୁ ଭୁଲ୍ ପ୍ରମାଣିତ କରିଥିଲେ। ଆରମ୍ଭରୁ ଝଡ଼ାଇ ଥିଲେ ଗୋଟିଏ ପରେ ଗୋଟିଏ ୱିକେଟ୍।କୌଣସି ପାକିସ୍ତାନ ଖେଳାଳି ଭାରତୀୟ ବୋଲରଙ୍କ ଆଗରେ ବେଶି ସମୟ ଟିକ୍ସି ପାରିନଥିଲେ। ପାକିସ୍ତାନ ଦଳ ପକ୍ଷରୁ ମୁନୀବ ଅଲି ଏବଂ ଗୁଲ୍ ଫିରୋଜ ଓପନିଂ କରିଥିଲେ ମାତ୍ର ଆରମ୍ଭରୁ ଭାରତୀୟ ବୋଲଙ୍କ ଆଟାକିଂ ବୋଲିଂର ଶିକାର ହୋଇଥିଲେ ପାକିସ୍ତାନ ବାହିନୀ। ଦଳ ମାତ୍ର ଏକ ରନ୍ କରି ଥିବାବେଳେ ଫିରୋଜଙ୍କୁ ପାଭିଲିଅନ ରାସ୍ତା ଦେଖାଇଥିଲେ ରେଣୁକା ସିଂହ। ଫିରୋଜ ଖାତା ଖୋଲି ପାରିନଥିଲେ। ଏହାପରେ ସିଦ୍ରା ଅମିନ ମୁନୀବଙ୍କ ସାଥ୍ ଦେଇଥିଲେ। ମାତ୍ର ସେ ବି ବେଶି ସମୟ ଟିକ୍ସି ପାରିନଥିଲେ। ମାତ୍ର ୮ ରନ୍ କରି ଅରୁନ୍ଧତୀ ରେଡ୍ଡୀଙ୍କ ଶିକାର ହୋଇଥିଲେ। ଅନ୍ୟ କୌଣସି ବ୍ୟାଟର ମଧ୍ୟ ବଡ଼ ବଡ଼ ଶର୍ଟ୍ସ ଖେଳି ପାରିନଥିଲେ। ଫଳରେ ଦଳ ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ୧୦୫ ରନ୍ କରିଥିଲା। କେବଳ ନିଦା ଦର୍ ସର୍ବାଧିକ ୨୮ ରନ ଓ ମୁନିବା ଅଲ୍ଲି ୧୭ ରନ ଓ ସଇଦା ଆୟୁବ ୧୪ ରନ କରିଥିଲେ। ସେହିପରି ଫାତିମା ସାନା ୧୩ ରନ କରିଥିଲେ। ଅନ୍ୟ କେହି ବଡ଼ ଅଙ୍କ ଛୁଇଁ ପାରିନଥିଲେ। ଅରୁନ୍ଧତୀ ରେଡ୍ଡୀ ସର୍ବାଧିକ ତିନି ୱିକେଟ ନେଇ ଥିବାବେଳେ ଶ୍ରେୟଙ୍କା ପାଟିଲ ଦୁଇ, ରେଣୁକା ଠାକୁର, ଦୀପ୍ତି ଶର୍ମା ଏବଂ ଆଶା ଶୋଭନା ଗୋଟିଏ ଲେଖାଏଁ କେଟ୍ ନେଇଛନ୍ତି।

୧୦୬ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ଭାରତକୁ ୧୮ ରନ ସ୍କୋରରେ ସ୍ମିତି ମନ୍ଧାନା (୭ ରନ)ଙ୍କ ରୂପେ ପ୍ରଥମ ଝଟକା ଲାଗିଥିଲା। ଏହା ପରେ ଶେଫାଳି ବର୍ମା ଓ ଜେମିମା ରୋଡ୍ରିଗଜ ଦ୍ୱିତୀୟ ୱିକେଟ୍ ପାଇଁ ୪୩ ରନ ଯୋଡ଼ିଥିଲେ। ଶେଫାଳି ୩୫ ବଲରୁ ୩୨ ରନ କରି ପାଭିଲିୟନ ଫେରିଥିଲେ। ଜେମିମା ୨୩ ରନ କରିଥିବା ବେଳେ ରିଚା ଘୋଷ ଖାତା ଖୋଲିପାରି ନ ଥିଲେ। ଅଧିନାୟକ ହରମପ୍ରୀତ କୌର ୨୯ ରନର ଦ୍ରୁତ ଇନିଂସ ଖେଳି ରିଟାୟର୍ଡ ହଟ୍ ହୋଇଥିଲେ। ଦୀପ୍ତି ଶର୍ମା ୭ ରନ ଓ ଏସ ସଜନା ୪ ରନ କରି ଅପରାଜିତ ଥିଲେ। ଭାରତ ଧିମା ବ୍ୟାଟିଂ କରି ୧୮.୫ ଓଭରରେ ୪ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା।

ଭାରତୀୟ ଦଳ ସେମି ଫାଇନାଲ୍ ଦୌଡ଼ରେ ଥିଲେ ହେଁ ଲୋ ସ୍କୋରିଂ ମ୍ୟାଚ୍‌କୁ ୧୯ ଓଭର ପର୍ଯ୍ୟନ୍ତ ନେବା ଦଳ ପାଇଁ ଆଗାମୀ ସମୟରେ ମୁସ୍କିଲ ସ୍ଥିତି ସୃଷ୍ଟି କରିପାରେ। ଏହି ବିଜୟ ପରେ ବି ଭାରତ ଗ୍ରୁପ ଏର ପଏଣ୍ଟ ଟେବୁଲରେ ଚତୁର୍ଥ ସ୍ଥାନରେ ରହିଥିବା ବେଳେ ପରାଜୟ ପରେ ବି ପାକିସ୍ତାନ ତୃତୀୟ ସ୍ଥାନରେ ରହିଛି। ଭାରତୀୟ ଦଳ ଏହି ମ୍ୟାଚ୍‌କୁ ଅଳ୍ପ ଓଭରରେ ସାରିବାକୁ ଥରୁଟିଏ ବି ରିସ୍କ ଉଠାଇ ନ ଥିଲା। ଏହାର କାରଣ ପିଚ୍ ଧିମା ଓ ଆଉଟ୍ ଫିଲ୍ଡ ଭଲ ନ ଥିଲା ବଲ୍ ସୀମା ରେଖା ପାଖକୁ ପହଞ୍ଚିବା ମୁସ୍କିଲ ହୋଇଥିଲା।

## ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିଅନସିପରେ ଚମକିଲେ ଓଡ଼ିଆ ପୁଅ

କୋରାପୁଟ: ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟର ଗଣିତ ବିଭାଗର ପ୍ରଥମ ବର୍ଷର ଛାତ୍ର ରୋହିତ ପାତ୍ର ଦକ୍ଷିଣ ଆଫ୍ରିକାର ସନ୍ ସିଟିରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ପାୱାରଲିଫ୍ଟିଂ ଚାମ୍ପିଅନସିପରେ ୧୨୦ କିଲୋଗ୍ରାମ+ ସବ୍ ଜୁନିୟର ବର୍ଗରେ ଡେଡ ଲିଫ୍ଟ ରେ ସ୍ୱର୍ଣ୍ଣ ପଦକ ଏବଂ ବେଞ୍ଚ ପ୍ରେସରେ ରୌପ୍ୟ ପଦକ ହାସଲ କରିଛନ୍ତି। ଇଂଲଣ୍ଡର ଲିଲ ଆଣ୍ଡର୍ସ ଏବଂ ଉତ୍ତର ଆୟର୍ଲାଣ୍ଡର ଜ୍ୟାକ୍ ଗ୍ରାହାମଙ୍କ ଭଳି ଶୀର୍ଷ ଆଥଲେଟଙ୍କୁ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରି ରୋହିତଙ୍କ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ବିଶ୍ ସ୍ତରରେ ଚମତ୍କାର ପ୍ରଦର୍ଶନ କରିବା ସହ ଏହି ପଦକ ହାସଲ କରି ଭାରତ ଏବଂ ତାଙ୍କ ବିଶ୍ୱବିଦ୍ୟାଳୟ ଏବଂ ତାଙ୍କ ସହର କୋରାପୁଟକୁ ଗର୍ବିତ କରିଛନ୍ତି।



ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ରୋହିତଙ୍କ ଏହି ସଫଳତା କେବଳ ବିଶ୍ୱବିଦ୍ୟାଳୟ ପାଇଁ ନୁହେଁ ବରଂ ସମଗ୍ର ଦେଶ ପାଇଁ ଗର୍ବ ଆଣିଛି ବୋଲି ଆଲୋକପାତ କରିଥିଲେ ।ରୋହିତଙ୍କ ବିଜୟ କେବଳ ତାଙ୍କ ପାଇଁ ନୁହେଁ ବରଂ ଆମ ବିଶ୍ୱବିଦ୍ୟାଳୟ, ଆମ ରାଜ୍ୟ ଏବଂ ଆମ ଦେଶ ପାଇଁ ଏକ ଐତିହାସିକ ମୁହୂର୍ତ୍ତ ତାଙ୍କର କର୍ତବ୍ୟ ଏବଂ ନିଷ୍ଠା ତାଙ୍କୁ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।ଆଦିବାସୀ ଐତିହ୍ୟ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଜଣାଶୁଣା କୋରାପୁଟରେ ଏହି ସଫଳତା ଏବେ ପ୍ୟାରଲିଫ୍ଟିଂ ଚାମ୍ପିୟନ ସୃଷ୍ଟି ପାଇଁ କୋରାପୁଟ ପରିଚିତ ହେବ ବୋଲି ପ୍ରଫେସର ତ୍ରିପାଠୀ କହିଛନ୍ତି।

# ଟି୨୦ ସିରିଜ୍ : ଭାରତର ସହଜ ବିଜୟ



ଗ୍ୱାଲିୟର,୬।୧୦: ସେହିପରି ଭାରତ ଓ ବାଂଲାଦେଶ ମଧ୍ୟସ୍ଥ ୩ଟି ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ସିରିଜ୍ ଆଜିଠାରୁ ଆରମ୍ଭ ହୋଇଛି ।ଆଉ ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ୭ ୱିକେଟ୍‌ରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ। ଏହା ସହିତ ସିରିଜ୍‌ରେ ୧-୦ରେ ଆଗୁଆ। ହୋଇଛି ଭାରତ।

ଗ୍ୱାଲିୟରରେ ଖେଳା ଯାଇଥିବା ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଟିମ୍ ଇଣ୍ଡିଆ। ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୧୯.୫ ଓଭରରେ ସମସ୍ତ ୱିକେଟ ହରାଇ ମାତ୍ର ୧୨୭ ରନ୍ ସଂଗ୍ରହ କରିଥିଲା।

ଦଳ ପକ୍ଷରୁ ମେହିଦ ହାସନ ମିରାଜ ଅପରାଜିତ ରହି ସର୍ବାଧିକ ୩୫ ରନ୍ କରିଥିବା ବେଳେ ଅଧିନାୟକ ନଜମୁଲ ହୁସେନ ସାଣ୍ଟୋ ୨୭ ରନ୍ କରିଥିଲା। ଅନ୍ୟ କୌଣସି ବ୍ୟାଟର ବଡ଼ ସ୍କୋର କରିବାରେ ସଫଳ ହୋଇ ନଥିଲେ। ଲିଟନ ଦାସ ୪ ରନ୍ କରି ଆଉଟ୍ ହୋଇଥିବା ବେଳେ ପରଭେଜ ହୁସେନ ଇମୋନ ୮, ତହିଦ ହୃଦୟ ୧୨, ମହମ୍ମଦୁଲ୍ଲା ୧, ଜାକେର ଅଲ୍ଲୀ ୮, ରିଶାଦ ହୁସେନ ୧୧ ଓ ତସ୍କିନ ଅହମଦ ୧୨ ରନ୍ କରିଥିଲେ।

ଭାରତ ପକ୍ଷରୁ ଅର୍ଶଦୀପ ସିଂହ ଓ ବରୁଣ ଚକ୍ରବର୍ତ୍ତୀ ୩ଟି ଲେଖାଏ ୱିକେଟ୍ ନେଇଥିବା ବେଳେ ହାର୍ଦ୍ଦିକ ପାଣ୍ଡ୍ୟା, ମୟଙ୍କ ଯାଦବ ଓ ୱାଶିଂଟନ ସୁନ୍ଦର ଗୋଟିଏ ଲେଖାଏଁ ୱିକେଟ୍ ପାଇଥିଲା। ମୟଙ୍କ ଯାଦବଙ୍କର ଏହା ଡେବ୍ୟୁ ମ୍ୟାଚ୍ ଥିଲା ।ଏଥିରେ ସେ ୪ ଓଭରରେ ୨୧ ରନ୍ ଦେଇ ଗୋଟିଏ ୱିକେଟ୍ ପାଇଛନ୍ତି ।ତାଙ୍କର ପ୍ରଥମ ଓଭର ମେଡେନ୍ ରହିଥିଲା ଅର୍ଥାତ ପ୍ରଥମ ଓଭରରେ କୌଣସି ରନ୍ ଦେଇ ନଥିଲେ।

ଅନ୍ୟପକ୍ଷରେ ୧୨୮ ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ଅତି ସହଜରେ ହାସଲ କରି ନେଇଥିଲା। ଦଳ ମାତ୍ର ୧୧.୫ ଓଭରରେ ୩ଟି ୱିକେଟ୍ ୧୩୨ ରନ୍ କରିଥିଲା ।ହାର୍ଦ୍ଦିକ ପାଣ୍ଡ୍ୟା ଧୂଆଁଧାର ବ୍ୟାଟିଂ କରିଥିଲେ। ସେ ୧୬ଟି ବଲ୍‌ରୁ ୫ଟି ଚୌକା ଓ ୨ଟି ଛକା ସହାୟତାରେ ୩୯ ରନ୍ କରି ଅପରାଜିତ ରହିଥିଲେ। ଓପନର ସଞ୍ଜୁ ସାମସନ ୧୯ଟି ବଲ୍‌ରୁ ୨୯ ରନ୍ କରିଥିବା ବେଳେ ଅଭିଷେକ ଶର୍ମା ୭ଟି ବଲ୍‌ରୁ ୧୬ ରନ୍ କରିଥିଲେ। ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ୧୪ଟି ବଲ୍‌ରୁ ୨୯ ରନ୍ କରିଥିବା ବେଳେ ନୀତୀଶ କୁମାର ରେଡ୍ଡୀ ୧୫ଟି ବଲ୍‌ରୁ ୧୬ ରନ୍ କରି ଅପରାଜିତ ରହିଥିଲେ।

## ରାଜ୍ୟ ତୀରନ୍ଦାଜ ପାଇଁ ଢେଙ୍କାନାଳରୁ ୯ ଜଣିଆ ଦଳ ମନୋନୀତ

ଢେଙ୍କାନାଳ,୬।୧୦: ଚଳିତ ମାସ ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଜିଲ୍ଲାର ଜୁଜୁମୁରା ଠାରେ ହେବାକୁ ଥିବା ରାଜ୍ୟ ତୀରନ୍ଦାଜ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଢେଙ୍କାନାଳ ଜିଲ୍ଲା ତରଫରୁ ବାଳିକା ବିଭାଗରେ ଆଦ୍ୟାଶା ପତି, ସିଖାରାଣୀ ବେହେରା, ଧୁକି ଶୁଣ୍ଡି, ଶ୍ରଦ୍ଧାଞ୍ଜଳି ଦେହୁରୀ ଓ ବାଳକ ବିଭାଗରେ ଦଶରଥ ମହନ୍ତ, ସୌମ୍ୟରଞ୍ଜନ ମହନ୍ତ । ବାଳିକାମାନଙ୍କର କୋଚ୍ ଭାବେ ସେଂଟ୍ ଜାଭିୟର୍ସ ସ୍କୁଲ୍‌ର କ୍ରୀଡା ପ୍ରଶିକ୍ଷକ ନର୍ମଦା ମହାପାତ୍ର ଓ ବାଳକମାନଙ୍କର କୋଚ୍ ଭାବେ ମା' ଚର୍ଚ୍ଚିକା ଜି.ପି. ଉଚ୍ଚବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଟଙ୍କଧର ବାରିକ ଏବଂ ମ୍ୟାନେଜର ଭାବେ ସନ୍ତୋଷ କୁମାର ସ୍ୱାଇଁ ମନୋନିତ ହୋଇଛନ୍ତି ବୋଲି ଜିଲ୍ଲା ତୀରନ୍ଦାଜ ସଂଘ ସଂପାଦକ ଡଃ ଅମୀୟ କୁମାର ଚାନ୍ଦ ଜଣାଇଛନ୍ତି।

## ସିଙ୍ଗାପୁରରେ ବନ୍ଦ ହେଲା ୧୮୨ ବର୍ଷର ଘୋଡ଼ା ଦୌଡ଼ ପରମ୍ପରା



କ୍ରାଞ୍ଜି,୬।୧୦: ଜମି ଅଭାବ ଯୋଗୁ ସିଙ୍ଗାପୁର ଘୋଡ଼ା ଦୌଡ଼ର ୧୮୨ ବର୍ଷ ପ୍ରାଚୀନ ବ୍ରିଟିଶ ଶାସନ କାଳର ପରମ୍ପରାକୁ ଗୁଡବାୟ କହିଛି। କ୍ରାଞ୍ଜିର ପ୍ରତିଷ୍ଠିତ ସିଙ୍ଗାପୁର ଟର୍ଫ କ୍ଲବ (ଏସଟିସି) ରେସକୋର୍ସ ହାଉସିଂ ଓ ଅନ୍ୟ ବିକାଶ ପ୍ରକଳ୍ପକୁ ସ୍ଥାନଦେବା ପାଇଁ ନିଜ ଦ୍ୱାରକୁ ସବୁଦିନ ନିମନ୍ତେ ବନ୍ଦ କରିଦେଇଛି ।ଷ୍ଟ୍ରେଟସ ଟାଇମ ରିପୋର୍ଟ ଅନୁସାରେ ଏସଟିସି ସବୁଦିନ ପାଇଁ ବନ୍ଦ ହେବା ପୂର୍ବରୁ ଶନିବାର ଶେଷ ଘୋଡ଼ା ଦୌଡ ଆୟୋଜନ କରିଥିଲା, ଯାହାକୁ ଦେଖିବାକୁ ଘୋଡାଦୌଡ଼ ସୌକିନ ଲୋକେ ପହଞ୍ଚିଥିଲେ ।

ସିଙ୍ଗାପୁରରେ ଏସଟିସି ୧୮୪୨ରୁ ଘୋଡା ଦୌଡ଼ ପସନ୍ଦ କରୁଥିବା ଲୋକଙ୍କ ଠିକଣା ହୋଇ ରହିଥିଲା। ଏସଟିସି ୧୮୨ ବର୍ଷର ଯାତ୍ରାକୁ ୧୦ଟି ଦୌଡରେ ଭବ୍ୟ ବିଦାୟୀ ସହିତ ସମାପନ କରିଛି ଏହି ସମାପନ ଉତ୍ସବ ୧.୩୮ ମିଲିୟନ ସିଙ୍ଗାପୁର ଡଲାରର ଗ୍ରାଣ୍ଡ ସିଙ୍ଗାପୁର ଗୋଲ୍ଡ କପରେ ହୋଇଛି। ଏସଟିସି ରେସକୋର୍ସର ୧୨୪ ହେକ୍ଟର ଜମି ମାର୍ଚ୍ଚ ୨୦୨୭ ସୁଧା ସିଙ୍ଗାପୁର ସରକାରଙ୍କୁ ହସ୍ତାନ୍ତରିତ କରିଦିଆଯିବ ସିଙ୍ଗାପୁରରେ ୧୮୦ ବର୍ଷ ପୂର୍ବେ ସ୍କଟଲ୍ୟାଣ୍ଡ ବ୍ୟବସାୟୀ ଲିୟମ ହେନରୀ ମ୍ୟାକଲିୟୋଡ ରିଡ ଘୋଡ଼ାଦୌଡ଼ ଆରମ୍ଭ କରିଥିଲେ। ୧୯୨୪ ମସିହାରେ ଏହାର ନାମ ବଦଳାଇ ସିଙ୍ଗାପୁର ଟର୍ଫ କ୍ଲବ ବାଏସଟିସି କରି ଦିଆଯାଇଥିଲା ରେସିଂ ପ୍ରତି ବଢୁଥିବା ଆଗ୍ରହକୁ ଦେଖି ଏସଟିସି ତାଙ୍କର ସେରାଙ୍ଗୁନ ରୋଡ (ଫର୍ରେ ପାର୍କ) ରେସ୍ କୋର୍ସକୁ ବିକ୍ରି କରି ୧୫ ଏପ୍ରିଲ ୧୯୩୩ରେ ସିଙ୍ଗାପୁର ଗଭର୍ଣ୍ଣର ସାର ସେସିଲ କ୍ଲେମେଣ୍ଟି ବୁକିଟ୍ ତିମାହରେ ଏକ ନୂଆ। ରେସକୋର୍ସ ଖୋଲିଥିଲେ। ଶେଷରେ ୧୯୯୯ ମସିହାରେ ଏହାକୁ କ୍ରାଞ୍ଜିକୁ ସ୍ଥାନାନ୍ତରିତ କରି ଦିଆଯାଇଥିଲା ତାହା ଏବେ ବନ୍ଦ ହୋଇଯାଇଛି।

## ରାଜ୍ୟସ୍ତରୀୟ ଭଲିବଲ ପ୍ରତିଯୋଗିତାରେ ଭାଗ ନେବେ ସୁମିତ୍ରା

ବାରିପଦା,୬।୧୦: ଗଜପତି ଜିଲ୍ଲାସ୍ଥିତ ଏମ.ଆର. ବାଳକ ହାଇସ୍କୁଲ, ପାରଳାଖେମୁଣ୍ଡି ରେ ଚାଲିଥିବା ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ଭଲିବଲ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ଚବିଶ ଜଣ କ୍ରୀଡ଼ାବିତ ଯୋଗ ଦେଇଛନ୍ତି ବୋଲି ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ପ୍ରକାଶ କରିଛନ୍ତି। ଏମାନଙ୍କ ମଧ୍ୟରୁ ୧୭ ବର୍ଷରୁ କମ ବାଳିକା ବିଭାଗରେ ବାରିପଦା ବ୍ଲକ ଅନ୍ତର୍ଗତ ବଡ଼ବ୍ରାହ୍ମଣମରା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଯୁକ୍ତ କଳା ପ୍ରଥମ ବର୍ଷର ଛାତ୍ରୀ ସୁମିତ୍ରା ସିଂ ରାଜ୍ୟ ସ୍ତରୀୟ ପାଇଁ ଚୟନ ହୋଇଛନ୍ତି. ଏଥିପାଇଁ ଉକ୍ତ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆରତୀ ଟୁଡୁ, ଓଡ଼ିଆ। ପ୍ରଧାପକ ପ୍ରଶାନ୍ତ ବାରିକ, ଇଂରାଜୀ ପ୍ରଧାପକ ଦେବସ୍ମିତା ଦାସ,ଅର୍ଥନୀତି ପ୍ରଧାପକ ଦେବାଶିଷ ବେହେରା, ସାମାଜିକ ବିଜ୍ଞାନ ପ୍ରଧାପକ ଦୀନକୃଷ୍ଣ ମହାନ୍ତ, ରାଜନୀତି ବିଜ୍ଞାନ ପ୍ରଧାପକ ଅଙ୍କିତା ସାହୁ, ଅଫିସ ସହାୟକ ମଳୟ ବାରିକ ,ପିଇଟି କୁମାରେନ୍ଦ୍ର ମହାନ୍ତ, ମାଧ୍ୟମିକ ବିଦ୍ୟାଳୟ ପରିଚାଳନା କମିଟି ର ସମସ୍ତ ସଦସ୍ୟ, ଆଲୁମିନି କମିଟିର ସମସ୍ତ ସଦସ୍ୟ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣେଇବା ସହ ରାଜ୍ୟ ସ୍ତରରେ ସଫଳତା କାମନା କରିଛନ୍ତି।

## 'ସେହ୍ୱାଗଙ୍କୁ ପିଟିଥିଲେ ଜନ୍ ରାଇଟ୍'

ନୂଆଦିଲ୍ଲୀ,୫।୧୦: ଭାରତୀୟ କ୍ରିକେଟ ଦଳର ପୂର୍ବତନ ଓପନର୍ ବିରେନ୍ଦ୍ର ସେହାଗ ସବୁ ସମୟରେ ସବୁଠାରୁ ବିପଜ୍ଜନକ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ବିବେଚିତ ହୋଇଛନ୍ତି ସବୁବେଳେ ପଡ଼ିଆରେ ରିସ୍କ ନେଇଥିବା ଏହି ବ୍ୟାଟ୍ସମ୍ୟାନ ପ୍ରାୟତଃ କୋଚ ଏବଂ ବରିଷ୍ଠ ଖେଳାଳିଙ୍କ ସହ ସତର୍କତାର ସହ ପଡିଆରେ ଖେଳିବାକୁ ନେଇ ଆଲୋଚନା ହୋଇଥାଏ। ଥରେ ଭାରତୀୟ ଦଳର କୋଚ ତାଙ୍କର ରିସ୍କ ନେବା ଅଭ୍ୟାସରେ ଏତେ ରାଗି ଯାଇଥିଲେ ଯେ ସେ ତାଙ୍କୁ ପିଟିଥିଲେ। ମହାନ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଡ୍ରେସିଂ ରୁମରେ ଏହା ଦେଖିଥିଲେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ କରିନଥିଲେ।



ଆନ୍ତର୍ଜାତୀୟ କ୍ରିକେଟରେ ପ୍ରବେଶ କରିଥିବା ସମସ୍ତ ବିସ୍ଫୋରକ ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ବିରେନ୍ଦ୍ର ସେହାଗ ସବୁଠାରୁ ଆକ୍ରମଣାତ୍ମକ ବୋଲି ବିବେଚନା କରାଯାଏ। ପ୍ରଥମ ବଲରେ ବୋଲରମାନଙ୍କ ମୁଣ୍ଡ ବିଗାଡିଥିବା ଏହି ଭାରତୀୟ ଓପନର୍ କେବେବି କାହା କଥା ଶୁଣିଲେ ନାହିଁ। ସେ ଖେଳିବାବେଳେ ତାଙ୍କ ଆଦର୍ଶ ସଚିନ ତେନ୍ଦୁଲକରଙ୍କ ପରାମର୍ଶ ମଧ୍ୟ ପାଳନ କରିନଥିଲେ। ପୂର୍ବତନ ଭାରତୀୟ ଅଧିନାୟକ ସୌରଭ ଗାଙ୍ଗୁଲି ଏକ ପୁରୁଣା କଥା କହିବା ବେଳେ କହିଥିଲେ ଯେ ସେହାଗଙ୍କ ରିସ୍କ ନେବା ଏବଂ କାହା କଥା ନ ଶୁଣିବା ଅଭ୍ୟାସ ଦଳର ପୂର୍ବତନ ପ୍ରଶିକ୍ଷକ ଜନ ରାଇଟଙ୍କୁ କ୍ରୋଧିତ କରିଥିଲା।

ମୋର ଏଜବେଷ୍ଟରରେ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ ମନେ ଅଛି ଆମ ସାମ୍ନାରେ ୨୧୦ ରନ ର ଏକ ଛୋଟ ଲକ୍ଷ୍ୟ ଥିଲା। ବିରେନ୍ଦ୍ର ସେହାଗ ବହୁତ ସଟ ମାରିଥିଲେ ଏବଂ ଆମେ ସେହି ମ୍ୟାଚ ଜିତିଥିଲୁ। ମ୍ୟାଚ ସରିବା ପରେ, ଯେତେବେଳେ ମୁଁ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଡ୍ରେସିଂ ରୁମକୁ ଯାଇଥିଲି, ସେଠାରେ ସମ୍ପୂର୍ଣ୍ଣ ନିରବତା ରହିଥିଲା। ମୁଁ ଅନିଲ କୁମ୍ବଲେଙ୍କ ନିକଟକୁ ଯାଇ କଣ ହେଲା ବୋଲି ପଚାରିଲି। ସେ ମୋତେ ବାହାରକୁ ଆଣି ମୋତେ କହିଥିଲେ, ଜନ ରାଇଟ ବିରେନ୍ଦ୍ର ସେହାଗଙ୍କୁ ପିଟିଛନ୍ତି। ଗାଙ୍ଗୁଲି ଆହୁରି କହିଛନ୍ତି, ମୁଁ ଅନିଲଙ୍କୁ ପଚାରିଲି, ମୁଥ ମାରିବା ଅର୍ଥ ଏହା ଥଟ୍ଟାରେ ନା ବାସ୍ତବରେ ଏମିତି ଘଟିଛି । ଏହାର ଉତ୍ତରରେ ଅନିଲ କୁମ୍ବଲେ କହିଛନ୍ତି, ବିରେନ୍ଦ୍ର ସେହାଗ ଡ୍ରେସିଂ ରୁମକୁ ଆସିଥିଲେ ଏବଂ ଜନ ରାଇଟ ତାଙ୍କୁ କଲାର ଧରି କୋଣକୁ ଠେଲି ଦେଇଥିଲେ ଏବଂ ପରେ ତାଙ୍କୁ ଜୋରରେ ପିଟିଥିଲେ। କହିଥିଲେ ବର୍ତ୍ତମାନ ତୁମେ ଆଉ ଭାରତ ପାଇଁ ଖେଳିବ ନାହିଁ, କାରଣ ତୁମେ ମାରିଥିବା ସେହି ଗୋଟିଏ ସଟ୍ ଯୋଗୁଁ ଭାରତ ହାରି ଯାଇଥାନ୍ତା। ଗାଙ୍ଗୁଲି କହିଛନ୍ତି, ମୁଁ ଜନ ରାଇଟଙ୍କ ନିକଟକୁ ଯାଇ ତାଙ୍କୁ ପଚାରିଲି ତୁମେ ସେହାଗକୁ ପିଟିଛ କି ? ଉତ୍ତର ହଁ ଥିଲା, ମୁଁ ମାରିଲି। ମୁଁ ପଚାରିଲି ସେହାଗ ତୁମକୁ ପଛକୁ ଧକ୍କା ଦେଇଛି ।ଉତ୍ତରଟି ନାହିଁ। ଏହା ପରେ ଯେତେବେଳେ ମୁଁ ହୋଟେଲକୁ ଫେରିଥିଲି, ମୁଁ ଯାଇ ସଚିନ ତେନ୍ଦୁଲକରଙ୍କୁ ଭେଟିଥିଲି। ତାଙ୍କୁ ପଚାରିଲେ, ଆପଣ ଜନ ରାଇଟ ସେହାଗଙ୍କୁ ପିଟିବା ବିଷୟରେ ଶୁଣିଛନ୍ତି କି ? ଏହାର ଉତ୍ତର ଆସିଲା ଓହ ହଁ, ଯେତେବେଳେ ଜନ ସେହାଗଙ୍କୁ ପିଟିଲେ, ମୁଁ ସେତେବେଳେ କୋଣରେ ଠିଆ ହୋଇ ନ ଥିଲି ମୋ ଚା ଉପଭୋଗ କରୁଥିଲି।

## ଶାମିଙ୍କୁ ନେଇ ଚିନ୍ତା ବଢ଼ିଲା

ନୂଆଦିଲ୍ଲୀ,୬।୧୦: ଦଳକୁ କେବେ ଫେରିବେ ମହମ୍ମଦ ଶାମି, ଏହା ଉପରେ କ୍ରିକେଟ ପ୍ରଶଂସକଙ୍କ ନଜର କାରଣ ଆସନ୍ତା ମାସ ଭାରତୀୟ ଟିମ୍ ଲାଗି ବେଶ ଗୁରୁତ୍ୱପୂର୍ଣ୍ଣ ସର୍ବପ୍ରଥମେ ଦଳ ୩ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ ସିରିଜ ଖେଳିବ। ଏହାପରେ ୫ ଟେଷ୍ଟ ମ୍ୟାଚ୍ ଲାଗି ଦଳ ଅଷ୍ଟ୍ରେଲିଆ ଗସ୍ତ କରିବ। ଏହି ୭ ମୁକାବିଲାରୁ ଦଳର ଡବ୍ଲ୍ୟୁଟିସି ଫାଇନାଲ ଟିକେଟ ପକ୍କା ହୋଇପାରେ। ଏସବୁ ମଧ୍ୟରେ ଟିମ୍ ଇଣ୍ଡିଆର ଚିନ୍ତା ବଢ଼ାଇବା ଭଳି ଖବର ସାମ୍ନାକୁ ଆସିଛି। ଏକ ରିପୋର୍ଟ ମୁତାବକ ଶାମିଙ୍କୁ ରଣଜୀ ଟ୍ରଫି ପୂର୍ବରୁ ୨ ମ୍ୟାଚ ଲାଗି ପଶ୍ଚିମବଙ୍ଗ ଟିମ୍‌ରେ ଚୟନ କରାଯାଇଛି। ଅର୍ଥାତ ସେ ଯଦି ଏହାକୁ ଖେଳିବେ। ତେବେ ଦଳକୁ ଫେରିବାକୁ ସମୟ ଲାଗିପାରେ। ଶେଷ ଥର ଲାଗି ଶାମି ୨୦୨୩ ବିଶ୍ୱକପ୍ ଫାଇନାଲ ଖେଳିଥିଲେ ।ଏହା ପରେ ପ୍ରାୟ ୧୧ ମାସ ଧରି ସେ କ୍ରିକେଟରୁ ଦୂରରେ ରହିଛନ୍ତି ସେ ଫେବୃୟାରୀରେ ନିଜର ଅସ୍ତ୍ରୋପଚାର କରାଇଥିଲେ। ଏବେ ସେ ବାଙ୍ଗାଲୋରର ନ୍ୟାଶନାଲ କ୍ରିକେଟ ଏକାଡେମୀରେ ରିହାବ କରୁଛନ୍ତି ରଣଜୀ ଟ୍ରଫିରେ ସେ ଫେରିପାରନ୍ତି ବୋଲି ଆଶା କରାଯାଉଛି। ଅଷ୍ଟ୍ରେଲିଆ। ଗସ୍ତରେ ଭାରତୀୟ ଟିମ୍ ନଭେମ୍ବର ୨୨ରେ ପ୍ରଥମ ଟେଷ୍ଟ ମ୍ୟାଚ୍ ଖେଳିବ।

## ପନ୍ତଙ୍କ ଗୁମର ଖୋଲିଲେ ଅଷ୍ଟ୍ରେଲୀୟ ଖେଳାଳି

ନୂଆଦିଲ୍ଲୀ,୫।୧୦: ବିଗତ କିଛି ବର୍ଷ ମଧ୍ୟରେ ଭାରତ-ଅଷ୍ଟ୍ରେଲିଆ। କ୍ରିକେଟରେ ପ୍ରତିଦ୍ୱନ୍ଦ୍ୱିତା ରୋମାଞ୍ଚର ଖୋରାକ ଯୋଗାଉଛି ଖେଳର ତିନୋଟି ଫର୍ମାଟରେ ଉଭୟ ଟିମ୍ ବିଶ୍ୱର ଶ୍ରେଷ୍ଠ କ୍ରିକେଟ ଦଳରେ ଗଣା ହୋଇଥାନ୍ତି ଯେବେ ବି ଏହି ଦୁଇ ଦଳ ମୁହାଁମୁହିଁ ହୋଇଥାନ୍ତି, ଜବରଦସ୍ତ କ୍ରିକେଟ ସହ ସ୍ଲେଜିଂ ଚର୍ଚ୍ଚାରେ ରହିଥାଏ



ଅଷ୍ଟ୍ରେଲିଆର କିଛି ଖେଳାଳି ସ୍ଲେଜିଂ କରିବାକୁ ନେଇ ଚର୍ଚ୍ଚାରେ ରହିଥାନ୍ତି ହେଲେ ଏହି ମାମଲାରେ ଭାରତୀୟ ଖେଳାଳି ବି ପଛରେ ନାହାନ୍ତି ମଇଦାନରେ ବିରାଟ କୋହଲି ସବୁଠାରୁ ଅଧିକ ଆକ୍ରାମକ ନଜର ଆସିଥାନ୍ତି ମାତ୍ର ଅଷ୍ଟ୍ରେଲିଆ। ଖେଳାଳି ଏହା ଭାବନ୍ତି ନାହିଁ

ଷ୍ଟାର ସ୍ପୋର୍ଟସ୍ ଦ୍ୱାରା ଜାରି ଏକ ଭିଡିଓରେ ଅଷ୍ଟ୍ରେଲିୟ ଖେଳାଳି(ମିଚେଲ ଷ୍ଟାର୍କ, ଜୋଶ ହାଜଲଉଡ୍, ନାଥାନ ଲିଅନ୍, ପ୍ୟାଟ କମିନ୍,ଉସମାନ ଖ୍ୱାଜା, ଟ୍ରାଭିସ ହେଡ୍) ପ୍ରମୁଖ ଏକତ୍ର ଋଷଭ ପନ୍ତଙ୍କ ନାମ ନେଇଥିଲେ। ୨୦୧୮ରେ ଭାରତ-ଅଷ୍ଟ୍ରେଲିଆ। ଗସ୍ତ ସମୟରେ ପନ୍ତ ଟିମ୍ ପେନ୍‌ଙ୍କ ସହ ନିଜର ମଜାଳିଆ। ବାର୍ତ୍ତାଳାପ ସହ କ୍ରୀଡା ପ୍ରଶଂସକଙ୍କ ହୃଦୟ ଜିତିଥିଲେ। ଅପରପକ୍ଷେ ଭିଡିଓରେ ପନ୍ତ କହିଛନ୍ତି ଯେ, ସେ କୌଣସି ଯୋଜନା କରି ସ୍ଲେଜିଂ କରି ନ ଥାନ୍ତି। ଯଦି କେହି ଏଭଳି କରିଥାଏ ତେବେ ଭଲ ଲାଗେନାହିଁ,ଏଣୁ ମୁଁ ବିନମ୍ରତା ସହ ସ୍ଲେଜିଂ କରେ। ଏହାଛଡ଼ା ଅଷ୍ଟ୍ରେଲିଆ। ପ୍ରଧାନମନ୍ତ୍ରୀ ତାଙ୍କୁ ଏହି ସ୍ଲେଜିଂ ଯୋଗେ ଜାଣିଥିଲେ ବୋଲି ସେ କହିଥିଲେ। ତେବେ ଆଗାମୀ ଦିନରେ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ପନ୍ତ ଖେଳୁଥିବା ନଜର ଆସିବେ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ